# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମେ ୨୫/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 25/2025 Page 16 ₹ 7.00

୫୧ଶ ଭାଗ ୧୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 179 ମୂଲ୍ୟ₹୭/-





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in





ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ନୀତି ଆୟୋଗର ୧୦ମ ଗଭର୍ନିଂ କାଉନ୍ସିଲ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀବୃନ୍ଦ ଏବଂ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ। **(ଫଟୋ: ଚମନ ଗୌତମ)**

## କେରଳ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୨୪ା୫(ପି.ଟି.)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର କେରଳ ଛୁଇଁଛି। ଦୀର୍ଘ ୧୬ ବର୍ଷ ପରେ ପ୍ରଥମ ଥର ପାଇଁ ମୌସୁମୀ ସ୍ୱାଭାବିକ ସମୟଠାରୁ ୮ ଦିନ ପୂର୍ବରୁ ଭାରତର ମୁଖ୍ୟ ଭୂଖଣ୍ଡରେ ପହଞ୍ଚିଛି। ଏହା ପୂର୍ବରୁ ୨୦୦୯ରେ ମୌସୁମୀ ମେ' ୨୩ରେ କେରଳ ଛୁଇଁଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ମୌସୁମୀ ପ୍ରଭାବରେ କେରଳର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ☞ପୃଷ୍ଠା-୨

## ଅଭିନେତା ମୁକୁଲ ଦେବଙ୍କ ପରଲୋକ



ମୁମ୍ବାଇ,୨୪ା୫

'ସନ୍ ଅଫ୍ ସର୍ଦ୍ଦାର', 'ୟାମଲା ପାଗଲା ଦିୱାନା' ଏବଂ 'ଜୟ ହୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୁକୁଲଙ୍କ ପରଲୋକ ଘଟିଥିବା ନେଇ ତାଙ୍କ ଭାଇ ରାହୁଲ ଦେବ ଏବଂ ଘନିଷ୍ଠ ବନ୍ଧୁ ବିନ୍ଦୁ ଦାରା ସିଂ ସୂଚନା ଦେଇଛନ୍ତି। ସେ ୮ରୁ ୧୦ ଦିନ ଧରି ଅସୁସ୍ଥ ଥିଲେ। ପୂର୍ବତନ ମଡେଲ ମୁକୁଲ ୧୯୯୬ରେ ବଲିଉଡ୍ ଚଳଚ୍ଚିତ୍ର 'ଦସ୍ତକ'ରେ ପ୍ରଥମେ ଅଭିନୟ କରିଥିଲେ। ସେ ହିନ୍ଦୀ, ପଞ୍ଜାବୀ, ବେଙ୍ଗଲୀ ଓ ତେଲୁଗୁ ଫିଲ୍ମରେ ଖଳନାୟକ ଓ ପାର୍ଶ୍ୱ ଅଭିନେତା ଭୂମିକାରେ ଦେଖାଦେଇଥାନ୍ତି। ତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟରେ ରହିଛି ଅଜୟ ଦେବଗନ୍‌ଙ୍କ 'ସନ୍ ଅଫ୍ ସର୍ଦ୍ଦାର', ସଲ୍‌ମାନ ଖାନ୍‌ଙ୍କ ଅଭିନୀତ ଜୟ ହୋ ଏବଂ ଧର୍ମେନ୍ଦ୍ର, ସନି ଦେଓଲ ଓ ବବି ଦେଓଲ୍ ଅଭିନୀତ ୟାମ୍‌ଲା ପାଗଲା ଦିୱାନା, କୋହରାମ, ୱାର ଛୋଡ୍ ନା ୟାର। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା**

# ଦେଶ ବିକାଶର ଇଞ୍ଜିନ୍ ହେବ ଓଡ଼ିଶା

ଓଡ଼ିଶା ଭାରତର ବିକାଶରେ ଇଞ୍ଜିନ୍ ପାଲଟିବ ବୋଲି ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟର ୬ ସହରକୁ ନେଇ ମେଟ୍ରୋପଲିଟାନ୍ ରିଜିଅନ୍ କରାଯିବାର ପ୍ରସ୍ତାବ ରହିଥିବା ନେଇ ମୁଖ୍ୟମନ୍ତ୍ରୀ ବୈଠକରେ ତଥ୍ୟ ଉପସ୍ଥାପନ କରିଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଓଡ଼ିଶାବାସୀଙ୍କ ଲକ୍ଷ୍ୟ ରହିଥିବା ବିଷୟ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ରାଜ୍ୟ ପ୍ରତି ଥିବା ସହଯୋଗ ଓ ସଦିଚ୍ଛା କଥା ମୁଖ୍ୟମନ୍ତ୍ରୀ ମାଝୀ ଦୋହରାଇଛନ୍ତି।

**ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମାଝୀ**

- **ରାଜ୍ୟର ୬ ସହରାଞ୍ଚଳକୁ ନେଇ ପ୍ରତିଷ୍ଠା ହେବ ମେଟ୍ରୋପଲିଟାନ୍ ରିଜିଅନ୍**
- **୨୦୩୬ ସୁଦ୍ଧା ୫୦୦ ବିଲିୟନ୍, ୨୦୪୭ ବେଳକୁ ୧.୫ ଟ୍ରିଲିୟନ୍ ଅର୍ଥନୀତି ଲକ୍ଷ୍ୟ**
- **ଜୁନ୍ ୧୨ରେ ଉନ୍ମୋଚିତ ହେବ ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ'**
- **୫ ବର୍ଷରେ ଖାଲି ପଦବୀ ପୂରଣ ପାଇଁ ୧.୫ ଲକ୍ଷ ନିଯୁକ୍ତି**

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ସୁନିତ୍ ମିଶ୍ର),୨୪ା୫

ଓଡ଼ିଶା ଆଗାମୀ ୧୫ ବର୍ଷରେ ଦେଶ ବିକାଶର ଗ୍ରୋଥ୍ ଇଞ୍ଜିନ୍ ହେବାକୁ ଯାଉଛି। ଏଥିସକାଶେ ଆସନ୍ତା ଜୁନ୍ ୧୨ରେ ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ' ଉନ୍ମୋଚନ କରାଯିବ। ଓଡ଼ିଶା ସରକାର ରାଜ୍ୟର ୬ଟି ସହରାଞ୍ଚଳକୁ ଏକ ମେଟ୍ରୋପଲିଟାନ୍ ରିଜିଅନ୍ ରୂପେ ବିକଶିତ କରିବା ପାଇଁ ଯୋଜନା କରିଛନ୍ତି। ପ୍ରସ୍ତାବିତ ମେଟ୍ରୋପଲିଟାନ୍ ରିଜିଅନ୍ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଜଟଣୀ, ପାରାଦୀପକୁ ନେଇ ପ୍ରତିଷ୍ଠା କରାଯିବ, ଯାହାକି ୭,୦୦୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳ ଉପରେ ପରିବ୍ୟାପ୍ତ ରହିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେହିପରି ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରହିଥିବା ବିଷୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନୀତି ଆୟୋଗର ଦଶମ ଗଭର୍ନିଂ କାଉନ୍ସିଲ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କେନ୍ଦ୍ର ନିକଟରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକୁ ଉପସ୍ଥାପନ କରି କହିଛନ୍ତି, ବର୍ତ୍ତମାନ ରାଜ୍ୟର ସହରୀକରଣ ସ୍ତର ୧୭% ରହିଛି। ରାଜ୍ୟ ସରକାର ☞ପୃଷ୍ଠା-୨




# ଫରେଷ୍ଟ ଗାର୍ଡଙ୍କୁ ଗୁଳିକରି ହତ୍ୟା

- **ରାତିରେ ଶିକାରୀଙ୍କୁ ଧରିବା ବେଳେ ଗୁଳି**
- **୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**
- **ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କାର ପାଇଥିଲେ**

ଚଳିତବର୍ଷ ରାଜ୍ୟର ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ନିଜିଗଡ଼ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଶିକାରୀ। ଶୁକ୍ରବାର ବିଳମ୍ବିତ ରାତିରେ କୋଇ ସଂରକ୍ଷିତ ଜଙ୍ଗଲର ତଣ୍ଟିଚିରା ଗ୍ରାମ ପାଖରେ ଶିକାରୀମାନେ ଘଟାଇଛନ୍ତି ଏହି ବର୍ବରକାଣ୍ଡ। ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ଶିକାରୀଙ୍କୁ ଧରିବା ବେଳେ ସେମାନଙ୍କ ଗୁଳିର ଶିକାର ହୋଇଛନ୍ତି ପ୍ରହଲ୍ଲାଦ। ଏହି ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଥିବା ବେଳେ ଶିକାରୀଙ୍କୁ ଦୃଢ଼ ଭାବରେ ଦମନ କରାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।



ପ୍ରହଲ୍ଲାଦ ପ୍ରଧାନ

ଢେଙ୍କାନାଳ(ରତନ ନାୟାର)/ କାମାକ୍ଷାନଗର (ସୁଧୀର ପରିଡ଼ା),୨୪ା୫:

ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନ ଶୁକ୍ରବାର ରାତିରେ ନିଜ କାର୍ଯ୍ୟ ସାରି ହିନ୍ଦୋଳ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ସରକାରୀ ବାସଭବନକୁ ଯାଇଥିଲେ। ଏହି ସମୟରେ କୋଇ ସଂରକ୍ଷିତ ଜଙ୍ଗଲ ନିକଟ ତଣ୍ଟିଚିରା ଗ୍ରାମ ପାଖରେ କେତେଜଣ ଶିକାରୀ ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ତାଙ୍କୁ ଖବର ମିଳିଥିଲା। ସେ ତୁରନ୍ତ କେତେଜଣ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟଙ୍କୁ ନେଇ ପାଟ୍ରୋଲିଂ ଜିପ୍‌ରେ ଜଙ୍ଗଲକୁ ବାହାରି ଯାଇଥିଲେ। ରାଜମୋହନପୁରଠାରେ ଗାଡ଼ି ରଖି ଚାଲିଚାଲି କାଜୁ ଜଙ୍ଗଲ ନିକଟରେ ପହଞ୍ଚିଥିଲେ। ଜଙ୍ଗଲର ଏକ ଚାଳଘରେ ☞ପୃଷ୍ଠା-୨







# ସୁନ୍ଦରଗଡ଼ ଖଣି ଦୁର୍ନୀତିର ତଦନ୍ତ ଆରମ୍ଭ କଲା ଏସ୍‌ଆଇଟି

ଭୁବନେଶ୍ୱର,୨୪ା୫ (ସୁନିତ୍ ମିଶ୍ର)

ସୁନ୍ଦରଗଡ଼ ଖଣି ଦୁର୍ନୀତି ଘଟଣାରେ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ନିର୍ଦ୍ଦେଶ ଦେବା ସହ ଏସ୍‌ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲଙ୍କ ଅଧ୍ୟକ୍ଷତାରେ ଗଠିତ ୮ ଜଣିଆ ଏସ୍‌ଆଇଟି ଶନିବାର ଘଟଣାର ତଦନ୍ତ ଆରମ୍ଭ କରିଛି। ଉକ୍ତ ଟିମ୍‌ରେ ଡିଏସ୍‌ପି ଓ ଇନ୍ସପେକ୍ଟର ର୍‍ୟାଙ୍କର ଅଫିସର୍‌ଙ୍କୁ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ କିଛି ତଥ୍ୟ ହସ୍ତଗତ ହୋଇଥିବା କୌଶଲ ସୂଚନା ଦେଇଛନ୍ତି। ଏହି ଟିମ୍ ସୁନ୍ଦରଗଡ଼ ଜିଲାର ହେମଗିର ଏବଂ କୋଇଡ଼ା ତହସିଲର ବେଆଇନ ଖଣି କାରବାରର ତଦନ୍ତ କରିବେ।

ଉକ୍ତ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଖଣି ଦୁର୍ନୀତିରେ କାର୍ଯ୍ୟାନୁଷ୍ଠାନ ଏବଂ ତଦନ୍ତ ନିମନ୍ତେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଭିଜିଲାନ୍ସ ବିଭାଗ ଏସ୍‌ଆଇଟି ମଧ୍ୟ ଗଠନ କରିସାରିଛି। ଏହି ଘଟଣାର ସରଜମିନ ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି ଦୁର୍ନୀତି ଓ ଚୋରା ଖଣି କାରବାରର ଚେର ଯେତେଦୂରକୁ ଲମ୍ବିଥାଉ ନା କାହିଁକି ଏହାର ତଦନ୍ତ ହେବ ଏବଂ ଏହାର ସମୂଳେ ଉତ୍ପାଟନ ଲାଗି ଭାଜପା ସରକାର ଉଦ୍ୟମ କରିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-27: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**26.05.2025**ରିଖ ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ସରକାରୀ ଅବକାଶ ଘୋଷିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0126/2526

**ଗିଲ୍ ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଅଧିନାୟକ**

ଖେଳ ପୃଷ୍ଠାରେ

## ୮.୨୫% ଇପିଏଫ୍ ସୁଧହାରକୁ ମଞ୍ଜୁରୀ

କେନ୍ଦ୍ର ସରକାର ୨୦୨୫ ଆର୍ଥିକ ବର୍ଷ ପାଇଁ କର୍ମଚାରୀ ଭବିଷ୍ୟ ନିଧି (ଇପିଏଫ୍) ଜମା ଉପରେ ୮.୨୫ ପ୍ରତିଶତ ସୁଧହାରକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷର ସୁଧହାରକୁ ଚଳିତ ଆର୍ଥିକ ବର୍ଷରେ କାଏମ ରଖିବା ପାଇଁ ଗତ ଫେବୃଆରୀ ୨୮ରେ ଇପିଏଫ୍‌ଓ ନିଷ୍ପତ୍ତି ନେଇଥିଲା। ଏହାକୁ ମଞ୍ଜୁର କରିବା ପାଇଁ ଅର୍ଥ ମନ୍ତ୍ରଣାଳୟକୁ ପଠାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୮.୨୫% ଇପିଏଫ୍ ସୁଧହାରକୁ ସ୍ୱୀକୃତି ଦେବା ପରେ ଶ୍ରମ ମନ୍ତ୍ରଣାଳୟ ଏହାକୁ ଇପିଏଫ୍‌ଓ ନିକଟକୁ ପଠାଇଦେଇଛି। ଏବେ ଇପିଏଫ୍‌ଓର ୭ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୮.୨୫% ହାରରେ ସୁଧରାଶି ଜମା କରାଯିବ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ପାଖ, ସମୟ: ସକାଳ ୯ଟା।
- ଶୃଙ୍ଖଳା ଅଳିଆ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟନ, ସ୍ଥାନ: ପଳାଶୁଣୀ, ସମୟ: ସକାଳ ୯ଟା।
- ଏମ୍‌ଡି କ୍ରିଏଶନ୍‌ସ ଆଣ୍ଡ ଗ୍ରୁପ ପକ୍ଷରୁ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ ଭବନ, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଗିରିଜା ମେଧା ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ହିମାଂଶୁ ପରିଡ଼ାଙ୍କ ପୁସ୍ତକ 'କବିତା ଗଠନର କଳା' ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ଏକ ଭିନ୍ନ ନିଷ୍ପତ୍ତି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- ବୀରେନ୍ ମିତ୍ର ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୪୭ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ଷ୍ଟୁଆର୍ଟ ସ୍କୁଲ ସମ୍ମୁଖ ପ୍ରତିମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ଜାତୀୟ ପୁରସ୍କାରପ୍ରାପ୍ତ ଦେବେନ୍ଦ୍ର ସୁତାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଏସ୍‌ଏନ୍ ସିରକାର ସ୍ମାରକୀ ହଲ, ଯୋବ୍ରା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଦୁର୍ଗା ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଚାରବାଟିଆ ଜଗନ୍ନାଥ ମନ୍ଦିର ପରିସର, ଚୌଦ୍ୱାର ସମୟ: ଅପରାହ୍ନ ୪ଟା।
- ଅଲିଶାବଜାର ଏଜୁକେଡେଟ୍ ଲେନସ୍ଥିତ ଦାସ ଟ୍ୟୁଟୋରିଆଲର ବାର୍ଷିକୋତ୍ସବ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୬ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାରତୀୟ ଗଣନାଟ୍ୟ ସଂଘ ଜନସଂସ୍କୃତି ଦିବସ ଉପଲକ୍ଷେ ମଞ୍ଚସ୍ଥ କରିବ ନାଟକ କ୍ଷତାକ୍ତ ଅପରାହ୍ନ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ୩୨ ବେଶରେ ମହାପ୍ରଭୁଙ୍କ ଯଜ୍ଞ ହୁତି, ସନ୍ଧ୍ୟାରେ ମହା ଆଳତି ଓ ଧାର୍ମିକ ପ୍ରବଚନ, ସ୍ଥାନ: ନିଶନପୁର ଶଙ୍କରନାଥ ଜୀଉ ମନ୍ଦିର, ଭୋଗରାଇ, ସମୟ: ସକାଳ ୭ଟାରୁ ରାତି ପର୍ଯ୍ୟନ୍ତ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଷଷ୍ଠ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ ଉପଲକ୍ଷେ ସମ୍ପର୍କର ସଙ୍ଗମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- କ୍ରିକେଟ ତାଲିମ ଶିବିର, ସ୍ଥାନ: ଚରମ୍ପା ରେଲୱେ ଗ୍ରାଉଣ୍ଡ, ଭଦ୍ରକ, ସମୟ: ସକାଳ ୭ଟା।
- ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- 'କିଶୋର ସ୍ୱାକ୍ଷର'ର ରୌପ୍ୟ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କବିତା ଆସର, ସ୍ଥାନ: ନରିପୁରସ୍ଥିତ ସାଳନ୍ଦୀ ଆବାସିକ ମହାବିଦ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରାଧାକୃଷ୍ଣଙ୍କ ଷୋହଳ ପ୍ରହରୀ ନାମଯଜ୍ଞର ଦଧିଭଞ୍ଜନ ଓ ପ୍ରସାଦ ସେବନ, ସ୍ଥାନ: ନହରପଦା ୧୬ନଂ. ୱାର୍ଡ, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା ୩୦।

## ଗଞ୍ଜାମ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କରଚୁଲି ବୁଗୁଡା ବ୍ଲକ୍, ସମୟ: ସକାଳ ୮ ଟା।
- ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭାରମ୍ଭ, ସ୍ଥାନ: ଚୁଡୁଙ୍ଗପୁର ଭାୟା କରପଡ଼ା, ସମୟ:ସନ୍ଧ୍ୟା ୭ ଟା।

## ଗଜପତି

- ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତିସୌଧରେ ମାଲ୍ୟାର୍ପଣ, ସ୍ଥାନ: ପାରଳାଖେମୁଣ୍ଡି, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଆଇଟିଏସ୍ ପକ୍ଷରୁ ଏ ୱାନ ସମ୍ମାନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ସକାଳ ୯ଟା।

## ଯାଜପୁର

- ଅଲଓଡିଶା ପେଟ୍ରୋଲ ପମ୍ପ ମାଲିକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବାଟିକା, ସମୟ: ସକାଳ ୮ଟା।
- ଜୟ ଜଗନ୍ନାଥ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ସିଏଚ୍‌ସି ରକ୍ତ ଭଣ୍ଡାର ପରିସର, ସମୟ: ସକାଳ ୮ଟା।

## ନୟାଗଡ଼

- ଶିବ ଚତୁର୍ଦ୍ଦଶୀ ଅବସରରେ ନୀଳମାଧବଙ୍କ ବେଢ଼ା ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ପ୍ରଧାନମନ୍ତ୍ରୀଙ୍କ ଭର୍ଚୁଆଲ୍ ମାଧ୍ୟମରେ ମନ୍ କି ବାତ୍, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଅମଲା ସଂଘ, ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ କମିଟି ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୭ଟା।
- ରେଲୱେ ଓଭର ବ୍ରିଜର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି, ସମୟ: ସକାଳ ୯ଟା।
- ଭୂମି ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୋଶାଳା ଛକ, ସମୟ: ସକାଳ ୯ଟା ୩୦।
- କଳମ ପରିବାର ଆୟୋଜନରେ ପୋଷ୍ଟକାର୍ଡରେ କବିତା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ, ସ୍ଥାନ: କୁମ୍ଭାରପଡା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ଶିବାହ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷୀପଡା ସ୍ଥିତ ପାର୍ବତୀଙ୍କ ପିତ୍ରାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହୀରାଖଣ୍ଡ ନାଗରିକ ପରିଷଦର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଗବେଷଣାତ୍ମକ ପୁସ୍ତକ 'ଉଜାଣି ଝଞ୍ଜାବତୀ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଆର୍‌ଏସ୍‌ପି ଆୟୋଜିତ ପ୍ରଦର୍ଶନୀ ମେଳା, ସ୍ଥାନ: ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୁଷ୍ଠ କଲୋନି, ମାଲଗୋଦାମ ସମୟ: ଅପରାହ୍ନ ୫ଟା ୩୦।
- ଡ୍ୟାନ୍ସ ଏଣ୍ଡ ଡ୍ରାମା ଫେଷ୍ଟିଭାଲ-୨୦୨୫, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ନନ୍ଦଗାଁ ଗୋଶାଳା ପକ୍ଷରୁ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।
- ମାସିକ ଆଲୋଚନା ସଭା,ସ୍ଥାନ: ଗାନ୍ଧି ସ୍ମୃତି ପାଠାଗାର, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୪୫।

## କଳାହାଣ୍ଡି

- ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ବୋରିଆ, ସମୟ: ସକାଳ ୮ଟା।
- ଆର୍‌ଏସ୍‌ଏସ୍‌ର ବାର୍ଷିକ ସଂଘ ଶିକ୍ଷାବର୍ଗ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ସକାଳ ୮ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ଜିଲା କାର୍ଯ୍ୟକାରିଣୀ ଓ ଜାଗରଣ ବୈଠକ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ସଂଘର ବାର୍ଷିକ ମହାଅଧିବେଶନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଯୋଗାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ବେଲରଦନା ଗାଁ ମୁରାପଡା, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତର ଚାନ୍ଦୋପଳା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ଖରିଆରରୋଡ ଶ୍ରୀରାମ ମନ୍ଦିରଠାରୁ ନୂଆପଡ଼ା ସିରତୋଳ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ପ୍ରତ୍ୟେକ ପ୍ରତିବନ୍ଧକକୁ ପ୍ରତିହତ କରି କାର୍ଯ୍ୟ କରିବେ। ବନ୍ଧୁ ଗହଣରେ ସତ୍ୟଭାଷଣରୁ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସାଙ୍ଗକୁ ପୁରସ୍କୃତ ମଧ ହେବେ। ପରିବାରରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହିନପାରେ।

**ବୃଷ** ଆଜି କୃତ୍ତିକା ନକ୍ଷତ୍ର ଉଚ୍ଚ ସମ୍ମାନ, ସାମାଜିକ ପ୍ରତିଷ୍ଠା ସହ କର୍ମକ୍ଷେତ୍ର ଓ ରାଜନୈତିକ ସ୍ଥିତିକୁ ମଜଭୁତ କରିବେ। ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସାହସିକତାର ପରିଚୟ ଦେଇ ନିଜର ପ୍ରାଧାନ୍ୟ ବୃଦ୍ଧି କରିପାରନ୍ତି। ପୁନର୍ବସୁ ନକ୍ଷତ୍ରର ଭ୍ରାତୃ ସମ୍ପର୍କରେ ତିକ୍ତତା ସମାଧାନରେ ପଡ଼ୋଶୀ ସାହାଯ୍ୟ କରିବେ। ଆତ୍ମୀୟମାନେ ନିଜ ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି।

**କର୍କଟ** ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିପାରନ୍ତି। ଅଶ୍ଳେଷାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଚ୍ଛିତ ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ପାରିବାରିକ କ୍ଷେତ୍ରରେ ବନ୍ଧୁସମ୍ପର୍କ ଏବଂ ଆଜିର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବାର ସମ୍ଭାବନା ରହିଛି।

**ସିଂହ** ପରିବାରରେ ଅର୍ଥସଙ୍କଟ ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର କାମ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ନୂତନ ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ମଘା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ମାନସିକ ଅବସାଦ ଲାଗି ରହିବ।

**କନ୍ୟା** ବିଭିନ୍ନ ସମସ୍ୟାଜନିତ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ନିର୍ଦ୍ଦିଷ୍ଟ ଜାଗାରେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ଆନୁଷ୍ଠାନିକ କାମରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସମ୍ଭାବନା ରହିଛି। ସାଧାରଣ ତର୍କବିତର୍କିତ କଥାରେ ପ୍ରିୟ ବ୍ୟକ୍ତିଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା** ଆପଣଙ୍କ ପ୍ରତ୍ୟେକ ଉଦ୍ୟମ ବିଶୃଙ୍ଖଳିତ ରହିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କେତେକାଂଶରେ ସମସ୍ୟାର ସ୍ଥିତି ବଦଳି ଯାଇପାରେ। ମାନସିକ ଚାପ ବୃଦ୍ଧିଜନିତ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। ଚିତ୍ରା ନକ୍ଷତ୍ରର ସହକର୍ମୀମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ରର ଆର୍ଥିକ ସ୍ଥିତିର ଦୁରବସ୍ଥା ଗୁରୁତ୍ୱପୂର୍ଣ୍ଣ କାମ ସମୂହକୁ ଅଟକାଇ ଦେବ। ବିଜାତୀୟ ବନ୍ଧୁଙ୍କ ସହ ମିତ୍ରତା, ନୂଆ ସ୍ଥାନ ଭ୍ରମଣର ସୁଯୋଗ ମିଳିବ। ପ୍ରତ୍ୟେକ କାର୍ଯ୍ୟ ମନ୍ଥର ହେବାରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ପ୍ରିୟ ବ୍ୟକ୍ତିରେ ଛଳନା ଓ ପ୍ରତାରଣା ପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇ ଯାଇପାରେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ଅନୁଭବ କରିବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର, ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** ପାରିବାରିକ ବୁଝାମଣା, ଆର୍ଥିକ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟଲାଭରୁ ଖୁସି ରହିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, କିନ୍ତୁ ପରିବହନରେ ଝଗଡ଼ାର ଆଶଙ୍କା ରହିଛି। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ସୂଚନା ପରିଲକ୍ଷିତ ହେବ। କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଆପଣଙ୍କ ଭୂମିକା ପ୍ରଶଂସନୀୟ ରହିବ।

**କୁମ୍ଭ** ଦୈହିକ, ମାନସିକ ଓ କର୍ମକ୍ଷେତ୍ର ପାଇଁ ଦିନଟି ଅନୁକୂଳ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, ସାହିତ୍ୟାଦିରୁ ସମ୍ମାନିତ ହେବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। କର୍ମକ୍ଷେତ୍ରରେ ସନ୍ଦେହାଚ୍ଛନ୍ନ ହୋଇ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ** ବନ୍ଧୁ ଆର୍ଥିକ ମାନଦଣ୍ଡକୁ ମଜଭୁତ କରିବା ସହ ପାରିବାରିକ ଜୀବନକୁ ସୁଖ, ସନ୍ତୋଷର ମାର୍ଗଦର୍ଶକ ହୋଇପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ସକାଶେ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ଦିଗରେ ମନୋନିବେଶ କରିପାରନ୍ତି।

ଆଜି ମେ ୨୫ ତାରିଖ, ଅନ୍ତର୍ଜାତୀୟ ନିଖୋଜ ଶିଶୁ ଦିବସ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଜୟନ୍ତୀ, ଗୁରୁ ଅର୍ଜୁନ ଦେବଙ୍କ ପୁଣ୍ୟ ଦିବସ, ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର: ଦିବା ଘ.୧୧।୧୧ମି.ରେ ବୃଷ/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୫୬ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୧ ଗତେ ଘ.୦୨।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୭ ଗତେ ଘ. ୦୬।୧୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାପ ଭାଇ ଥିଲେ କିସ କରିବେ ଲୋ,**
**ଖଣ୍ଡେ ବୋଝେ ସିନା ଦେବେ;**
**ପୋଷିଲା ସାଆନ୍ତ ମଉଡ଼ମଣି ଲୋ**
**କାଳେ କାଳେ ଟେକିଥିବେ ।**

ଝିଅ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପ ଭାଇଙ୍କର ଚିନ୍ତା ସରିଯାଏ। କେତେବେଳେ କେମିତି ଭଲ ମନ୍ଦରେ ସମୟ ସୁବିଧା ଦେଖି ପଚାରିବାକୁ ଆସନ୍ତି ନ ହେଲେ ନାହିଁ। କିନ୍ତୁ ଯାହାକୁ ସେ ବିଭା ହୋଇଥାଏ ସେହି ସ୍ୱାମୀ ସବୁବେଳେ ତା'ର ପାଖେ ପାଖେ ରହିଥାଏ। ଜୀବନର ସୁଖଦୁଃଖରେ ସବୁବେଳେ ତାହାର ସାଥୀ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବସି ଖାଇଲେ ନଈ ବାଲି ସରେ ।**

ଆୟ ଦେଖି ବ୍ୟୟ କରିବା ଉଚିତ। ତେବେ ଆୟ କରିବାର ପନ୍ଥା ସ୍ଥିର ନ କରି କେବଳ ସଞ୍ଚିତ ଅର୍ଥକୁ ବ୍ୟୟ କରିଚାଲିଲେ ନଈବାଲି ପରି ଅକଳନ ସମ୍ପତ୍ତି ମଧ ଅଚିରେ ଶେଷ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଦେଶ ବିକାଶର ...

ଏହାକୁ ୨୦୩୬ ସୁଦ୍ଧା ୪୦% ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ୍ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଓଡ଼ିଶାର ସମ୍ପୂର୍ଣ୍ଣ ସହରୀକରଣ ହୋଇସାରିଥିବ। କେବଳ ଏତିକି ନୁହେଁ, ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଓଡ଼ିଶାବାସୀଙ୍କ ଲକ୍ଷ୍ୟ ରହିଛି। ଆମ ରାଜ୍ୟ ଆଗାମୀ ୨୫ ବର୍ଷରେ ଦେଶ ବିକାଶ ଯାତ୍ରାର ଗ୍ରୋଥ ଇଞ୍ଜିନ୍ ହେବାକୁ ଯାଉଛି। ୨୦୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରାଯିବ। ଏଥିସକାଶେ ରାଜ୍ୟ ସରକାର ଏକ 'ଭିଜନ୍ ଡକ୍ୟୁମେଣ୍ଟ' ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ' ଏକ ବିସ୍ତୃତ, କାର୍ଯ୍ୟକାରୀଯୋଗ୍ୟ ଓ ସମାବେଶୀ ରିପୋର୍ଟ। ଅନ୍‌ଲାଇନ୍ ଜରିଆରେ ସଂଗୃହୀତ ୩,୨୦,୦୦୦ ଲୋକଙ୍କ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟ ଜୁନ୍ ୧୨ରେ ଓଡ଼ିଶାରେ ଭାଜପା ସରକାର କ୍ଷମତାସୀନ ହେବାର ବର୍ଷପୂର୍ତ୍ତି ପାଳନ ଅବସରରେ ଏହି ଭିଜନ୍ ଡକ୍ୟୁମେଣ୍ଟକୁ ଉନ୍ମୋଚନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟରେ କୃଷି, ଶିଳ୍ପ ଓ ଅନ୍ୟ କ୍ଷେତ୍ରଗୁଡ଼ିକୁ ବିକଶିତ କରିବା ପାଇଁ ସରକାର ନେଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଅବତାରଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ଅମଳଯୋଗ୍ୟ ଅଞ୍ଚଳକୁ ଜଳସେଚନ କରାଯାଇ କୃଷି ଉତ୍ପାଦନଶୀଳତା ବୃଦ୍ଧି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି ଘଟିବ। ଦ୍ରୁତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ଲାଗି ସହରୀକରଣକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ସେହିପରି ବିଶ୍ୱସ୍ତରୀୟ ରାସ୍ତା ଓ ରେଳପଥ ନିର୍ମାଣ ସହ ବିମାନ ଚଳାଚଳ କ୍ଷେତ୍ରରେ ଅଗ୍ରଗତି ସକାଶେ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ାଯାଉଛି। ରାଜ୍ୟର ବିସ୍ତୃତ ଉପକୂଳ ଅଞ୍ଚଳରେ ବନ୍ଦରଭିତ୍ତିକ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା କରି ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରାଯିବ। ଏହାଦ୍ୱାରା ରାଜ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ବୟନଶିଳ୍ପ, ଗାର୍ମେଣ୍ଟ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷଣ ପାଇଁ ସରକାର ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। 'ସ୍କିଲ୍ଡ ଇନ୍ ଓଡ଼ିଶା' ବର୍ତ୍ତମାନ ଏକ ବୈଶ୍ୱିକ ବ୍ରାଣ୍ଡରେ ପରିଣତ ହୋଇଛି। ଓଡ଼ିଶା ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ଏନେବଲ୍ଡ ସର୍ଭିସେସ୍ (ଆଇଟିଇଏସ୍) ଏବଂ ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ ହବ୍ ରୂପେ ଉଭା ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ସଶସ୍ତ୍ର ବଳ 'ଅପରେଶନ୍ ସିନ୍ଦୂର' ବଳରେ ସୀମାନ୍ତରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ସଫଳ ହୋଇଛନ୍ତି। ଏଭଳି ସମୟରେ ସବୁ ରାଜ୍ୟକୁ ଏକାଠି କରି ଦେଶ ସହ ଛିଡ଼ା କରାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ସେହିପରି '୨୦୪୭ରେ ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ'ର ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଏବଂ ଦେଶର ବିକାଶ ଯାତ୍ରାରେ ରାଜ୍ୟଗୁଡ଼ିକୁ ସହଭାଗୀ ହେବାର ସୁଯୋଗ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୨୪-୨୫ରେ ଜାତୀୟ ଅର୍ଥନୀତିର ବିକାଶ ହାର ୬.୫%କୁ ବୃଦ୍ଧି ପାଇଛି। ଏହି ସମୟରେ ଡବଲ ଇଞ୍ଜିନ୍ ଯୋଗୁ ଓଡ଼ିଶା ୭.୨% ଅଭିବୃଦ୍ଧି ହାସଲ କରିପାରିଛି। ପ୍ରଧାନମନ୍ତ୍ରୀ ଗତ ୧୧ ମାସ ଭିତରେ ଓଡ଼ିଶାକୁ ୫ ଥର ଗସ୍ତ କରିବା ରାଜ୍ୟର ବିକାଶ ପ୍ରତି ତାଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ଆଗାମୀ ୧୫ ବର୍ଷରେ ଦେଶ ପାଇଁ ଅଭିବୃଦ୍ଧିର ଇଞ୍ଜିନ୍ ପାଲଟିବାକୁ ଯାଉଛି। ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ ସକାଶେ ୫ ବର୍ଷ ଭିତରେ ଦେଢ଼ ଲକ୍ଷ ନିଯୁକ୍ତି ଦିଆଯିବ। ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣ ପାଇଁ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଯାଇଛି। ସେହିପରି ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ସହ ଏହି କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ଓଡ଼ିଶାରେ ୬.୬ କୋଟି ଚାରାରୋପଣ କରାଯାଇଛି। ଖୁବ୍‌ଶୀଘ୍ର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୭,୦୦୦ ପ୍ରାଥମିକ ସ୍କୁଲକୁ ଆଧୁନିକ ଉପକରଣ ଓ ଭିତ୍ତିଭୂମି ପ୍ରଦାନ ସହ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାରେ ନୂଆ ରେଳ ପ୍ରକଳ୍ପଗୁଡ଼ିକ ପାଇଁ ୭୩,୦୦୦ କୋଟି ଟଙ୍କା ଦେଇଛନ୍ତି। ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୪,୬୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆହୁରି ୧୭,୫୦୦ କୋଟି ଟଙ୍କା ପ୍ରଦାନର ଯୋଜନା ରହିଛି। ରାଜ୍ୟ ସରକାର କେନ୍ଦ୍ର ସହ ସମନ୍ୱୟ ରଖି ପିଏମ୍ ଉଷା, ପିଏମ୍‌ଶ୍ରୀ, ମମତା-ପିଏମ୍‌ଏମ୍‌ଭିୱାଇ, ଏନ୍‌ଇପି ୨୦୨୦ ଏବଂ ପିଏମ୍ ଜେଏୱାଇ ଭଳି ଯୋଜନାଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରୁଥିବା ନେଇ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## କେରଳ ଛୁଇଁଲା ...

ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡିପଡ଼ିଛି। ବର୍ଷା ଲାଗିରହିଥିବାରୁ ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ୪୫ରୁ ସର୍ବାଧିକ ୫୫ କିଲୋମିଟର ବେଗରେ ପ୍ରବଳ ବହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ଜୁଲାଇ ୮ ସୁଦ୍ଧା ସମଗ୍ର ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହାର ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଥିବାବେଳେ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମୌସୁମୀ ମେ' ୩୦ରେ ପହଞ୍ଚିଥିବାବେଳେ ୨୦୨୩ରେ ଜୁନ୍ ୮ରେ, ୨୦୨୨ରେ ମେ' ୨୯ରେ, ୨୦୨୧ରେ ଜୁନ୍ ୩ରେ, ୨୦୨୦ରେ ଜୁନ୍ ୧ରେ, ୨୦୧୯ରେ ଜୁନ୍ ୮ରେ ଏବଂ ୨୦୧୮ରେ ମେ' ୨୯ରେ ପହଞ୍ଚିଥିଲା। ୧୯୯୦ରେ ମୌସୁମୀ ସବୁଠୁ ସଅଳ ମେ' ୧୯ରେ କେରଳ ଛୁଇଁଥିଲା।

ଚଳିତ ବର୍ଷ ଏଲ୍ ନିନୋ ସମ୍ଭାବନା ନ ଥିବାରୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତମାସରେ ପୂର୍ବାନୁମାନ କରିଥିଲା। ଗତବର୍ଷ ଦେଶରେ ୯୩୪.୮ ମିଲିମିଟର ବୃଷ୍ଟିପାତ ହୋଇଥିଲା, ଯାହାକି ହାରାହାରି ବୃଷ୍ଟିପାତର ୧୦୮ ପ୍ରତିଶତ ଏବଂ ୨୦୨୦ରୁ ସର୍ବାଧିକ।

## ଫରେଷ୍ଟ ଗାର୍ଡଙ୍କୁ ...

ଶିକାରୀମାନେ ଥିବା ଜାଣିବା ମାତ୍ରେ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସେମାନଙ୍କୁ ଘେରାଉ କରିଥିଲେ। ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ଘର ଭିତରକୁ ପ୍ରବେଶ କରିବା ପରେ ଶିକାରୀମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଶିକାରୀମାନେ ତାଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ୪ଜଣ ବନ କର୍ମଚାରୀ ତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଥିବା ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସମ୍ପୃକ୍ତ ୪ ଶିକାରୀଙ୍କୁ ଧରି ନେଇଥିଲେ। ସେମାନେ ହେଲେ ହିନ୍ଦୋଳ ଥାନା ଅଞ୍ଚଳର ଶିବରାମ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦେହୁରୀ, କଟକ ଜିଲା ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆରୁଖ ଓ ସୁନୀଲ କୁମାର ଜେନା। ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବନ୍ଧୁକକୁ ଜବତ କରାଯାଇଛି ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ବନ ସଂରକ୍ଷକ ଓ ଜିଲା ବନଖଣ୍ଡ ଅଧିକାରୀ ପ୍ରମୁଖ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପ୍ରହ୍ଲାଦଙ୍କ ମରଶରୀରକୁ ବନ ବିଭାଗ ପକ୍ଷରୁ ପରଜଙ୍ଗ ଦେଇ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସେଠାରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବହୁ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ମୃତଦେହ ତାଙ୍କ ପୈତୃକ ଗ୍ରାମ ଜିରିଡ଼ାମାଲିକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା। ଘଟଣାକୁ ନେଇ ହିନ୍ଦୋଳ ଥାନାରେ ୧୫୧/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ହିନ୍ଦୋଳ ରେଞ୍ଜ କୋଇ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ ବେଳେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ଶିକାରୀ ଗୁଳି କରି ହତ୍ୟା କରିବା ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାସହ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବା ଲାଗି ପିସିସିଏଫ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ତାଙ୍କ ଏକ୍ସ ହ୍ୟାଣ୍ଡେଲ ଜରିଆରେ ସୂଚନା ଦେଇଛନ୍ତି।




# ବସ୍ତିରୁ ବାର୍ ଯାଏ ମାଡିଛନ୍ତି ବାଂଲାଦେଶୀ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

■ **ନୂଆ ବାର୍ ଅନୁମତି ଦେବା ବେଳେ କଡ଼ାକଡ଼ି ହେବ ନିୟମ**

■ **ବାଂଲାଦେଶୀଙ୍କ ପାଇଁ ଟୁଇନ୍ ସିଟିରେ ବଢ଼ୁଛି ଅପରାଧ**

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଟୁଇନ୍‌ସିଟିରେ ଅପରାଧ ବଢ଼ୁଛି। ବସ୍ତିରୁ ବାର୍ ସବୁଠି ବାଂଲାଦେଶୀ ଅନୁପ୍ରବେଶକାରୀ ମାଡିଛନ୍ତି। କେବଳ ଏତିକି ନୁହେଁ, ଏମାନେ ଚୋରା ନିଶା କାରବାର ସହ ଅପରାଧ ଘଟାଉଛନ୍ତି। ଏହି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚେକ୍ ଦେବାକୁ ନଗର ଉନ୍ନୟନ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ବଡ଼ ଆକ୍ସନ ପ୍ଲାନ୍ କରାଯାଉଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଆରମ୍ଭ କରାଯିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଗଣମାଧ୍ୟମକୁ କହିଛନ୍ତି। ସହରକୁ ସୁରକ୍ଷିତ ରଖିବାକୁ ଅନୁପ୍ରବେଶକାରୀ ମୁକ୍ତ କରାଯିବ। ବସ୍ତିରେ ରହୁଥିବା ଅପରାଧୀଙ୍କ ଘରକୁ ଭଙ୍ଗାଯାଉଛି। ସେହିପରି ନୂଆ ବାର୍ ଖୋଲିବାକୁ ଅନୁମତି ଦେବା ସମୟରେ ଯେପରି ନିୟମ କଡ଼ାକଡ଼ି ପାଳନ ହେବ ସେନେଇ ଅବକାରୀ ବିଭାଗ ସହ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ବାଂଲାଦେଶୀଙ୍କ ସପକ୍ଷରେ ଭୁବନେଶ୍ୱର ମେୟର ବୟାନ ଦେବା ପରେ ରାଜ୍ୟ ରାଜନୀତିରେ ବିବାଦ ଦେଖାଦେଇଛି। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଭୋଟବ୍ୟାଙ୍କ ପାଇଁ ଅନୁପ୍ରବେଶକାରୀଙ୍କୁ ବିଜେଡି ପ୍ରଶ୍ରୟ ଦେଇଥିଲା। ସେମାନଙ୍କ ଆଧାର କାର୍ଡ ପ୍ରସ୍ତୁତକରି ଶଙ୍ଖ ଦଳ ରାଜ୍ୟରେ ସେମାନଙ୍କୁ ଥଇଥାନ କରିଛି। ପଶ୍ଚିମବଙ୍ଗ ସରକାର ସମର୍ଥନରେ ବାଂଲାଦେଶୀ ଆଧାର କାର୍ଡ, ଭୋଟର କାର୍ଡ ଓ ରାଶନ କାର୍ଡ ପାଉଥିଲେ। ବିଜେଡି ପ୍ରଶ୍ରୟରେ ଓଡ଼ିଶାରେ ଅନୁପ୍ରବେଶ କରୁଥିଲେ। ତେଣୁ ସେମାନଙ୍କୁ ଶୀଘ୍ର ବାହାର କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଜୟନାରାୟଣ ଦାବି କରିଛନ୍ତି।

# ଆଟେଣ୍ଡାଣ୍ଟ ମୃତ, ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର

## ରଥିଆରେ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

### ଡ୍ରାଇଭରଙ୍କୁ ୨୪ ଘଣ୍ଟା କାମ କରାଯାଉଥିବା ଅଭିଯୋଗ


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

**ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଶନିବାର ଭୋର ସମୟରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଆମ୍ବୁଲାନ୍ସର ଆଟେଣ୍ଡାଣ୍ଟଙ୍କ ମୃତ୍ୟୁ ହୋଇଛି। ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ ବଉଲାଙ୍ଗ ମଧୁପୁର ଅଞ୍ଚଳର ଅଚ୍ୟୁତାନନ୍ଦ ବାରିକ। ଗୁରୁତର ଦ୍ୱୟ ହେଲେ ଡ୍ରାଇଭର କୈଳାସ ପଣ୍ଡା ଓ ଫାର୍ମାସିଷ୍ଟ ତାପସ ପାତ୍ର। ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାରେ ଓଡି୦୨ବିଜେ୧୪୬୩ ନମ୍ବର ବିଶିଷ୍ଟ ଆମ୍ବୁଲାନ୍ସର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦଶରଥପୁରର ଏହି ଆମ୍ବୁଲାନ୍ସ କଟକ ବଡ଼ ମେଡିକାଲରେ ରୋଗୀଛାଡ଼ି ଫେରିଲା ବେଳେ ରଥିଆଠାରେ ଛିଡ଼ା ହୋଇଥିବା ଏକ ଗାଡ଼ି ପଛରେ ଭାରସ୍ୟାମ ହରାଇ ଧକ୍କା ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା


ମୃତ ଆଟେଣ୍ଡାଣ୍ଟ ଅଚ୍ୟୁତାନନ୍ଦ ବାରିକ

କର୍ମଚାରୀମାନେ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଆଟେଣ୍ଡାଣ୍ଟ ଅଚ୍ୟୁତାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡ୍ରାଇଭର କୈଳାସ ଓ ଫାର୍ମାସିଷ୍ଟ ତାପସଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିଲା। ଏନେଇ ଥାନାରେ ନଂ.୩୦୯/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଶ୍ରମ ନିୟମକୁ ଉଲଂଘନ କରାଯାଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ୮ ଘଣ୍ଟା ବଦଳରେ ୨୪ ଘଣ୍ଟା କାର୍ଯ୍ୟରେ ଲଗାଯାଉଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି। କିଛିବର୍ଷ ପୂର୍ବରୁ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ୧୦୮ ଆମ୍ବୁଲାନ୍ସ ଛତିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଆଟେଣ୍ଡାଣ୍ଟ ରଞ୍ଜିତ ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା। ଚଳିତ ମାସରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୦ଟି ଆମ୍ବୁଲାନସ ଦୁର୍ଘଟଣାଗ୍ରସ୍ତ ହୋଇଛି। ତଥାପି ସରକାର ସଚେତନ ନ ହେବାରୁ ପୁଣି ଏହିପରି ଦୁର୍ଘଟଣା ଘଟିଥିବା ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଶ୍ରମ ନିୟମାନୁସାରେ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ୧୦୮ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇଛି।

# ଜୟଦେବବିହାରରୁ ନନ୍ଦନକାନନ ରାସ୍ତା ଟ୍ରାଫିକ୍ ଲାଇଟ୍ ମୁକ୍ତ ହେବ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

**ଜୁନ୍ ୧୨ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବରେ ସବୁ ପ୍ରକଳ୍ପର ଶିଳାନ୍ୟାସ**

ଜୟଦେବବିହାର ଏବଂ ନନ୍ଦନକାନନ ରାସ୍ତାକୁ ଟ୍ରାଫିକ୍ ଲାଇଟ୍ ମୁକ୍ତ କରାଯିବ। ଟ୍ରାଫିକ୍ ଲାଇଟ୍ ପରିବର୍ତ୍ତେ ଏହାର ବିକଳ୍ପ ଟେକ୍ନୋଲୋଜିର ବ୍ୟବହାର ହେବ। ଏହାର ପ୍ରକ୍ରିୟା ଆରମ୍ଭ ହୋଇଥିବା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରକୁ ଭିଡ଼ମୁକ୍ତ କରିବା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ଏକାଧିକ ରାସ୍ତା ଏବଂ ପ୍ରକଳ୍ପ ନିର୍ମାଣ କରାଯିବ। ଆସନ୍ତା ଜୁନ୍ ୧୨ରେ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବ ପାଳନ ସମୟରେ ଯେଉଁସବୁ ରାସ୍ତାର ଯୋଜନା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଆୟୋଜିତ ବୈଠକରେ ଆଲୋଚନା ହୋଇଛି ସେଗୁଡ଼ିକର ଶିଳାନ୍ୟାସ କରାଯିବ। ଏଥିପାଇଁ ମାସକ ଭିତରେ ଟେଣ୍ଡର ପ୍ରକ୍ରିୟା ଶେଷ ସହ ଅଢ଼େଇରୁ ୩ ବର୍ଷ ମଧ୍ୟରେ ପ୍ରକଳ୍ପ କାମ ସରିବ। ଡିସେମ୍ବର ସୁଦ୍ଧା ଦୁଇ ପାରାଲାଲ କାର୍ଯ୍ୟକୁ ଶେଷ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ମାସକ ମଧ୍ୟରେ ଶେଷ କରାଯାଇ ରିଂରୋଡ୍ କାର୍ଯ୍ୟ ଆରମ୍ଭହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିଥିଲେ। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ ସହ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟତଃ ଜୟଦେବବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ସହ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏକ ଇନର ରିଂରୋଡ୍ ମଧ୍ୟ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।







ଉତ୍ତର ଉପକୂଳ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଭୁବନେଶ୍ୱରରେ ଶନିବାର ମଧ୍ୟାହ୍ନରେ ହୋଇଥିବା ପ୍ରାକ୍ ମୌସୁମୀ ବର୍ଷା। (ଫଟୋ: ବିକାଶ ନାୟକ)

# ୧୯ ମଠର ବିଜେସ୍ଥଳୀ ଅକ୍ଷୁଣ୍ଣ ରଖାଯାଇଥିଲା: ବିଜେଡି

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ସେଠାରେ ଥିବା ୧୯ଟି ଐତିହ୍ୟ ମଠର ପୁନର୍ବିନ୍ୟାସ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ଏନେଇ ବିଜେଡି ପକ୍ଷରୁ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ସମୟରେ ସେଠାରେ ଐତିହ୍ୟ ସ୍ୱରୂପ ବିରାଜମାନ ଥିବା ୧୯ ମଠର ମୂଳପୀଠ ବା ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇଥିଲା। ମଠାଧୀଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନ ଇତ୍ୟାଦି ଭଙ୍ଗାଯାଇ ସେଗୁଡିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ, ମଠଗୁଡିକର ବିଜେସ୍ଥଳୀର ସୌନ୍ଦର୍ଯ୍ୟକରଣ କରାଯାଇ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେଗୁଡ଼ିକ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନର୍ବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ, ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ମଠଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଲେନିନ୍ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦର୍ଶାଇଛନ୍ତି।


**FREE HOTEL MANAGEMENT COURSES AT SIHM, BALANGIR (ODISHA)**
**(ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.


| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT


# ରଥ ନିର୍ମାଣ ପାଇଁ ରେଢ଼ାଖୋଲରୁ ପୁରୀକୁ ଗଲା କାଠ

**ରେଢ଼ାଖୋଲ,୨୪।୫ (ଅଚ୍ୟୁତାନନ୍ଦ ପୁରୋହିତ)**

ଚଳିତବର୍ଷ ପୁରୀ ରଥ ନିର୍ମାଣ ପାଇଁ ରେଢ଼ାଖୋଲରୁ ଶନିବାର ପୂର୍ବାହ୍ନରେ ବିଭିନ୍ନ ପ୍ରକାର କାଠ ପଠାଯାଇଛି। ରେଢ଼ାଖୋଲ ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲର ବ୍ରହ୍ମପୁରା ଅଞ୍ଚଳରୁ ୧୦ଖଣ୍ଡ ଧଉରା, ୨୦ଖଣ୍ଡ ଅସନ କାଠଗଣ୍ଡି ପୁରୀକୁ ଯାଇଛି। ଜଙ୍ଗଲରେ ଏକ ସୁସଜ୍ଜିତ ଟ୍ରକ୍‌ରେ କାଠଗଣ୍ଡିଗୁଡ଼ିକୁ ବୋଝେଇ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ନାମ ସଂକୀର୍ତ୍ତନ କରି ଚାରମାଳ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ପୁରୀ ଅଭିମୁଖେ ଟ୍ରକ୍ ଯାଇଥିଲା। ଚାରମାଳ ବନରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇ ସମସ୍ତ ସହଯୋଗ କରିଥିଲେ। ଚାରମାଳ ସରପଞ୍ଚ ସଞ୍ଜୟ ପ୍ରଧାନ, ନାରୀନେତ୍ରୀ ସୁପ୍ରଭା ପ୍ରଧାନ, ସାମାଜିକ କର୍ମୀ ଅନାଦି ସାହୁଙ୍କ ସମେତ ଶତାଧିକ ଜଗନ୍ନାଥପ୍ରେମୀ ଯୋଗଦେଇଥିଲେ।

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ ହେଲା – ତୁମର ଚରମ ନିଷ୍ଠାପରତା। –ଶ୍ରୀମା



# ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା



ଆକାର ପଟେଲ

ଗଣତନ୍ତ୍ର ବ୍ୟବସ୍ଥା ମୁଖ୍ୟତଃ ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ସାମାଜିକ ମାନଦଣ୍ଡ ଓ ସାଂସ୍କୃତିକ ମୂଲ୍ୟବୋଧର ପାଳନ ଯେ କୌଣସି ସରକାରଙ୍କ ଗଣତାନ୍ତ୍ରିକ ଗୁଣବତ୍ତା ହୋଇପାରେ। ଗଣତନ୍ତ୍ରର ସଂସ୍କୃତି, ପରମ୍ପରା ଓ ଭାବନା ଗୋଟିଏ ଦେଶର ନାଗରିକଙ୍କୁ ସଶକ୍ତ କରି ଉଚ୍ଚତର ସ୍ତରକୁ ନେଇ ସେହି ଦେଶକୁ ଆଗକୁ ବଢ଼ାଇଥାଏ। ଏହା କରିବା ଲାଗି ହିଁ ଗଣତନ୍ତ୍ର ଗଢ଼ାଯାଇଛି। ସିଏସ୍ ଲୁଇସ ତାଙ୍କ ପ୍ରବନ୍ଧରେ କହିଛନ୍ତି, କର୍କସ୍କ୍ରୁ (ମଦବୋତଲ ମୁହଁରେ ଦିଆଯାଇଥିବା କର୍କଠିପି ବାହାର କରିବା ଯନ୍ତ୍ର)ଠାରୁ ଆରମ୍ଭ କରି ଗୀର୍ଜା ଯାଏ, ସେଗୁଡ଼ିକର କାରିଗରି ବା ନିର୍ମାଣ କୌଶଳ ନିର୍ଣ୍ଣୟ କରିବାର ପ୍ରଥମ ଯୋଗ୍ୟତା ହେଉଛି, ଏହା କ'ଣ ଜାଣିବା ଆବଶ୍ୟକ। ଏହା ମଧ୍ୟ ଜାଣିବା ଦରକାର ଯେ, ଏହାର ଉଦ୍ଦେଶ୍ୟ କ'ଣ ଥିଲା ଓ ଏହାର ଉପଯୋଗ କେଉଁ ପ୍ରକାର କରାଯାଏ। ତାହା ଜାଣିବା ପରେ ଜଣେ ମଦ୍ୟପାନ କରୁ ନ ଥିବା ସମାଜ ସୁଧାରକ ଜାଣିବେ ଯେ, କର୍କସ୍କ୍ରୁ ଖରାପ ଉଦ୍ଦେଶ୍ୟରେ ତିଆରି କରାଯାଇଥିଲା ଏବଂ କମ୍ୟୁନିଷ୍ଟ ମଧ କାଥେଡ୍ରାଲ ସମ୍ପର୍କରେ ସମାନ ଚିନ୍ତା କରିପାରନ୍ତି। ପ୍ରଥମ ବିଷୟ ହେଉଛି, ତୁମ ସାମ୍ନାରେ ଥିବା ଲକ୍ଷ୍ୟକୁ ବୁଝିବା ଦରକାର। କର୍କସ୍କ୍ରୁ ଟିଣଡବା ଖୋଲିବା ପାଇଁ କିମ୍ବା କାଥେଡ୍ରାଲ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ବୋଲି ଯେତେବେଳଯାଏ ବିଚାର କରୁଥିବା ସେଗୁଡ଼ିକର ଲକ୍ଷ୍ୟ ସମ୍ପର୍କରେ କିଛି କହିପାରିବ ନାହିଁ। ସେହିଭଳି ଗଣତନ୍ତ୍ରକୁ ସ୍ପଷ୍ଟତଃ ନିର୍ବାଚନର ଏକ ଶୃଙ୍ଖଳା ଭାବେ ବିଚାର କରିବା ମାନେ ତାହାର ମହତ୍ତ୍ୱର ସ୍ୱରୂପକୁ ଭୁଲ୍ ବୁଝିବା। ଏକ ଦମନକାରୀ ଓ ଏକ ନିର୍ବାଚିତ ଏକଚ୍ଛତ୍ରବାଦ ଶାସନରେ ଯଦି ବ୍ୟକ୍ତିଙ୍କ ଅଭିବ୍ୟକ୍ତିର ସ୍ୱାଧୀନତାରେ ବାଧା ଆଣି, ମତ ଓ ସ୍ୱାଧୀନତାକୁ ସୀମିତ କରି ଏବଂ ଗୋଟିଏ ପ୍ରକାର ବିଚାର ଲଦି ଦିଆଯାଇ ସେମାନଙ୍କୁ ଅବଦମିତ କରି ରଖାଯାଏ, ତେବେ ଉଭୟ ଶାସନ ମଧ୍ୟରେ କୌଣସି ପ୍ରଭେଦ ରହି ନ ଥାଏ। ବ୍ୟବସ୍ଥା ବିରୋଧରେ ବିଚାରପତିଙ୍କ ରାୟ ଉପରେ ଅସହମତି ପ୍ରକାଶ ପାଇବା ଗଣତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ, କାରଣ ବ୍ୟବସ୍ଥା ବିରୋଧରେ ଠିଆ ହୋଇ ବ୍ୟକ୍ତିକୁ ରକ୍ଷା କରିବା ପାଇଁ ବିଚାରପତିଙ୍କର ଅଧିକାର ଅଛି। ଏହା ଶୁଣିବାକୁ କଟୁ ଲାଗିପାରେ, କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଚାରପତି ଅତ୍ୟାଚାରୀ ଶାସନରୁ ବ୍ୟକ୍ତିଙ୍କୁ ମୁକ୍ତ କରିବା ଉଚିତ। ସବୁ ପ୍ରକାର ଶାସନ ଲୋକଙ୍କୁ ଏକାଠି ଧରି ରଖିବାକୁ ଚାହିଁଲେ ଏହା ହୋଇପାରିବ।

ଉପର ଉଲ୍ଲିଖିତ ଶବ୍ଦଗୁଡ଼ିକ (ଦମନକ ଓ ଏକଚ୍ଛତ୍ରବାଦ)ର ଅର୍ଥ ଆମ ଦେଶରେ ପ୍ରତ୍ୟେକ ଘଟଣାରେ ବୁଝିପାରିବ ଏବଂ ନିର୍ଦ୍ଦିଷ୍ଟ ଘଟଣା ସମ୍ପର୍କରେ କହିବା ଠିକ୍ ହେବ ନାହିଁ। ଯଦି କିଛି ପରିବର୍ତ୍ତନ ହେଉଥାଏ ତେବେ ଜଣେ ଲେଖକ ଭାବେ ଲକ୍ଷ୍ୟ ଓ ସମ୍ଭାବନା ପ୍ରତି ଆଗ୍ରହୀ ହେବା ଏବଂ ଦେଶର ଶାସନ ଦ୍ୱାରା ହେଉଥିବା ପରିବର୍ତ୍ତନ ପ୍ରତି ସାଧାରଣ ନାଗରିକ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ଉପରେ ମଧ ଅନୁଧ୍ୟାନ କରିବା ସ୍ୱାଭାବିକ। ବିଶେଷକରି ପରିବର୍ତ୍ତନ ସବୁ ଫଳପ୍ରଦ ନୁହେଁ କିମ୍ବା ଏହିଗୁଡ଼ିକ ଉପରେ ସବିଶେଷ ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ସେମାନେ ଶାସନରେ ଦୀର୍ଘ ସମୟ ରହିଲେଣି (ଏବେ ୧୨ ବର୍ଷରେ ପଦାର୍ପଣ କରିଛନ୍ତି) ଏବଂ ନିର୍ବାଚନରେ ଆମେ ସେମାନଙ୍କୁ ସମର୍ଥନ କରିଛୁ। କିନ୍ତୁ ଖବରର ଶୀର୍ଷକୁ ଦେଖିବା ଭଲ ହେବ ଏବଂ ଯଦି ଆଗ୍ରହୀ ହୁଅନ୍ତି, ତେବେ ପାଠକ ସବିଶେଷ ଜାଣିପାରିବେ ଏବଂ ଏଠାରେ ନାଗରିକଙ୍କୁ ସଶକ୍ତ ନା ଗଣତନ୍ତ୍ରକୁ ଦୃଢ଼ କରାଯାଉଛି କିମ୍ବା ତାହା ବିପରୀତ ଘଟୁଛି, ତାହା ଦେଖିପାରିବ। ଦେଶ ଆମକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ନେତୃତ୍ୱ ଦେଉଛି ଏବଂ ଲମ୍ବା ସମୟକୁ ଦେଖିଲେ ଏବକାର ବ୍ୟବସ୍ଥାରେ ଯାହାସବୁ ଏହା କରିଛି ଆମେ ସେଗୁଡ଼ିକ ଉପରେ ଦୀର୍ଘଦିନରୁ ଉଦାସୀନତା ପ୍ରକାଶ କରିଛୁ। ଆଇନ ମାଧ୍ୟମରେ ଆମକୁ ଏକ ଭିନ୍ନ ଦିଗ ଦେଖାଇଛି। ସେହିସବୁ ଆଇନ ମଧ୍ୟରୁ କେତୋଟି ଦେଖାଯାଉ। ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ୨୦୧୮, ହିମାଚଳ ପ୍ରଦେଶ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ୨୦୧୯ ; ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ସମପରିବର୍ତ୍ତନ ପ୍ରତିବନ୍ଧ ଅଧ୍ୟାଦେଶ ୨୦୨୦, ମଧ୍ୟପ୍ରଦେଶ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ ୨୦୨୧, ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ (ଆମେଣ୍ଡମେଣ୍ଟ)ଆକ୍ଟ ୨୦୨୧, କର୍ଣ୍ଣାଟକ ପ୍ରୋଟେକ୍ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ୨୦୨୨, ହରିୟାଣା ପ୍ରିଭେନ୍ସନ ଅଫ୍ ଅନ୍–ଲ'ଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ଆକ୍ଟ ୨୦୨୨। ଅନ୍ୟ କେତେକ ଆଇନ ହେଉଛି– ମହାରାଷ୍ଟ୍ର ଆନିମଲ ପ୍ରୋଟେକ୍ସନ ଆକ୍ଟ ୨୦୧୫, ହରିୟାଣା ଗୋବଂଶ ସଂରକ୍ଷଣ ଆଣ୍ଡ୍ ଗୋସମ୍ବର୍ଦ୍ଧନା ଆକ୍ଟ ୨୦୧୫, ଗୁଜରାଟ ଆନିମଲ ପ୍ରିଜରଭେଶନ୍ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୭, କର୍ଣ୍ଣାଟକ ପ୍ରିଭେନ୍ସନ ଅଫ୍ ସ୍ଲାଟର ଆଣ୍ଡ୍ ପ୍ରିଜରଭେଶନ୍ ଅଫ୍ କ୍ୟାଟେଲ ଆକ୍ଟ ୨୦୧୭। ଆଉ କେତେକ ଆଇନ ମଧ୍ୟରେ ରହିଛି, ଅନ୍–ଲ'ଫୁଲ ଆକ୍ଟିଭିଟିଜ (ପ୍ରିଭେନ୍ସନ) ଆମେଣ୍ଡମେଣ୍ଟ ଆକ୍ଟ ୨୦୧୯, ରାଇଟ ଟୁ ଇନ୍‌ଫର୍ମେଶନ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯, ଉତ୍ତରପ୍ରଦେଶ ରିକଭରି ଅଫ୍ ଡ୍ୟାମେଜ୍ ଟୁ ପବ୍ଲିକ ଆଣ୍ଡ୍ ପ୍ରାଇଭେଟ ପ୍ରପର୍ଟି ଆକ୍ଟ ୨୦୨୦, ଟେମ୍ପୋରାରି ସସ୍‌ପେନ୍ସନ ଅଫ୍ ଟେଲିକମ୍ ସର୍ଭିସ (ପବ୍ଲିକ ଏମର୍ଜେନ୍ସି ଅର୍ ପବ୍ଲିକ ସେଫ୍ଟି) ରୁଲ୍ସ ୨୦୧୭, ଆଧାର ଆଣ୍ଡ୍ ଅଦର ଲ'(ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯।

ଦେଖିବାକୁ ଗଲେ ଏହିସବୁ ବର୍ଷ ଗୁରୁତ୍ୱପୂର୍ଣ୍ଣ, କାରଣ ଏଗୁଡ଼ିକ ଆମକୁ ପ୍ରଗତି ଆଣିଛି ବୋଲି କୁହାଯାଉଛି ଓ ଆନ୍ଦୋଳନର ବାଟ ଦେଖାଇଛି। ସେଗୁଡ଼ିକ ଆମକୁ ଏବକାର ସ୍ଥିତିକୁ ଆଣି ପହଞ୍ଚାଇଛି, ଯାହା ଆମେ ଅନୁଭବ କରୁଛୁ। ହେଲେ ଘଟିଥିବା ଘଟଣାଗୁଡ଼ିକୁ ନେଇ ପ୍ରକାଶ ପାଇଥିବା ଖବରସବୁ ଦେଖିଲେ ଆଇନ ଦ୍ୱାରା ଏବର ବ୍ୟବସ୍ଥା ବଳବତ୍ତର ରହିଛି। ତୁମର ଏକ ସୁବ୍ୟବସ୍ଥିତ ଏକଚ୍ଛତ୍ରବାଦ ଥାଇପାରେ ଏବଂ ସାରା ପୃଥିବୀରେ ଏହାର ଅନେକ ଉଦାହରଣ ଅଛି, ବିଶେଷକରି ଆମ ଚାରିପାଖର ପଡ଼ୋଶୀ ଦେଶଗୁଡ଼ିକରେ। ଏଠାରେ ବ୍ୟବସ୍ଥା ହେଉଛି ସମ୍ପୂର୍ଣ୍ଣ ଭାବେ ଅର୍ଥନୈତିକ ଶ୍ରେଣୀର ଏବଂ ନାଗରିକ ଚାହାନ୍ତୁ ବା ନ ଚାହାନ୍ତୁ, ତାଙ୍କ ସ୍ୱତନ୍ତ୍ରତା ଓ ସ୍ୱାଧୀନତାକୁ ସମର୍ପଣ କରିବାକୁ ପଡ଼ିବ। ଦୁର୍ଭାଗ୍ୟବଶତଃ, ବ୍ୟବସ୍ଥାଗତ ଦମନରେ ଏକ ଗଣତନ୍ତ୍ର ସୁସ୍ଥ ରହିବା ଓ ସଫଳହେବାର କୌଣସି ଦୃଷ୍ଟାନ୍ତ ନାହିଁ। ଗଣତନ୍ତ୍ରର ସୁଫଳ ଓ ଲାଭ ବ୍ୟାପକ ସ୍ୱାଧୀନତା ଦ୍ୱାରା ହାସଲ ହୁଏ, ଦମନରେ ନୁହେଁ। ଏହା ସ୍ୱୀକାର୍ଯ୍ୟ ଯେ, ସ୍ୱାଧୀନ ନାଗରିକ ଦେଶପାଇଁ ଅଧିକ ଉପଯୋଗୀ, ସୃଜନଶୀଳ ତଥା ଅଧିକ ସକ୍ଷମ ହେବେ। ଏହାକୁ ଛାଡ଼ି ଅନ୍ୟ ରାସ୍ତାରେ ଗଲେ ସଫଳତା ମିଳିବ ନାହିଁ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 3 | 6 | | |
| 2 | | 3 | | | | | | |
| | | | | 7 | | | | 4 |
| 1 | | | | | | | | |
| 6 | | 9 | 3 | | | | 8 | |
| 7 | | 8 | 6 | | 1 | | | |
| 8 | | | | | | 9 | 2 | |
| | 2 | 1 | | | | | 4 | 5 |
| | | 6 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 7 | 3 | 8 | 6 | 2 | 4 |
| 6 | 8 | 3 | 9 | 2 | 4 | 1 | 5 | 7 |
| 2 | 7 | 4 | 1 | 6 | 5 | 3 | 9 | 8 |
| 4 | 1 | 9 | 6 | 5 | 7 | 2 | 8 | 3 |
| 8 | 6 | 7 | 3 | 4 | 2 | 5 | 1 | 9 |
| 5 | 3 | 2 | 8 | 1 | 9 | 7 | 4 | 6 |
| 9 | 2 | 6 | 5 | 8 | 3 | 4 | 7 | 1 |
| 7 | 5 | 1 | 4 | 9 | 6 | 8 | 3 | 2 |
| 3 | 4 | 8 | 2 | 7 | 1 | 9 | 6 | 5 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

# ବିସମ୍ବାଦର ବିଡ଼ମ୍ବନା

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସେକାଳରୁ ଏକାଳଯାଏ ଏ ସଂସାରରେ ଏମିତି କେହି ଜଣେ ନ ଥିବେ, ଯିଏ ଏହି ସଂସାରକୁ ଆସିବାଠୁ ପୁଣି ଚିରଦିନ ପାଇଁ ବିଦାୟ ନେବା ପର୍ଯ୍ୟନ୍ତ କୌଣସି ଖବର ସହ ସମ୍ପୃକ୍ତ ନ ଥିବେ! ସମ୍ପୃକ୍ତ ଥିବେନି ବୋଇଲେ ନିଜ ଅନୁଭବ ଓ ଅନୁଭୂତି ବାହାରେ କୌଣସି ଘଟଣା କାନରେ ଶୁଣି ନ ଥିବେ ଅବା ଘଟଣା ସମ୍ପର୍କିତ ଖବର ଆଖିରେ ପଢ଼ି ନ ଥିବେ ବା ଘଟଣାର ଦୃଶ୍ୟରାଜି ଆଖିରେ ଦେଖି ନ ଥିବେ। ନିଜ ପରିସର ବାହାରେ ସଂଘଟିତ ହେଉଥିବା ଘଟଣାଟି ଯେଉଁ ରୂପ ଧରି ନିଜ ଚେତନାକୁ ସ୍ପର୍ଶ କରେ, ସେଇ ରୂପର ନାମ ଖବର, ତେଣିକି ତାହା ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେଉ ଅବା ପହଲଗାମ୍‌ରେ ନିର୍ଦ୍ଦୟ ନରସଂହାର ହେଉ। ନିଜ ଚାରିପଟରେ ଘଟୁଥିବା ଘଟଣାବଳୀର ଯଦି ଖବର ରୂପ ନେଇ ପ୍ରସାରିତ ହେଉ ନ ଥା'ନ୍ତା, ତେବେ ମଣିଷ କୂପମଣ୍ଡୁକ ହୋଇ ନିଜ କ୍ଷୁଦ୍ର ଦୁନିଆ ମଧ୍ୟରେ ଅବରୁଦ୍ଧ ବନ୍ଦୀ ଜୀବନ ବିତାଉଥାଆନ୍ତା ଅବା ଇତର ପଶୁମାନଙ୍କ ଭଳି ଖାଇପିଇ, ବଂଶ ବିସ୍ତାର କରି କେବଳ ମରଣକୁ ଅପେକ୍ଷା କରି ରହନ୍ତା।

ଏବେ ସିନା ନବ୍ୟ ଆଧୁନିକତାର ଭବ୍ୟ ଆକର୍ଷଣ ମଧ୍ୟରେ ମଣିଷ ନିମିଷକ ମଧ୍ୟରେ ବିଶ୍ୱର ଏ ପ୍ରାନ୍ତରୁ ସେ ପ୍ରାନ୍ତଯାଏ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଅବଗତ ହୋଇପାରିଛି; ମାତ୍ର ଟିକେ ପଛକୁ ଫେରି ଚାହିଁଲେ ସ୍ପଷ୍ଟ ରୂପେ ଜାଣିହେବ ଯେ ଅତୀତରେ ମଣିଷ କେମିତି ଏକ ସଂକୁଚିତ ପୃଥିବୀର ବାସିନ୍ଦା ଥିଲା। ନା ତା' ପାଖରେ ଥିଲା ବାହାର ଦୁନିଆ ସମ୍ପର୍କରେ ଜାଣିବାର କିଛି ମାଧ୍ୟମ ନା ଥିଲା ନିଜ ଜ୍ଞାନ ପରିସରକୁ ପ୍ରଶସ୍ତ ଓ ପ୍ରସାରିତ କରିବାର ସୁଯୋଗ। ବିଜ୍ଞାନକୁ ଶତ ଧନ୍ୟବାଦ, ଯାହା ମଣିଷକୁ ଶ୍ରୀଲଙ୍କାରୁ ସାଇବେରିଆଯାଏ ସମସ୍ତ ଭୂଗୋଳ ସମ୍ପର୍କରେ ପରିଚିତ କରାଇପାରୁଛି, ପୁଣି ଭୁବନରେ ନିଆଁ ଲାଗିଲେ ନିମିଷକ ମଧ୍ୟରେ ତାହାର ତାତି ଭୁବନେଶ୍ୱରରେ ଅନୁଭୂତ କରାଇପାରୁଛି।

ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଭାବେ ଗୃହୀତ 'ବସୁଧୈବ କୁଟୁମ୍ବକମ୍' ହିଁ ଆଧୁନିକ ବିଶ୍ୱର 'ଗ୍ଲୋବାଲ୍ ଭିଲେଜ' ବା 'ବିଶ୍ୱଗ୍ରାମ' ସ୍ଲୋଗାନ୍‌ର ମୂଳପିଣ୍ଡ। ବିଶାଳ ବିଶ୍ୱ ଭୂଖଣ୍ଡର ପରିବ୍ୟାପ୍ତ ପରିସୀମା ଭିତରେ ସାମ୍ପ୍ରତିକ ଖବର ସରବରାହ ବ୍ୟବସ୍ଥା ଏ ପୃଥିବୀକୁ ଏବେ ଛୋଟ କରିଦେଇଛି ସିନା, ମାତ୍ର ଯେତେବେଳେ ପ୍ରାଚୀନ ଯୁଗର ମଣିଷ କେହି କାହାର ଖବର ରଖିପାରୁ ନ ଥିଲେ, ସେତେବେଳେ ଦେବର୍ଷି ନାରଦ ନିଜର ବୀଣାବାଦନ ମାଧ୍ୟମରେ ବିଶ୍ୱର ଗୋଟିଏ ପ୍ରାନ୍ତର ଖବର ଅନ୍ୟ ପ୍ରାନ୍ତଯାଏ ନେଇଯାଉଥିଲେ। ସେଥିପାଇଁ ତ ବିଶ୍ୱର ଆଦ୍ୟ ସାମ୍ବାଦିକ ଭାବେ ସେ ପରିଚିତ ଓ ପୂଜିତ।



ନବ୍ୟ ଜୀବନର ଭବ୍ୟ ଆହ୍ୱାନ ମଧ୍ୟରେ ପରିପୁଷ୍ଟ ଏବେକାର ସମାଜ ଆଧୁନିକତାର ପ୍ରବାହ ମଧ୍ୟରେ ଖବରର ପ୍ରାଚୀନ ପରିଭାଷା ବଦଳାଇଦେଇଛି। ସମାଜର ଲୋକେ ଯାହା ଜାଣିନାହାନ୍ତି, ତାହା ତାଙ୍କୁ ଜଣାଇଦେବାର ମହତ୍ ଲକ୍ଷ୍ୟ ମଧ୍ୟରେ ଆଉ ନିର୍ଣ୍ଣିତ ହେଉନାହିଁ ଖବରର ସଂଜ୍ଞା। ବରଂ ସେମାନେ ଜାଣିଥିବା କଥାଟି ବାହାରେ ଆଉ କିଛି କଥା ଅଛି ଓ ସେଇ କଥାଟିକୁ ନ ଜାଣିଲେ ସମ୍ପୂର୍ଣ୍ଣ ସତ୍ୟ ପାଖରେ ପହଞ୍ଚି ହେବ ନାହିଁ, ଏହିଭଳି ଏକ ଅବବୋଧ ସୃଷ୍ଟି କରାଯାଇ ଖବରଟିକୁ ରୋଚକ କରିବା ଭିତ୍ତିରେ ନିର୍ଣ୍ଣିତ ହେଉଛି ସାମ୍ବାଦିକର ସାମର୍ଥ୍ୟ। ଆଉ ଏ ସବୁ କରିବାରେ ଭିନ୍ନ ମତ ପୋଷଣ କରୁଥିବା ଓ ଏହା ପ୍ରକୃତ ସାମ୍ବାଦିକ ଧର୍ମର ପରିପନ୍ଥୀ ବିଚାରୁଥିବା ସାମ୍ବାଦିକଟିଏ ଖବର ପ୍ରସାରଣ ବଜାରରେ ଅଲୋଡ଼ା ହୋଇ ରହିଯାଉଛି। ଛାପା ଖବର ସଂସ୍ଥା ବା ପ୍ରିଣ୍ଟ ମିଡିଆ ଅପେକ୍ଷା ବିଭିନ୍ନ ଟିଭି ଚ୍ୟାନେଲ ବା ଇଲେକ୍‌ଟ୍ରୋନିକ ମିଡିଆରେ ଏହି ଧାରାର ଖବର ପ୍ରସାରଣ ଅଧିକ ଗୁରୁତ୍ୱ ହାସଲ କରୁଛି।

ବିଜ୍ଞାନ ଓ ବୌଦ୍ଧିକତାର ବିସ୍ତାରଣ ମଧ୍ୟରେ ବିଶ୍ୱର ଭୂଗୋଳ କ୍ରମେ ସଙ୍କୁଚିତ ହୋଇ ବିଶ୍ୱ ଗ୍ରାମରେ ପହଞ୍ଚିଯାଉଛି ସିନା, ମାତ୍ର ଅନେକ କ୍ଷେତ୍ରରେ ଖବର ପ୍ରସାରଣ ଆଶାନୁରୂପ ହୋଇପାରୁନି। ଏମିତି କେତେକ ଖବର ପ୍ରକାଶ ପାଉଛି, ଯାହା ଜନମଙ୍ଗଳରେ ଆସିପାରୁନାହିଁ ବୋଲି ଚର୍ଚ୍ଚା ହୋଇଥାଏ। ପୂର୍ବରୁ ରାଜଧାନୀ ଭୁବନେଶ୍ୱରର ଅଧିବାସୀମାନଙ୍କ ପାରସ୍ପରିକ ଅସଂଲଗ୍ନ ଅବସ୍ଥାକୁ ବ୍ୟଙ୍ଗ କରି କୁହାଯାଉଥିଲା– 'ଭୁବନେଶ୍ୱର ଏମିତି ଏକ ବିଚିତ୍ର ସହର ଯେ, ଏଠି ଏପାଖ ଘରର କେହି ମରିଗଲେ ତାଙ୍କ ପୁଅ ନାତିମାନେ ଲଣ୍ଡା ନ ହେବାଯାଏ ସେ ପାଖଘରର ଲୋକ କେହି ଜାଣିପାରିବେ ନାହିଁ।' ଅବଶ୍ୟ ସେ ଅବସ୍ଥାରେ ଅନେକ ପରିବର୍ତ୍ତନ ଆସିଲାଣି।

ଇଲେକ୍‌ଟ୍ରୋନିକ ଗଣମାଧ୍ୟମର କଥା କହିଲେ ନ ସରେ। ସମାନ ଖବରଟିଏ ସଂଘଟିତ ହୋଇଥିବ କେଉଁ ଏକ ସ୍ଥାନରେ, ଏକ ନିର୍ଦ୍ଦିଷ୍ଟ ସମୟରେ। ଅଥଚ ଦୁଇଟି ଟିଭି ଚ୍ୟାନେଲରେ ତାହାର ପ୍ରସାରଣର ଭାଷା ହୋଇଥିବ ଭିନ୍ନ। ଟିଭି ଚ୍ୟାନେଲରେ କେଉଁଠି ହତ୍ୟା ଆତ୍ମହତ୍ୟାର ରୂପ ନେଉଥିବ ତ ଅନ୍ୟଠି ଆତ୍ମହତ୍ୟାକୁ ହତ୍ୟା ଭାବେ ପ୍ରଚାର କରାଯାଉଥିବ। ତହିଁରେ ଏଠାକାର ଖବରଦାତାମାନଙ୍କ ଖବର ପରିବେଷଣର ଶୈଳୀ ପୁଣି ଆହୁରି ବିଚିତ୍ର। ସୀମାନ୍ତ ସୁରକ୍ଷାରେ ନିୟୋଜିତ ସୈନ୍ୟ ଜଣେ ଶତ୍ରୁର ଗୁଳିରେ ଶହୀଦ ହୋଇଗଲେ ମୁଣ୍ଡ ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଥିବା ତାଙ୍କ ବୃଦ୍ଧ ପିତାଙ୍କୁ କେଉଁଠି ପଚରା ଯାଉଥିବ ଅତ୍ୟନ୍ତ ଅମାନବିକ ଏକ ପ୍ରଶ୍ନ– ''ପୁଅ ଆପଣଙ୍କର ଶହୀଦ ହୋଇଗଲେ। କ'ଣ କହିବେ ଆପଣ!'' ପୁଣି ଅନ୍ୟ କେଉଁଠି ପ୍ରଚଣ୍ଡ ଅଗ୍ନିକାଣ୍ଡରେ ନିଜର ସର୍ବସ୍ୱ ହରାଇଥିବା ଲୁଗା ଗୋଦାମର ହତଭାଗ୍ୟ ମାଲିକଙ୍କୁ ପଚରା ଯାଉଥିବ ଏକ କ୍ରୋଧ ଉଦ୍ଦୀପକ ହାସ୍ୟାସ୍ପଦ ପ୍ରଶ୍ନ– ''ଆପଣଙ୍କର ଏ ବିପୁଳ କ୍ଷତି ଦେଖି କ'ଣ କହିବେ! କେତେ ଦୁଃଖ ଲାଗୁଛି ଆପଣଙ୍କୁ?''

ଖବର ମଧ୍ୟରେ ଏପ୍ରକାର ବିସମ୍ବାଦର ଧାରା ସବୁଠୁଁ ଉତ୍କଟ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ। ସ୍ମାର୍ଟଫୋନ୍ ପ୍ରଚଳନ ହେବା ଦିନରୁ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ବା ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଖବର ପ୍ରସାରଣର ଧାରା ଏତେ ବ୍ୟାପକ ହୋଇଗଲାଣି ଯେ, ଏହାର ପ୍ରତ୍ୟେକ ବ୍ୟବହାରକାରୀ ଏବେ ଜଣେ ଜଣେ ସାମ୍ବାଦିକ। ସଚ୍ଚା ସାମ୍ବାଦିକର ଭୂମିକା ନିର୍ବାହ କରି ମୋବାଇଲ ମିଡିଆରେ ବିଭିନ୍ନ ଖବର ପରିବେଷଣ କରୁଥିଲେ ଆଉ କଥା ନ ଥା'ନ୍ତା। ମାତ୍ର ଆଖି ଖୋସି ହୋଇଗଲା ପରି ହଟଚମଟ ସୃଷ୍ଟିକାରୀ ବିସମ୍ବାଦ ପ୍ରସାରଣ କରି ଏଇ ବିସାମ୍ବାଦିକମାନେ ନିଜେ ନିଜକୁ ସାମାଜିକ ଗଣମାଧ୍ୟମର ନାୟକ ମନେକରନ୍ତି। କେଉଁଠି ବ୍ୟାଙ୍କର ଅନେକ କୋଟି ଟଙ୍କା ଠକି ନେଇ ବିଦେଶ ପଳାଇ ଯାଇଥିବା ଅର୍ଥନୈତିକ ଅପରାଧୀ ନୀରବ ମୋଦିଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କୀୟ ଭାଇ ବୋଲି ଘୋଷଣା କରନ୍ତି ତ ପୁଣି ଅନ୍ୟଠି କେଇକ୍ଷଣ ପୂର୍ବରୁ ବହୁଦର୍ଶିତ ଟେଲିଭିଜନ ଶୋ' 'କୌନ୍ ବନେଗା କରୋଡ଼ପତି'କୁ ସକ୍ରିୟ ଭାବେ ସଞ୍ଚାଳନ କରିଥିବା ବିଗ୍ ବି ଅମିତାଭ ବଚ୍ଚନଙ୍କ ଫଟୋଚିତ୍ରରେ ଫୁଲମାଳ ଲମ୍ବାଇ 'ଏକ ଯୁଗର ଅବସାନ' ଭଳି ଶୋକବାର୍ତ୍ତା ଲେଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରନ୍ତି!

ଏମିତି ବିଚିତ୍ର ବିସମ୍ବାଦରୁ ଆଧୁନିକ ବୋଲାଉଥିବା ଆମ ଏବେକାର ଅତ୍ୟାଧୁନିକ ସମାଜ କେବେ ଓ କେମିତି ଏଥିରୁ ମୁକ୍ତି ପାଇବ, ତାହା ଆମ ସମାଜପତିମାନେ ଯେତେଶୀଘ୍ର ଚିନ୍ତା କରିବେ ସେତେ ମଙ୍ଗଳ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିଆଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# 'ହୃଦୟ ଦୀପ'ର କାହାଣୀକାର

ବ୍ୟକ୍ତିତ୍ୱ



ବାନୁ ମୁସ୍ତାକ୍

'ମୋ ଗାଁ ବରଗଛ ମୂଳେ ଜନ୍ମ ହୋଇଥିବା ଏକ କାହାଣୀ ସମଗ୍ର ବିଶ୍ୱରେ ତା'ର ଛାୟା ବିସ୍ତାର କରିପାରେ।' ଇଣ୍ଟରନ୍ୟାଶନାଲ ବୁକର୍ ପ୍ରାଇଜ୍ ପାଇବା ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଏଭଳି ବୈଶ୍ୱିକ ବାଣୀ ଉଚ୍ଚାରଣ କରିଥିବା ମହିଳା ବାନୁ ମୁସ୍ତାକ୍ ଏବେ ପାଲଟି ଯାଇଛନ୍ତି ଚର୍ଚ୍ଚିତ ଲେଖିକା। କନ୍ନଡ଼ ଭାଷାରେ ଲିଖିତ 'ହୃଦୟ ଦୀପ'କୁ 'ଇଂଲିଶ୍‌ରେ 'ହାର୍ଟ ଲ୍ୟାମ୍ପ' ଭାବେ ଅନୁବାଦ କରି ଅନ୍ତର୍ଜାତୀୟ ପୁରସ୍କାର ସିଦ୍ଧ କରିଥିବାରୁ ଅନୁବାଦିକା ଦୀପା ଭସ୍ତିଙ୍କୁ ବାନୁ ଉଚ୍ଚ ପ୍ରଶଂସା କରିଛନ୍ତି। ମୁସଲମାନ ଲେଖିକା ଓ ହିନ୍ଦୁ ଅନୁବାଦିକାଙ୍କ ଯୁଗଳ ସୃଜନ କର୍ଣ୍ଣାଟକ ସାହିତ୍ୟକୁ ଉଚ୍ଚରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ଅନେକଟି ସୃଷ୍ଟିରେ ନାରୀକୁ କେନ୍ଦ୍ରୀୟ ଚରିତ୍ର କରି ତା'ର ଅଧିକାର ସାବ୍ୟସ୍ତ ସକାଶେ ଲେଖନୀ ଚାଳନା କରିଥିବା ମହିଳାଙ୍କ ଚିନ୍ତାଧାରାକୁ ଉଚିତ ବ୍ୟାଖ୍ୟାନ କରିଥିବା ଆଉ ଜଣେ ମହିଳା ନିଶ୍ଚିତ ଭାବେ ସମ୍ମାନଯୋଗ୍ୟା। ଦୁହିଁଙ୍କୁ ଅନ୍ତର୍ଜାତୀୟ ସମ୍ମାନର ଅର୍ଥ ନାରୀ ସମାଜକୁ ମର୍ଯ୍ୟାଦାର ଗାଦିରେ ବସାଇ ଦିଆଯିବା। ଜୀବନବ୍ୟାପୀ ମହିଳାଙ୍କ ହକ୍ ପାଇଁ ସାମାଜିକ ଆନ୍ଦୋଳନ ଓ ସଂସ୍କୃତିସମ୍ପନ୍ନ ସାହିତ୍ୟ ଯାତ୍ରା ମାଧ୍ୟମରେ ସ୍ଥାନୀୟ ଚରିତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥିବାରୁ ବାନୁଙ୍କୁ ନେଇ ଚାରିଆଡ଼େ ଗୋଟେ ସକାରାତ୍ମକ ଆଲୋଚନା ହେବା ଜଣେ ସ୍ରଷ୍ଟା ପାଇଁ ଅତି ଗୌରବର କଥା। ପ୍ରତ୍ୟେକଙ୍କ ହୃଦୟରେ ଦୀପଟିଏ ଜାଳିବା ପାଇଁ ନିଜେ ସଳିତା ପାଲଟିବା ସମସ୍ତଙ୍କ ଭାଗ୍ୟରେ ଜୁଟି ନ ଥାଏ। ବାନୁ ଆଜି ତାଙ୍କ ସୃଜନ ସଳିତାରେ ବିଶ୍ୱକୁ ଆଲୋକୀକରଣ କରିଥିବାରୁ ତାଙ୍କ ଜୀବନ ଓ ସୃଜନଯାତ୍ରା ବିଷୟରେ ସମସ୍ତେ ଜିଜ୍ଞାସା ରଖିବା ସ୍ୱାଭାବିକ।

ବାନୁ ମୁସ୍ତାକ୍ କର୍ଣ୍ଣାଟକର ହାସାନଠାରେ ୧୯୪୮ରେ ଏକ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୮ ବର୍ଷ ବୟସରେ ତାଙ୍କୁ ଶିବମୋଗାସ୍ଥିତ କନ୍ନଡ଼ ଲାଙ୍ଗୁଏଜ୍ ମିଶନାରି ସ୍କୁଲରେ ଭର୍ତ୍ତି କରାଯାଇଥିଲା। ସର୍ତ୍ତ ଥିଲା ସେ ୬ ମାସ ମଧ୍ୟରେ ଯେପରି କନ୍ନଡ଼ ଭାଷା ଲେଖିବା ଓ ପଢ଼ିବା କରିପାରନ୍ତି। ହେଲେ ସେ ମାତ୍ର କେଇ ଦିନରେ ତାହା କରି ଦେଖାଇବା ପରେ ତାଙ୍କ ପ୍ରତିଭାର ପରିଚୟ ପିଲାଦିନୁ ମିଳିପାରିଥିଲା। ପରବର୍ତ୍ତୀ ସମୟରେ ସେ ବିଶ୍ୱବିଦ୍ୟାଳୟରେ ପଢ଼ାଶେଷ କରିଥିଲେ। ୨୬ ବର୍ଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ତାଙ୍କ ପ୍ରାରମ୍ଭିକ ବୃତ୍ତି ଥିଲା ସାମ୍ବାଦିକତା, 'ଲଙ୍କେଶ ପତ୍ରିକେ'ରେ ରିପୋର୍ଟର। ପରବର୍ତ୍ତୀ ସମୟରେ ସେ କିଛି ସମୟ ପାଇଁ ବେଙ୍ଗାଲୁରୁସ୍ଥିତ ଆକାଶବାଣୀରେ କାର୍ଯ୍ୟ କରିଥିଲେ। ୧୯୮୦ରେ ବାନୁ କର୍ଣ୍ଣାଟକରେ ଦେଖାଦେଇଥିବା ମୌଳବାଦ ଓ ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ମସ୍‌ଜିଦରେ ମୁସଲମାନ ମହିଳାଙ୍କ ପ୍ରବେଶ ଅଧିକାରକୁ ସମର୍ଥନ କରିବାରୁ ତାଙ୍କୁ ଓ ତାଙ୍କ ପରିବାର ବିରୋଧରେ ୨୦୦୦ ମସିହାରେ ୩ ମାସିଆ ସାମାଜିକ ବାସନ୍ଦ ଲାଗୁ କରାଯାଇଥିଲା। ଏପରିକି ତାଙ୍କୁ ଟେଲିଫୋନ୍‌ରେ ଅନେକେ ଅଭଦ୍ର ଭାଷାରେ ଗାଳି କରିବା ସହ ଜଣେ ଛୁରି ଭୁସିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସ୍ୱାମୀଙ୍କ ପ୍ରତିରୋଧ ଯୋଗୁ ସେ ଅଘଟଣରୁ ବର୍ତ୍ତି ଯାଇଥିଲେ। ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ ସେ ତାଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ, ବରଂ ସବୁ ଅଡୁଆ ଘଟଣା ତାଙ୍କୁ ସଶକ୍ତ ହେବା ଲାଗି ସୁଯୋଗ ଯୋଗାଇ ଦେଇଥିଲା।

ପିଲାଟିବେଳୁ ଲେଖାଲେଖି ପ୍ରତି ଆଗ୍ରହ ଥିଲେ ମଧ ୨୯ ବର୍ଷଯାଏ ସେ ଲେଖକୀୟ ସ୍ୱୀକୃତି ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରକୁ ସେ ପ୍ରତ୍ୟକ୍ଷ କରିବା ପରେ ନାରୀବାଦୀ ଲେଖିକା ହୋଇଯାଇଥିଲେ। ୬ଟି କ୍ଷୁଦ୍ରଗଳ୍ପ ସଙ୍କଳନ ସହ ଗୋଟିଏ ଲେଖାଏ ଉପନ୍ୟାସ, ପ୍ରବନ୍ଧ ଓ କବିତା ସମଗ୍ରକୁ ନେଇ ତାଙ୍କ ସୃଜନ ସଂସାର ବେଶ୍ ସୁଦୃଢ଼। ତାଙ୍କ କାହାଣୀ 'ହାସିନା' ଚଳଚ୍ଚିତ୍ର ଭାବେ ମୁକ୍ତିଲାଭ କରିବା ପରେ ତାହା ଅନେକଙ୍କୁ ପ୍ରଭାବିତ କରିଥିଲା। ୧୯୭୦ରେ ବନ୍ଦୟ ସାହିତ୍ୟ (ଲେଖକଙ୍କ ବୈପ୍ଳବିକ ମଞ୍ଚ)ର ସେ ଅଂଶବିଶେଷ ପାଲଟିଥିଲେ। ପୁଣି ଜଣେ ଆଇନଜୀବୀ ଭାବେ ବାନୁ ମହିଳାଙ୍କୁ ନ୍ୟାୟ ବାଣ୍ଟିବା ବେଳେ ସେଥିରୁ ସେ ଅନେକ ଚରିତ୍ରକୁ ଭେଟିଛନ୍ତି, ଯେଉଁଗୁଡ଼ିକ ତାଙ୍କ ପାଇଁ ପରବର୍ତ୍ତୀ ସମୟରେ କାହାଣୀର ରୂପ ପାଇପାରିଛି। ଏକ ଶୁଦ୍ଧ ମନ ଓ ସକାରାତ୍ମକ ସଂକଳ୍ପ ନେଇ ସେ ପ୍ରତିଟି ଚରିତ୍ରକୁ ବାସ୍ତବାୟିତ କରିପାରିଥିବାରୁ ଦିନେ ତାଙ୍କ ଉପରେ ଲାଗିଥିବା 'ଫତ୍ୱା' ତାଙ୍କ ପାଇଁ 'ଫେମ୍' ଆଣିଦେଲା ବୋଲି ସମୀକ୍ଷକମାନେ ମତ ଦେଇଥାଆନ୍ତି। ବିଶେଷକରି ୧୨ଟି କ୍ଷୁଦ୍ରଗଳ୍ପ ସଙ୍କଳନ 'ହୃଦୟ ଦୀପ'ରେ ବାନୁ ଦକ୍ଷିଣ ଭାରତର ପିତୃକୈନ୍ଦ୍ରିକ ପରିବାରରେ ମହିଳାଙ୍କ ଦୈନନ୍ଦିନ ଜୀବନ, ସେମାନଙ୍କୁ କରାଯାଉଥିବା ଶୋଷଣ ଓ ସ୍ୱାଧୀନତାକୁ କ୍ୱଚିତ ସହ୍ୟ କରୁଥିବା ରକ୍ଷଣଶୀଳ ସମାଜର ପ୍ରତିଟି ଦିଗକୁ ବ୍ୟାଖ୍ୟାନ କରିଛନ୍ତି। ତେଣୁ ୭୧ ବର୍ଷୀୟା ମହିଳା ତାଙ୍କ ଲେଖା ମାଧ୍ୟମରେ କହିବାକୁ ଚାହିଁଛନ୍ତି 'ଆମ୍ଭେମାନେ ଏପରିକି ଏକ ବିଶ୍ୱ ସମୁଦାୟ ଭାବେ ତିଷ୍ଠିପାରିବା ଯେତେବେଳେ ବିବିଧତାକୁ କୋଳେଇ ନେବା, ମତଭେଦକୁ ସମ୍ମାନ ଦେବା ଓ ପରସ୍ପରର ଉନ୍ନତିରେ ନିଜକୁ ଉତ୍ସର୍ଗ କରିପାରିବା'। ଆଞ୍ଚଳିକ ଚିନ୍ତାଧାରା କିଭଳି ବୈଶ୍ୱିକ ଭାବଧାରାକୁ ପରିବର୍ତ୍ତନ କରିବାରେ ସହାୟକ ହୋଇପାରେ, ବାନୁ 'ହୃଦୟ ଦୀପ' ଜରିଆରେ ଦର୍ଶାଇବାକୁ ଚାହିଁଛନ୍ତି। ଦୀର୍ଘ ୩୦ ବର୍ଷ ଧରି ରଚିତ କାହାଣୀର ସଙ୍କଳିତ ରୂପ 'ହାର୍ଟ ଲ୍ୟାମ୍ପ' ନିଶ୍ଚିତ ଭାବେ ଅନେକଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିବା ଥୟ।

କୌତୂହଳର ବିଷୟ, ଲଣ୍ଡନର ଟାଟେ ମଡର୍ନଠାରେ ମର୍ଯ୍ୟାଦାପୂର୍ଣ୍ଣ ସାହିତ୍ୟ ସମ୍ମାନ ଗ୍ରହଣ କରୁଥିବା ବେଳେ ବାନୁଙ୍କ ହସ ବେଶ୍ ସୁନ୍ଦର ଥିଲା ଓ ତାଙ୍କ ଶାଢ଼ି ମଧ ଝଟକୁଥିଲା। କିନ୍ତୁ ସେ ପରିଧାନ କରିବାକୁ ଯୋଜନା କରିଥିବା ଶାଢ଼ି ତାହା ନ ଥିଲା। କାରଣ ଲଣ୍ଡନଯାତ୍ରା ସମୟରେ ତାଙ୍କ ସୁଟ୍‌କେଶଟି ହଜିଯାଇଥିଲା, ଯେଉଁଥିରେ ଥିଲା ଆବଶ୍ୟକ ଔଷଧ ଓ ପୁରସ୍କାର ଉତ୍ସବ ପାଇଁ ବାଛିଥିବା ରେଶମୀ ଶାଢ଼ି। କାହାଣୀକାର ଯେତେବେଳେ ନିଜ କାହାଣୀର ଚରିତ୍ର ପାଲଟି ଯାଆନ୍ତି, ସେତେବେଳେ ହଜିଯାଇଥିବା ଜିନିଷ ତାଙ୍କ ପାଖକୁ ନ ଆସି 'ଦାବିବିହୀନ ବସ୍ତୁ' ବିକ୍ରୟ କେନ୍ଦ୍ରରେ ନୂଆ ମାଲିକ ପାଇଯିବା ନିଶ୍ଚିତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିକୂଳ ସ୍ଥିତି ଉଲଫତା ବାନୋଙ୍କୁ ତାଙ୍କ କର୍ତ୍ତବ୍ୟରୁ ବିରତ କରିପାରିନାହିଁ। ଦୀର୍ଘ ୩୦ ବର୍ଷ ଧରି କଶ୍ମୀରର ଏହି ୫୫ ବର୍ଷୀୟା ପୋଷ୍ଟଓମେନ ସେବା ଯୋଗାଇ ଆସୁଛନ୍ତି। ଉଲଫତା ରହୁଛନ୍ତି ଦକ୍ଷିଣ କଶ୍ମୀରର ଶୋପିଆନ ଜିଲାର ହିରପୋରା ଗାଁରେ। ସେ ଶୀତଦିନେ ବରଫରେ ଯାଇ ଲୋକଙ୍କ ପାଖରେ ପାର୍ସଲ ପହଞ୍ଚାଇଥାନ୍ତି। ସେ ଦିନକୁ ୨୦–୨୫ ପାର୍ସଲ ଦେଉଥାନ୍ତି। ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଛନ୍ତି। ଏହି କାର୍ଯ୍ୟ ପାଇଁ ସେ କେବେ ବି ପରିବହନ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନାହାନ୍ତି। ଏପରି କି ନିଜ ପାଇଁ ସୁରକ୍ଷା ଚାହିଁନାହାନ୍ତି। ସେ ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥାନ୍ତି। ତାଙ୍କ ଗାଁ ଶ୍ରୀନଗରଠାରୁ ପାଖାପାଖି ୭୦ କିଲୋମିଟର ଦୂର। ସେଠାରେ ଶୀତଦିନେ ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ସେଲ୍‌ସିୟସ ରହେ ଓ ଗାଁଟି ବରଫରେ ମାସ ମାସ ଧରି ବୁଡ଼ିରହେ। ଜୀବନଜୀବିକା ବାଧାପ୍ରାପ୍ତ ହୋଇଥାଏ। ତଥାପି ଉଲଫତା ପ୍ରତିଦିନ ହିପୋରା ପୋଷ୍ଟ ଅଫିସ୍‌ରୁ ଚିଠି ଓ ପାର୍ସଲଗୁଡ଼ିକୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚିଯାଆନ୍ତି। ବିଶେଷକରି ହିପୋରାର ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠ୍ୟ ଉପକରଣ ଓ ବହି ପାଇବା ଲାଗି ଉଲଫତାଙ୍କୁ ଚାହିଁ ରହିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୭୬

- ସହଯୋଗ ବୃଦ୍ଧି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟ ନିମନ୍ତେ ଭାରତ ଓ ରୋମାନିଆ ମଧ୍ୟରେ ୨ଟି ଚୁକ୍ତି ସ୍ୱାକ୍ଷରିତ।
- ଅନୁନ୍ନତ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଛାତ୍ରବୃତ୍ତି, ମାଗଣାରେ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷାଗତ ସୁବିଧା ଯୋଗାଣ ପାଇଁ କେନ୍ଦ୍ର ସରକାର ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା !
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା ?
(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ କେତେ ସୁରକ୍ଷିତ

ମହାଶୟ,

ରାଜଧାନୀ ଭୁବନେଶ୍ୱରରେ ଗଳିକନ୍ଦିଠାରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ପର୍ଯ୍ୟନ୍ତ ଯେଉଁଠି ଦେଖ ଜଳଖିଆ ସହଜରେ ମିଳିପାରିବ। ଠେଲାଗାଡ଼ିରେ ହେଉ ଅବା ତଲେଇ ଟାଣି ହେଉ ସବୁଠି ଫାଷ୍ଟଫୁଡ୍‌ର ମଜା ନେଇପାରିବେ ଆପଣ। ମାତ୍ର ତାହା କେତେ ସୁରକ୍ଷିତ ଆପଣ ଜାଣନ୍ତି କି? ସରକାର ସ୍ୱଚ୍ଛ ପରିବେଶ ସାଙ୍ଗକୁ ସ୍ୱାସ୍ଥ୍ୟକର ଖାଦ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିକ୍ରି କରିବା ନିମନ୍ତେ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି, ମାତ୍ର ଦୋକାନୀ ସେ ସବୁକୁ ଖାତିର ନ କରି ଯିଏ ଯେଉଁଠି ପାଇଲା ଦୋକାନ ଖୋଲି ଦେଉଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଓ ନିମ୍ନ ମାନର ଉପକରଣ ବ୍ୟବହାର କରି ପାଟିକୁ ସୁଆଦିଆ ଲାଗୁଥିବା ଜିନିଷକୁ ଗ୍ରାହକଙ୍କୁ ଦେଇ ଭଲ ଦି' ପଇସା ରୋଜଗାର କରୁଛନ୍ତି। ଯାହାକୁ ଖାଇ ପେଟ ସମସ୍ୟା ଦେଖାଦେଉଛି। ଡାକ୍ତର ମଧ ବାହାର ଖାଦ୍ୟ ଖାଇବାକୁ ମନା କରୁଛନ୍ତି। ମାତ୍ର ନାଲି, ନେଳି ଦେଖାଯାଉଥିବା ଖାଦ୍ୟକୁ ଆମେ ଆମର ଲୋଭ ସମ୍ବରଣ କରି ନ ପାରି ଖାଇ ଦେଉଛୁ ଆଉ ତାହା ଆମ ଶରୀର ପାଇଁ କେତେ ସୁରକ୍ଷିତ ତାହା ବିଚାର କରିବାର ଆବଶ୍ୟକତା ଅଛି ବୋଲି ମନେହୁଏ।

– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୁଆର ଉଠିଲେ ଘରେ ପଶୁଛି ସମୁଦ୍ର ପାଣି


କେନ୍ଦ୍ରାପଡ଼ା,୨୪।୫ (ଜଗନ୍ନାଥ ଧଳ)

■ ବିପର୍ଯ୍ୟୟ ସମୟରେ କ୍ଷତିଭରଣାକୁ ଗୁରୁତ୍ୱ

■ ନିରାକରଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରତିବର୍ଷ ଜିଲାସ୍ତରୀୟ ପ୍ରଶାସନିକ କମିଟିର ବୈଠକ ହେଉଛି । ବୈଠକରେ ଚିରାଚରିତ ଢ଼ଙ୍ଗରେ ବିପର୍ଯ୍ୟୟ ସମୟରେ ଏହାର ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି ।ଏଥିରେ ବିପର୍ଯ୍ୟୟ ସମୟରେ ପ୍ରାକ୍‌ପ୍ରସ୍ତୁତି, ଉଦ୍ଧାର, ଥଇଥାନ, କ୍ଷତିଭରଣା ଆଦି ସମ୍ପର୍କରେ ଆଲୋଚନା ହେଉଛି । ତେବେ ପ୍ରାକୃତିକ ବିପର୍ଯ୍ୟୟରେ କିପରି କମ୍ କ୍ଷତି ମଧ୍ୟରେ ସୀମିତ ରହିବ, ସେପରି କୌଣସି ସ୍ୱତନ୍ତ୍ର ଯୋଜନା ଆଲୋଚନା ନ ହେବା ବହୁ ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ଣ୍ଣିମା ଓ ଅମାବାସ୍ୟାରେ ସମୁଦ୍ରରୁ ଉଠୁଥିବା ଜୁଆର ପାଣି ଘରେ ପଶୁଥିବା ବେଳେ ଜିଲା ପ୍ରଶାସନ ଓ ରାଜନେତା ଏହାକୁ ଅବହେଳା କରିବା ଆଦୌ ଉଚିତ ନୁହେଁ ବୋଲି ସେମାନେ ମତ ଦେଇଛନ୍ତି ।

ଏସମ୍ପର୍କରେ ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କୃଷକ ନେତା ଗୟାଧର ଧଳ, ଅଧ୍ୟାପକ କ୍ଷିତିଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ପ୍ରାକୃତିକ ବିପର୍ଯ୍ୟୟ ଭୟ ସର୍ବଦା ଲାଗିରହୁଛି । ବହୁ ସମୟରେ ମହାକାଳପଡ଼ା ଲାଞ୍ଜୁଡା ପଞ୍ଚାୟତର ୩୦ ଘର ସମେତ ତଟାଞ୍ଚଳର ବିଭିନ୍ନ ପଞ୍ଚାୟତକୁ ସମୁଦ୍ର ଜୁଆର ପାଣି ମାଡି ଯାଉଛି । ସମାନ୍ୟ ବର୍ଷା ପବନରେ ସମୁଦ୍ର ଫୁଲିଉଠି ଜିଲାର ୪୮ କିମି ତଟାଞ୍ଚଳକୁ ମାଡିଯାଉଛି । ତଟକ୍ଷୟ ଏହି ଜିଲାରେ ପ୍ରବଳ ହୋଇଥିଲେ ମଧ୍ୟ ଏହାର ନିରାକରଣ ପାଇଁ ହେନ୍ତାଳ ବଣ ସୃଷ୍ଟି ହୋଇ ପାରୁନାହିଁ । ସାତଭାୟା ଅଞ୍ଚଳରେ ସମୁଦ୍ର ଆଁରେ ନଷ୍ଟ ହୋଇଥିବା ବେଳେ ଆସନ୍ତା ୪ରୁ ୫ ବର୍ଷ ମଧ୍ୟରେ ଲାଞ୍ଜୁଡା ସମେତ ସୁନିତୀ, ବାବର ଆଦି ୫ ପଞ୍ଚାୟତ ସମୁଦ୍ର ଗର୍ଭକୁ ଯିବ । ଏହି ଜିଲାରେ ଥିବା ଜଳପଥରେ ପ୍ରତିବର୍ଷ ଜିଲାର ୪୫୭ଟି ଗ୍ରାମକୁ ବନ୍ୟା ବିପତ୍ତି ଆଣୁଛି । ଉପାନ୍ତ ଅଞ୍ଚଳର ନଦୀ, ନାଳ, ଜୋର ଆଦିରେ ବନ୍ଧବାଡ ନ ଥିବାରୁ ଅଧିକ ପାଣି ଚାଷ ଜମି ଓ ଗ୍ରାମ ମଧ୍ୟକୁ ପଶୁଛି । ବନ୍ୟା ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧା ମିଳି ପାରୁନାହିଁ । କେବଳ ବନ୍ଧବାଡ ମରାମତିକୁ ପ୍ରଶାସକ ଓ ରାଜନେତା ଗୁରୁତ୍ୱ ଦେଉଛନ୍ତି । ଏହାର ସ୍ଥାୟୀ ପ୍ରତିକାର ଅଥବା ନିରାକରଣ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ । କେନ୍ଦ୍ରାପଡ଼ା ଜିଲାର ୬୪ ଗ୍ରାମକୁ ସୁନାମୀ ପ୍ରବଣ ଚିହ୍ନଟ କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୂଚନା ପାଇଁ ୨୦ଟି ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ ହୋଇଛି । ତେବେ ସମସ୍ତ କେନ୍ଦ୍ରରୁ ବିଭିନ୍ନ ସମୟରେ ହୋଇଥିବା ବାତ୍ୟା ସମୟରେ ସାଇରନ ବାଜି ପାରି ନ ଥିଲା । ସେହିପରି ପର୍ଯ୍ୟାପ୍ତ ଜଳପଥ ସତ୍ତ୍ୱେ ଜିଲାରେ ମରୁଡ଼ି ପରି ପ୍ରାକୃତିକ ବିପଦ ଦେଖା ଦେଉଛି । ତଟାଞ୍ଚଳରେ ଏକ ବୃହତ୍ କେନାଲ ମାଧ୍ୟମରେ ନଦୀ ସଂଯୋଗୀକରଣ କରାଯାଇ ଏହାର ନିରାକରଣ ହୋଇପାରନ୍ତା । ଏବେ ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ବଡବଡ କୋଠା, ମଲ୍ ଆଦି ନିର୍ମାଣ ହେଉଛି । ଏଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତନଖୀ ହେଉନାହିଁ । ଅଂଶୁଘାତ, ସର୍ପାଘାତ ବଢୁଥିଲେ ମଧ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ । କେନ୍ଦ୍ରାପଡ଼ା ଜିଲାରେ ପ୍ରକୃତିର ବରଦାନ ଭାବେ ଜଙ୍ଗଲ ରହିଛି । ମାତ୍ର ପ୍ରତିବର୍ଷ ଏହି ଜଙ୍ଗଲରେ ଅଗ୍ନିକାଣ୍ଡ ଦେଖିବାକୁ ମିଳୁଛି । ଏହି ଜାତୀୟ ଉଦ୍ୟାନ ମଧ୍ୟରେ ଜୀବଜନ୍ତୁ ଠାରୁ ଅଧିକ ସଂଖ୍ୟକ ଲୋକ ବେଆଇନ ଭାବେ ବସବାସ କରୁଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି ।




ଏସମ୍ପର୍କରେ ଏଡିଏମ୍ ରବିନ୍ଦ୍ର କୁମାର ମଲିକ କହିଛନ୍ତି, ବନ୍ୟା ପ୍ରତିକାର ପାଇଁ ତଳମୁଣ୍ଡରେ ନଦୀବନ୍ଧ ସୁଦୃଢ଼ କରାଯାଉଛି । ସୁନାମୀର ପ୍ରଭାବ ହ୍ରାସ ପାଇଁ ତଟାଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରାଯାଉଛି । ଏହାବ୍ୟତୀତ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହାର ମୁକାବିଲା କରୁଛନ୍ତି ।

## ଅବସରପ୍ରାପ୍ତ ସୈନିକଙ୍କୁ ଭେଟେରାନ ଆଚିଭର ପୁରସ୍କାର




ଚଣ୍ଡିଖୋଲ,୨୪।୫ (ପ୍ରଦୀପ୍ତ କୁମାର ପୃଷ୍ଟି)

ଭାରତୀୟ ସୈନ୍ୟ ବାହିନୀରୁ ଅବସର ପରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା କ୍ଷୀରୋଦ କୁମାର ଜେନାଙ୍କୁ ମିଳିଛି ଭେଟେରାନ ଆଚିଭର ପୁରସ୍କାର । ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଗ୍ରାମର କ୍ଷୀରୋଦ ୨୦୦୫ରେ ସେନା ବାହିନୀରୁ ଅବସର ଗ୍ରହଣ ପରେ ବିଭିନ୍ନ ସ୍ଥାନରେ ଫଳ ଗଛ ଲଗାଇଛନ୍ତି । ପାହାଡ, ପର୍ବତ ସମେତ ଗ୍ରାମାଞ୍ଚଳର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଚାରାରୋପଣ କରି ସେ ଦେଶର ପରିବେଶ ସୁରକ୍ଷାରେ ନିଜକୁ ସମର୍ପି ଦେଇଛନ୍ତି । ନୂଆଦିଲ୍ଲୀସ୍ଥିତ ସେନା ମୁଖ୍ୟାଳୟରେ ଶୁକ୍ରବାର ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପିଭିଏସଏମ ଓ ଭିଏସ ଏମଙ୍କଠାରୁ କ୍ଷୀରୋଦ ପୁରସ୍କାର ଗ୍ରହଣ କରିଛନ୍ତି । ଏନେଇ କ୍ଷୀରୋଦ କହିଛନ୍ତି, ନିଜ ପେନସନ ଟଙ୍କା ଓ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ୧୯ ବର୍ଷ ମଧ୍ୟରେ ସେ ୩୦ ହଜାରରୁ ଊର୍ଦ୍ଧ୍ୱ ଫଳନ୍ତି ଚାରାରୋପଣ କରି ସାରିଲେଣି । ପରିବେଶର ସୁରକ୍ଷା ସହିତ ପ୍ରାଣୀଙ୍କ ଆହାର ନିମନ୍ତେ ଫଳନ୍ତି ଚାରାରୋପଣ ଉପରେ ସେ ସଦା ସର୍ବଦା ଗୁରୁତ୍ୱ ପ୍ରଦାନ କରି ଆସିଛନ୍ତି ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁରଟାଉନ,୨୪।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

**କଲେଜ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା ମାମଲା**

ଜଣେ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରି ତାଙ୍କ ମୃତଦେହକୁ ପାଇଖାନା ଟାଙ୍କିରେ ପକାଇ ଦେଇଥିବା ମାମଲାର ଶନିବାର ରାୟ ପ୍ରକାଶ ପାଇଛି । ଯାଜପୁର ପୋକ୍‌ସୋ କୋର୍ଟ ବିଚାରପତି ବିଜୟ କୁମାର ଜେନା ମାମଲର ବିଚାର କରି ଦୋଷୀ ନବକିଶୋର ମାଝୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅର୍ଥ ଅନାଦାୟେରେ ୬ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଟାଉନର ଏକ ମହିଳା କଲେଜରେ ପଢୁଥିବା ଜଣେ ୧୭ ବର୍ଷର ଛାତ୍ରୀଙ୍କ କୋରେଇ ଥାନା ଅନ୍ତର୍ଗତ ରଣେଶ୍ୱରପୁର ଗ୍ରାମର ନବକିଶୋର ମାଝୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏହାକୁ ନାବାଳିକାଙ୍କ ପରିବାର ନାପସନ୍ଦ କରୁଥିଲେ । ନାବାଳିକାଙ୍କ ବାପା ଯାଜପୁର ଟାଉନର ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ପିଅନ ଥିବାରୁ ସେଠାରେ ପରିବାର ସହ ରହୁଥିଲେ ।

୨୦୧୬ ଜାନୁଆରୀ ୩ରେ ନବକିଶୋର ବାଇକ୍‌ରେ ନାବାଳିକାଙ୍କୁ ଅପହରଣ କରି ନେଇ ତାଙ୍କ ଗ୍ରାମରେ ଥିବା ଲାବଣେଶ୍ୱର ନୋଡାଲ ୟୁପି ସ୍କୁଲ ବାରଣ୍ଡାରେ ବଳାତ୍କାର କରିଥିଲେ । ପ୍ରମାଣ ନଷ୍ଟ ପାଇଁ ସେ ନାବାଳିକାଙ୍କୁ ବିଦ୍ୟାଳୟ ପଛ ପଟକୁ ନେଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ । ସେଠାରେ ଥିବା ପାଇଖାନା ଟାଙ୍କିରେ ମୃତଦେହ ପକାଇ ଦେଇଥିଲେ । ପରେ ଅଭିଯୁକ୍ତ ରକ୍ତଭିଜା ନିଜ ଶାର୍ଟ, ପ୍ୟାଣ୍ଟକୁ ସେହି ସ୍ଥାନରେ ପୋଡ଼ିଦେଇଥିଲେ । ଏହି ସମୟରେ ଗ୍ରାମର କେତେଜଣ ଲୋକ ପହଞ୍ଚି ଅଭିଯୁକ୍ତଙ୍କୁ କ'ଣ ପୋଡୁଛନ୍ତି ବୋଲି ପଚାରିଥିଲେ । ସେ ଏକ ବୋଡ଼ା ସାପ ମାରି ପୋଡୁଥିବା କହିଥିଲେ । ଏହାପରଦିନ ଅର୍ଥାତ୍ ୪ ତାରିଖରେ ବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ପାଇଖାନା ଟାଙ୍କି ପାଖରେ ରକ୍ତ ଛିଟା ପଡ଼ିଥିବା ଦେଖି ଶିକ୍ଷକଙ୍କୁ ଜଣାଇଥିଲେ । ଶିକ୍ଷକ କୋରେଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ପାଇଖାନା ଟାଙ୍କିରୁ ଜଣେ ଛାତ୍ରୀଙ୍କ ମୃତଦେହ ଜବତ କରିଥିଲା । ଧନେଶ୍ୱର ଗ୍ରାମର ଜଣେ ବ୍ୟକ୍ତି ପହଞ୍ଚି ମୃତଦେହ ତାଙ୍କ ଭଣିଜୀଙ୍କର ବୋଲି ଚିହ୍ନଟ କରିଥିଲେ । ଏହାପରେ କୋରେଇ ଥାନାରେ ଛାତ୍ରୀଙ୍କ ଭାଇ ଏତଲା ଦେଇଥିଲେ । ପୋଲିସ ନଂ.୩/୨୦୧୬ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ଛାତ୍ରୀଙ୍କ ଭ୍ୟାନିଟି ବ୍ୟାଗ, କିଛି ସୁନା ଅଳଙ୍କାର, ଛାତ୍ରୀଙ୍କ ବାପାଙ୍କ ଏଟିଏମ କାର୍ଡ ଓ ମୋବାଇଲକୁ ଆଣି ଘରେ ରଖିଥିଲେ । ଏଟିଏମ କାର୍ଡରେ ଯାଜପୁର ରୋଡରୁ ୧୦ହଜାର ଟଙ୍କା ଉଠାଇ ବାଲେଶ୍ୱର ପଳାଇଥିଲେ । ସେଠାରୁ ଆସି ୭ ତାରିଖରେ କୋରେଇ ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟା ଗ୍ରାମରେ ବୁଲୁଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସେହିଦିନଠାରୁ ଅଭିଯୁକ୍ତ ବିଚାରାଧୀନ କଏଦୀ ଭାବେ ଯାଜପୁର ବିଚାର ବିଭାଗୀୟ ହାଜତରେ ରହିଥିଲେ । ବିଚାରପତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୪୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ ।



ନବକିଶୋର ମାଝୀଙ୍କୁ କାରାଗାରକୁ ନିଆଯାଉଛି ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

କେନ୍ଦ୍ରାପଡ଼ା,୨୪।୫(ଜଗନ୍ନାଥ ଧଳ)

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

କେନ୍ଦ୍ରାପଡ଼ା ସଦର ଥାନା ଦୁହୁରିଆ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ହୋଇଛି । ହାଇୱା ସହିତ ବାଇକର ମୁହାଁମୁହିଁ ଧକ୍କା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ବାଇକ ଚାଳକ ଏହି ଥାନା ଅନ୍ତର୍ଗତ ଚକ୍ରଡା ପଞ୍ଚାୟତ ମାଗୁରଗଣ୍ଡ ଗ୍ରାମର ବାସୁଦେବ ବେହେରାଙ୍କ ପୁଅ ବାଇନଙ୍କ ମୃତ୍ୟୁ ହୋଇଛି । ଏଥିସହିତ ବାଇକରେ ଥିବା ଦେବେନ୍ଦ୍ର ମହାନ୍ତି ଓ ନବୀନ ବେହେରା ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ଅବସ୍ଥା ଶାନ୍ତ ହୋଇଥିଲା । ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ସୂଚନା ଅନୁଯାୟୀ ବାଇନ ଓ ଅନ୍ୟ ୨ ଜଣ ଗୋଟିଏ ବାଇକ୍‌ରେ ଦୁହୁରିଆ ଛକକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ସଦର ଥାନା ପକ୍ଷରୁ ଅଟକ ରଖାଯାଇଛି । ଏଥିସହ ମୃତକଙ୍କ ପରିବାରକୁ ରେଡକ୍ରସରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା ବୋଲି ଏସ୍‌ଡିପିଓ ଗୌଡ ସୂଚନା ଦେଇଛନ୍ତି ।

# ପାରାଦୀପ: ସାମୁଦ୍ରିକ କଟକଣା ସତ୍ତ୍ୱେ ମାଛଧରା ଚାଲିଛି



ଅଠରବାଙ୍କି ବାଲିପ୍ଲଟ ମାଛଗଦି ପାଖ କାଉଡିଆ ନଦୀରେ ସମୁଦ୍ରରୁ ଅଣାଯାଇଥିବା ମାଛ ବିକ୍ରି ହେଉଛି ।

ପାରାଦୀପ,୨୪।୫(ଶରତ ରାଉତ)

ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ ସରକାରୀ ଭାବେ ୨ ମାସ ସାମୁଦ୍ରିକ କଟକଣାଲାଗୁ କରାଯାଉଛି । ଏହାସତ୍ତ୍ୱେ କିଛି ଛୋଟ ମୋଟର ଚାଳିତ ଡଙ୍ଗା ପାରାଦୀପ ନିକଟସ୍ଥ ସମୁଦ୍ରରେ ମାଛ ଧରୁଥିବା ଦେଖିବାକୁ ମିଳିଛି । ଏପରି ମାଛଧରାକୁ କେତେଜଣ ମତ୍ସ୍ୟଜୀବୀ ବିରୋଧ କରିଛନ୍ତି । ଏହି କଟକଣା ସମୟରେ ଯେଉଁ ଡଙ୍ଗାଗୁଡ଼ିକ ସମୁଦ୍ରରେ ମାଛ ଧରୁଛନ୍ତି, ସେମାନେ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ମାଛ ଆଣି ଅଠରବାଙ୍କୀ ବାଲିପ୍ଲଟର ମାଛ ଗଦିରେ ବିକୁଛନ୍ତି । ଏପରି ଘଟଣା ଚାଲିଥିଲେ ହେଁ ମତ୍ସ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ମତ୍ସ୍ୟଜୀବୀ ପାଢ଼ୀ ସତିଆ କୁହନ୍ତି । ଯେଉଁ ହାତ ଗଣତି ମାଛଧରା ଡଙ୍ଗା ମାଲିକ ଏପରି ଲୁଚ୍ଚାୟିତ ଭାବେ ସମୁଦ୍ରରେ ମାଛ ଧରୁଛନ୍ତି ସେମାନେ ପ୍ରଭାବଶାଳୀ ବ୍ୟକ୍ତି ବୋଲି ସାମୁଦ୍ରିକ ମତ୍ସ୍ୟଜୀବୀ ଗରଡା ମଉକାମାଗ କହିଛନ୍ତି

ସୂଚନାଯୋଗ୍ୟ, ସାମୁଦ୍ରିକ ମାଛ ପ୍ରଜନନ, ଯାଆଁଳ ସଂରକ୍ଷଣ ଓ ମାଛବଂଶ ବୃଦ୍ଧି ନିମନ୍ତେ ମତ୍ସ୍ୟ ବିଭାଗ ସମୁଦ୍ରରେ ୨ ମାସ କଟକଣା ଲଗାଇଛି । ମାଛବଂଶ ବୃଦ୍ଧି ହେଲେ ସେହି ମତ୍ସ୍ୟଜୀବୀମାନଙ୍କ ପାଇଁ ଲାଭ ହେବ । ଏହି କଟକଣା ସମୟରେ କିଛି ଛୋଟ ବୋଟ ପାଇଁ ଆଂଶିକ କୋହଳ ବ୍ୟବସ୍ଥା ରହିଛି । ଯଥା ୮ମିଟର ଲମ୍ବରୁ କମ୍ ଥିବା ଡଙ୍ଗା ସମୁଦ୍ର କୂଳରେ ମାଛ ଧରିପାରିବେ । ସେଥିରେ ମୋଟର ଲାଗି ନ ଥିବ । ଏମିତି ଛୋଟ ଡଙ୍ଗା ବିନା ମୋଟର ଲଗେଇ ସମୁଦ୍ର ଭିତରକୁ ଯିବା ଏକପ୍ରକାର ଅସମ୍ଭବ । କାରଣ ମହାନଦୀ ମୁହାଣ ଅତିକ୍ରମ କରିବା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ବୋଟ ଆବଶ୍ୟକ । ଯେଉଁ ଡଙ୍ଗା ମାଛ ଧରିବା ପାଇଁ ଯାଉଛନ୍ତି ସେଗୁଡିକ ବହୁତ ବଡ ବୋଲି କ୍ଷୁଦ୍ର ମତ୍ସ୍ୟଜୀବୀ ମାଇଲିପିଲି କ୍ରିଷ୍ଣା କୁହନ୍ତି । ଏମିତି ମାଛ ଧରିବା ଆଳରେ ଅନ୍ୟ ଚୋରା କାରବାର ମଧ ଚାଲିଛି । ଗତ ୪ ତାରିଖରେ ଏମିତି ଏକ ଚୋରା କାରବାରକୁ ମେରାଇନ ପୋଲିସ ଚଢ଼ାଉ କରି ଜବତ କରିଥିଲା । ଏପରି ଚୋରାରେ ମାଛ ଧରିବା ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କରଙ୍କୁ ପଚାରିଲେ କୁହନ୍ତି, ଛୋଟ ଡଙ୍ଗା ପାଇଁ ନିୟମ କୋହଳ ଅଛି । କିନ୍ତୁ ପାରାଦୀପରେ କେହି ମାନୁନାହାନ୍ତି । ଯଦି ଚୋରାରେ ଯାଇ ମାଛ ଧରୁଥିବେ, କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ସମ୍ମୁଖରେ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରିୟଙ୍କା



@ ପ୍ରାର୍ଥନା



@ ସିପ୍ରା



@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।


केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान

CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT

Department of Chemicals & Petrochemicals, Ministry of Chemicals & Fertilizers, Govt of India

B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

**ADMISSIONS - 2025**

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering)<br>Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8

Last date for filling online application : 26.05.2025

Date of CIPET-Joint Entrance Examination : 30.05.2025

Please visit our website : www.cipet.gov.in for detailed information for Admission

Contact: 8144919800/ 8170044113/ 9348795434

Scan Me

# ମାଙ୍କଡ଼ାପଥର ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ



ଓଡ଼ଗାଁ ବ୍ଲକ କୋମଣ୍ଡ ଓ ରୋହିବାଙ୍କ ପଞ୍ଚାୟତରେ ଥିବା ମାଙ୍କଡ଼ାପଥର ଖଣି।

## ସୁନ୍ଦରଗଡ଼ ପରି ଓଡ଼ଗାଁ ଖଣିର ତଦନ୍ତ ହେଉ

ସୁନ୍ଦରଗଡ଼ ୪୦ କୋଟି ଖଣି ଦୁର୍ନୀତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଶୂନ୍ୟ ସହନଶୀଳତା ପରି କଠୋର ନିଷ୍ପତ୍ତି ନେଇ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଓଡ଼ଗାଁ ଖଣି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଅଥବା ଏସ୍‌ଟିଏଫ୍ ତଦନ୍ତ ନିର୍ଦ୍ଦେଶ ଦେଇ ଖଣିଚୋରଙ୍କ ଔଦ୍ଧତ୍ୟ ଭାଙ୍ଗନ୍ତୁ ବୋଲି ସାଧାରଣରେ ଦାବି ଉଠିଲାଣି। ଅନ୍ୟପକ୍ଷେ ବେଆଇନ ପଥରଖଣିକୁ ଚାଲୁ ରଖିବାକୁ ଯେଉଁମାନେ ଲାଞ୍ଚ ନେଉଥିଲେ ଓ ଦେଉଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି ହୋଇ ଆସୁଛି। ଏନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷେ ପ୍ରତିଦିନ ଦିନରୁ ରାତି ପର୍ଯ୍ୟନ୍ତ ନୟାଗଡ଼ ଜିଲାରେ ନଦୀଗର୍ଭରୁ ବେଆଇନ ବାଲି ଉଠାଣ, ପାହାଡରୁ ବ୍ଲାଷ୍ଟିଂ କରି ପଥର ଲୁଟ୍, ବେଆଇନ ମାଙ୍କଡା ପଥର ଖନନ ଓ ମୋରମ ଚାଲାଣ ହୋଇ ଆସୁଥିବା ଅଭିଯୋଗ ହୋଇ ଆସୁଛି । ଖଣି ଚୋର ପୋଲିସ୍, ସାଧାରଣ ଲୋକ ଓ ପ୍ରଶାସନକୁ ଖାତିର ନ କରି ଲୁଟି ଚାଲିଛନ୍ତି । ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବାକୁ ସାରା ରାଜ୍ୟରେ ସ୍ୱତନ୍ତ୍ର ଧରପଗଡ଼ ପାଇଁ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ । ବାଲି, ମାଟି, ପଥର, ମୋରମ, ଲୁହା ପଥର ଲୁଣ୍ଠନକୁ ରୋକିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ନୟାଗଡ଼ ଜିଲା ପ୍ରଶାସନ ବେଆଇନ ଖଣିକୁ ଅନୁକମ୍ପା ଦେଖାଇ ନୀରବ ରହୁଥିବାରୁ ଚଢ଼ାଉ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ନୟାଗଡ଼ା,୨୪।୫ (ଲୋକନାଥ ମିଶ୍ର)**

- ଖଣ୍ଡେ ପଥରକୁ ୭୦ ଟଙ୍କାରେ ବିକ୍ରି ହେଉଥିଲା
- ଖଣିରେ ସେହି ପଥର ପାଇଁ ଖର୍ଚ୍ଚ ୨୦ ଟଙ୍କା
- ପରିବହନ ଖର୍ଚ୍ଚ ପଡୁଥିଲା ଅଲଗା
- ଲାଞ୍ଚ ଟଙ୍କାର ଖର୍ଚ୍ଚ ବହନ କରୁଥିଲେ କ୍ରେତା
- ଭାଇରାଲ ଅଡିଓ ଗୁମର ଖୋଲିବା ପରେ ମିଳୁନି ପଥର

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ଓ ରୋହିବାଙ୍କ ପଞ୍ଚାୟତ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ବେଆଇନ ଖଣିରୁ ମାସକୁ ୧୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମାଙ୍କଡ଼ାପଥର ଖନନ ହେଉଥିଲା। ଏଥିପାଇଁ ମାସକୁ ୬ ଲକ୍ଷ ୬୦ ହଜାର ଟଙ୍କା ଲାଞ୍ଚ ଖର୍ଚ୍ଚ ଯାଉଥିବାରୁ ସେହି ବୋଝ କ୍ରେତାଙ୍କ ଉପରେ ପଡୁଥିଲା। ଗୋଟିଏ ମାଙ୍କଡ଼ା ପଥର ଖଣିରୁ ବାହାରିବା ପାଇଁ ୨୦ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସରକାରୀ ନିଲାମ ନ ଥାଇ କ୍ରେତାଙ୍କୁ ୭୦ ଟଙ୍କା ଦେବାକୁ ପଡୁଥିଲା। ତେବେ ପରିବହନ ଖର୍ଚ୍ଚ ଥିଲା ଅଲଗା। ଚଳିତ ବର୍ଷର ମାଙ୍କଡ଼ା ପଥର ଖଣ୍ଡିକର ଖର୍ଚ୍ଚକୁ ଅନୁଧ୍ୟାନ କଲେ କ୍ରେତା ପଥର ଖଣ୍ଡପିଛା ଖର୍ଚ୍ଚର ୩ ଗୁଣରୁ ଉର୍ଦ୍ଧ୍ୱ ଟଙ୍କା ଦେଇ କ୍ରୟ କରୁଥିଲେ। ଭାଇରାଲ ଭିଡିଓ ଉପଜିଲାପାଳ, ପୋଲିସ, ତହସିଲଦାର, ନେତା, ଖବରଦାତାଙ୍କ ଲାଞ୍ଚ ନେଉଥିବାର ଗୁମର ଖୋଲି ଦେବାରୁ ବନ୍ଦ ହୋଇ ଯାଇଛି ପଥରଖଣି। ଲୋକେ ଘର ତିଆରି କରିବା ପାଇଁ ପାଉ ନାହାନ୍ତି ମାଙ୍କଡ଼ା ପଥର। ଏଣୁ ଏବେ ମାଙ୍କଡ଼ା ପଥର ଆଉ ନୟାଗଡ଼ ଓ ଗଞ୍ଜାମ ଜିଲାରେ ମିଳୁନି। କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳ ନୟାଗଡ଼ ଓ ଗଞ୍ଜାମ ଜିଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଉଭୟ ଜିଲାରେ ମାଙ୍କଡ଼ାପଥର ଅଭାବ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକି ଗୃହ ନିର୍ମାଣ ଉପରେ ବାଧକ ସାଜିଛି।

ଏ ନେଇ ଓଡ଼ଗାଁ ଅଞ୍ଚଳର ଶାନ୍ତନୁ ବିଶୋଇ କୁହନ୍ତି, ୩ରୁ ୪ ବର୍ଷ ତଳେ ମାଙ୍କଡ଼ାପଥର ୧୦୦ ଖଣ୍ଡକୁ ୩ରୁ ୪ ହଜାର ଟଙ୍କାରେ ମିଳୁଥିଲା। ଯେଉଁ ଅଞ୍ଚଳକୁ ପଥର ଯିବା କିଲୋମିଟର ପିଛା ପରିବହନ ଖର୍ଚ୍ଚ ପଡୁଥିଲା। ପଥର ବେଆଇନ ଭାବେ କଟା ଯାଉଥିଲେ ମଧ୍ୟ କ୍ରେତାଙ୍କୁ ବାଧୁ ନ ଥିଲା। ଅନ୍ୟପକ୍ଷେ ପ୍ରଶାସନ କିଛି ଖଣି ମଧ୍ୟ ନିଲାମ କରିଥିଲା। ତେବେ ପଥର ଖଣିରେ ଲାଞ୍ଚ କାରବାର ଯୋଡି ହେବା ପରେ ସବୁ କ୍ରେତାଙ୍କ ଉପରେ ଲଦି ଦିଆଗଲା। ଖଣି ମାଲିକ ଓ ଲାଞ୍ଚ ନେଉଥିବା ବ୍ୟକ୍ତି ଲାଭରେ ରହିଲେ। କ୍ରେତା ହଇରାଣ ହେଲେ। ଏବେ ପ୍ରଶାସନର ଚଢ଼ାଉ ଓ କିଏ କେତେ ନେଉଥିଲେ ଲାଞ୍ଚ ଅଡିଓ ଭାଇରାଲ ପରେ ପଥରଖଣି ବନ୍ଦ ହୋଇ ଯାଇଛି। ପଥରଖଣି ବନ୍ଦ ଯୋଗୁ ପଥର ମିଳୁ ନାହିଁ ବୋଲି କହିଛନ୍ତି।

## ରେଳଧାରଣାରୁ ମୃତଦେହ ଜବତ

**ବ୍ରହ୍ମପୁର, ୨୪।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ରେଳବାଇ ପୋଲିସ (ଜିଆରପି) ଶନିବାର ବ୍ରହ୍ମପୁର ରେଳଷ୍ଟେସନ ପ୍ଲାଟଫର୍ମ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ୪୦ ବର୍ଷ ହେବ। ପୋଲିସ ମୃତଦେହ ଜବତ କରି ନଂ.୫୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରେଳଧରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତଦେହର ପରିଚୟ ମିଳିବା ପାଇଁ ତାହାକୁ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି। ମୃତଦେହ ଜବତ ବେଳେ ପୋଲିସ ମୃତ ଯୁବକଙ୍କ ପରିଚୟ ଜାଣିବା ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ନ ମିଳିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ହିଞ୍ଜିଳିକାଟୁ, ୨୪।୫(ଦ୍ୱିତୀକୃଷ୍ଣ ପଣ୍ଡା)**

ହିଞ୍ଜିଳି ଥାନା ମକରଖୋଳ ଗ୍ରାମ ପୋଖରୀରେ ବୁଡି ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ମକରଖୋଳ ଗ୍ରାମର ଆଶାରାଣୀ ବାଡତ୍ୟା। ଶନିବାର ଅପରାହ୍ନରେ ଆଶାରାଣୀ ଶୌଚ ସକାଶେ ଗ୍ରାମ ପୋଖରୀକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ସନ୍ଦେହ କରି ଗ୍ରାମର କିଛି ଲୋକଙ୍କ ସହାୟତାରେ ପୋଖରୀ ଭିତରେ ତାଙ୍କୁ ଖୋଜିଥିଲେ। ପରେ ପୋଖରୀ ପାଣିରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆଶାରାଣୀଙ୍କୁ ମୃତ ଘୋଷଣା କରିଥିଲେ।

# ସାବିତ୍ରୀ ପାଇଁ ବଜାର ଦର ଆକାଶଛୁଆଁ





ସାବିତ୍ରୀ ପାଇଁ ଖଣ୍ଡପଡ଼ା ଫଳ ଦୋକାନରେ ଭିଡ଼ ଜମିଛି।

**ଖଣ୍ଡପଡ଼ା,୨୪।୫(ଅଜୟ କୁମାର ମହାରଣା)**

ଆଉ ମାତ୍ର ଗୋଟିଏ ଦିନ ପରେ ଅର୍ଥାତ୍ ସୋମବାର ସାବିତ୍ରୀ ବ୍ରତ । ଏଥିପାଇଁ ରାସ୍ତା କଡରୁ ଆରମ୍ଭ କରି ବିଭିନ୍ନ ସାହିବସ୍ତି, ଛକ ଓ ବଜାରରେ ଫଳ ବ୍ୟବସାୟୀଙ୍କ ପସରା ମେଲିଛି । ଶାଢୀ ଦୋକାନଠାରୁ ଆରମ୍ଭ କରି କସ୍‌ମେଟିକ୍ସ, ଚୁଡି ଆଦି ଦୋକାନରେ ବେପାର ଜମୁ ଥିବା ବେଳେ ଲୋକମାନଙ୍କ ଚାହିଦା ଦୃଷ୍ଟିରୁ ବ୍ୟବସାୟୀମାନେ ମନଇଚ୍ଛା ଦର ଧାର୍ଯ୍ୟ କରୁଛନ୍ତି । ଶନିବାର ସକାଳେ ଖଣ୍ଡପଡ଼ା, ଖଳିସାହି, କଣ୍ଟିଲୋ, ବେଣାଗାଡିଆ, ସିଧାମୂଳା ଆଦି ବଜାରରେ ସୀମିତ ପରିମାଣରେ ଫଳ ମହଜୁଦ ଥିବା ବେଳେ ହଠାତ୍ ଲୋକମାନଙ୍କ ଗହଳିକୁ ଲକ୍ଷ୍ୟ କରି ଫଳ ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରିଛନ୍ତି । ସାବିତ୍ରୀ ବ୍ରତ ପାଇଁ ଆମ୍ୱ, ପଣସ, ସପୁରି, ଲିଚୁ, କମଳା, ସପେଟା, ଅଙ୍ଗୁର, କଦଳୀ, ଜଙ୍ଗଲି କେନ୍ଦୁ, ଖଜୁରୀ, ତାଳ ଆଦି ଫଳର ଆବଶ୍ୟକତା ରହିଛି । ସ୍ୱାମୀଙ୍କ ମଙ୍ଗଳ କାମନା ପାଇଁ ଉପବାସ କରୁଥିବା ମହିଳାମାନେ ଏହିଦିନ କେବଳ ଫଳମୂଳ ସହ ଗଜା ମୁଗ ଆହାର କରିଥାନ୍ତି । ସାବିତ୍ରୀ ବ୍ରତ ପାଳନ ପାଇଁ ମହିଳାମାନଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଥିବା ବେଳେ ସତ୍ୟବାନମାନଙ୍କ ଖର୍ଚ୍ଚ ଚିନ୍ତା ବଢ଼ିଛି। ବିଶେଷ କରି ନୂଆକରି ବିବାହ ଦେଇଥିବା ଝିଅଙ୍କ ମା'ବାପା ଫଳ ତଥା ବଜାର ଦରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ବଜାରରେ ଭଲ ଆମ୍ୱ କିଲୋ ପ୍ରତି ୭୦ରୁ ୮୦ଟଙ୍କା ଥିବା ବେଳେ ସେଓ ୨୫୦ରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଛି। ଅଙ୍ଗୁର, କମଳା କିଲୋ ପ୍ରତି ଶହେରୁ ଉର୍ଦ୍ଧ୍ୱ ଥିବା ବେଳେ କଦଳୀ ଡଜନ ୫୦ରୁ ୬୦, ସପୁରୀ ଗୋଟା ୪୦ରୁ ୫୦ଟଙ୍କା, ସପେଟା ୧୦୦, ପଣସ ଶହେରୁ ଉର୍ଦ୍ଧ୍ୱ ରହିଛି। ତାଳ ଗୋଟିଏକୁ ୧୦ଟଙ୍କା, କେନ୍ଦୁ ଗୋଟା ୫ଟଙ୍କା, ନଡ଼ିଆ ଗୋଟାକୁ ୪୦ରୁ୫୦ଟଙ୍କା ହୋଇଥିବା ବେଳେ କାକୁଡି କିଲୋ ୪୦ରୁ ୫୦ଟଙ୍କା ରହିଛି ।

# ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳରେ ମାଂସାସୀ, ତୃଣଭୋଜୀ ପ୍ରାଣୀ ଗଣନା


**ଗଣିଆ,୨୪।୫(ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ମାଂସାସୀ ଓ ତୃଣଭୋଜୀ ବନ୍ୟପ୍ରାଣୀମାନଙ୍କ ଗଣନା ଶନିବାର ଶେଷ ହୋଇଛି । ଛାମୁଣ୍ଡିଆ ବନାଞ୍ଚଳରେ ବନକର୍ମଚାରୀମାନଙ୍କ ୧୧ଟିମ୍ ଗଠନ କରାଯାଇ ଗଣନା କରାଯାଇଥିଲା। ୧୧ଟି ବିଟ୍ ହାଉସକୁ ନେଇ ୧୧ଟିମରେ ୩୩ଜଣ ବନକର୍ମଚାରୀ ଓ ଅସ୍ଥାୟୀ ବନକର୍ମଚାରୀ ନିୟୋଜିତ ହୋଇଥିଲେ। ଗତ ୧୯, ୨୦ ଓ ୨୧ ତାରିଖରେ ମାସାଂସୀ ବନ୍ୟପ୍ରାଣୀ ଓ ୨୨,୨୩ ଓ ୨୪ ତାରିଖରେ ତୃଣଭୋଜୀ ବନ୍ୟପ୍ରାଣୀମାନଙ୍କର ଗଣନା କରାଯାଇଥିଲା । ଏଥି ସହ ଗଛ, ଲତା, ଗୁଳ୍ମ, ଘାସ ଆଦି ଗଣନା କରାଯାଇଥିଲା । ବନ କର୍ମଚାରୀମାନେ ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାଞ୍ଜିଟ୍‌ଲାଇନ (ପିଆଇପି)ଦ୍ୱାରା ମାଂସାସୀ ବନ୍ୟପ୍ରାଣୀମାନଙ୍କ ପାଦଚିହ୍ନକୁକୁ ଅନୁକରଣ କରି ଗଣନା କରିଛନ୍ତି । ସେହିପରି ବନ୍ୟପ୍ରାଣୀମାନଙ୍କର ଗର୍ଜନ , ରାମ୍ପୁଡା ଦାଗ ଓ ମଳ ଆଦିକୁ ଦେଖି ଗଣନା କରାଯାଇଥିଲା । ଏତଦ୍‌ବ୍ୟତୀତ ଜଙ୍ଗଲରେ ଲାଗିଥିବା କ୍ୟାମେରା ଦ୍ୱାରା ବନ୍ୟଜନ୍ତୁ ଗଣନା କରାଯାଇଛି । ତେବେ ବନଖଣ୍ଡର ୪ଟି ବନାଞ୍ଚଳର ତଥ୍ୟକୁ ନେଇ ତର୍ଜ୍ମା କଲାପରେ ମାଂସାସୀ ଓ ତୃଣଭୋଜୀମାନଙ୍କର ସଂଖ୍ୟା ଜଣାପଡିବ ବୋଲି ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରିୟଙ୍କା



@ ପ୍ରାର୍ଥନା



@ ସିପ୍ରା



@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖତ ଖାଉଛି ଅଳିଆଉଠା ଟ୍ରଲି

**ଖଣ୍ଡପଡ଼ା,୨୪।୫ (ଅଜୟ କୁମାର ମାହାରଣା)**



ରାସ୍ତାକଡ଼ରେ ଖତ ଖାଉଥିବା ଅଳିଆଉଠା ଟ୍ରଲି।

ଖଣ୍ଡପଡ଼ା ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ଗଳିକନ୍ଦିରେ ଏକାଧିକ ମାସ ଧରି ଅଳିଆ, ଆବର୍ଜନା ପଡି ରହୁଥିବା ବେଳେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପଟିଛି। ଅସରାଏ ବର୍ଷା ହେଲେ ସହରର ଗଳିକନ୍ଦି ରାସ୍ତା ଆବର୍ଜନା ପାଣିରେ ବୁଡି ଯାଉଥିବା ବେଳେ ମୁଖ୍ୟ ରାସ୍ତା ଉପରେ ଆବର୍ଜନା ପାଣିର ସୁଅ ଛୁଟୁଛି । ସହରର ବିଭନ୍ନ ସ୍ଥାନରେ ଅଳିଆ ଉଠାଇବା ନିମନ୍ତେ ସଫେଇ କର୍ମଚାରୀମାନଙ୍କୁ ଟ୍ରଲିଗାଡି ପ୍ରଦାନ କରାଯାଇଥିଲା । ଏକଦା ସଫେଇ କର୍ମଚାରୀମାନେ ଟ୍ରଲି ଗାଡିରେ ଅଳିଆ ଉଠାଉଥିଲେ । ମାତ୍ର ଏବେ ସମୟ ବଦଳିଯାଇଛି। ଖଣ୍ଡପଡ଼ା ଏନଏସସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପିକ୍‌ଅପ୍ ଭ୍ୟାନ ଯୋଗେ ସଫେଇ କର୍ମଚାରୀମାନେ ଅଳିଆ ଆବର୍ଜନା ଉଠାଇବା ପରେ ଏବେ ଟ୍ରଲି ଗାଡ଼ିଗୁଡିକ ଏଣେତେଣେ ପଡି ନଷ୍ଟ ହେଉଛି । ସରକାରକା ମାଲ ଦରିଆମେ ଡାଲ ନ୍ୟାୟରେ ସହରର ବିଭିନ୍ନ ସ୍ଥାନରେ ଏହି ଟ୍ରଲି ଗାଡିଗୁଡିକ ପଡି ରହିଥିଲେ ହେଁ ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। ସେହିପରି ଖଣ୍ଡପଡ଼ା ଏନଏସି ଅଧୀନ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ବିଭିନ୍ନ ପୁରୁଣା ଗାଡ଼ିର ଯନ୍ତ୍ରପାତି, ମୂଲ୍ୟବାନ ସାମଗ୍ରୀ ପଡି ନଷ୍ଟ ହେଉଛି । ଠିକଣା ସମୟରେ ଯଦି ଅବ୍ୟବହୃତ ସାମଗ୍ରୀଗୁଡିକ ନିଲାମ କରାଯାଇପାରନ୍ତା ଏନଏସି କର୍ତ୍ତୃପକ୍ଷ କିଛି ପରିମାଣର ରାଜସ୍ୱ ପାଇ ପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ଅବ୍ୟବହୃତ ଅବସ୍ଥାରେ ପଡି ରହିଥିବା ସାମଗ୍ରୀଗୁଡିକ ନଷ୍ଟ ହେବା ପୂର୍ବରୁ ସେଗୁଡିକ ଉଚିତ ମୂଲ୍ୟରେ ନିଲାମ କରିବା ନିମନ୍ତେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ସେଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ମତ ଦେଇଛନ୍ତି।

केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

ADMISSIONS - 2025

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering)<br>Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 26.05.2025
Date of CIPET-Joint Entrance Examination : 30.05.2025
Please visit our website : www.cipet.gov.in for detailed information for Admission
Contact: 8144919800/ 8170044113/ 9348795434
Scan Me

# ବଢୁଛି ନକଲି ଔଷଧ କାରବାର

ପଟ୍ଟାମୁଣ୍ଡାଇ,୨୪।୫(କଳ୍ପତରୁ ନାୟକ)

■ ଜିଲା ଭେଷଜ ନିୟନ୍ତ୍ରକ ବିଭାଗ ଚୁପ୍
■ ରୋଗୀଙ୍କ ଜୀବନ ପ୍ରତି ବିପଦ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ବୃଦ୍ଧି ପାଇଛି ନକଲି ଔଷଧ କାରବାର । ଯାହା ଅନେକ ରୋଗୀଙ୍କ ଜୀବନକୁ ବିପଦରେ ପକାଇଛି। ବଙ୍ଗଳା ଭାଷାଭାଷୀ କେତେଜଣ ଅସାଧୁ ବ୍ୟବସାୟୀ ବିଭିନ୍ନ ନାମୀଦାମୀ କମ୍ପାନୀର ସିଲ୍‌ରେ ବେନାମୀ ଔଷଧ ଆଣି ଗାଁଗହଳିର ଷ୍ଟକିଷ୍ଟଙ୍କୁ ଦେଉଛନ୍ତି । ଏହି ନକଲି ବ୍ରାଣ୍ଡ ଔଷଧ ଗାଁରୁ ସହର ସବୁଆଡେ ବିକ୍ରି ଓ ସପ୍ଲାଇ କରାଯାଉଛି। ରୋଗରୁ ଆରୋଗ୍ୟ ଲାଭ ପାଇଁ ମନୁଷ୍ୟ ସେବନ କରୁଥିବା ନକଲି ଔଷଧ ଖାଇ ରୋଗ ଭଲ ହେବା ପରିବର୍ତ୍ତେ ନାନାପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଉଛି। ଏହି ଔଷଧ ବାଂଲାଦେଶରୁ ଆସୁଥିବା ନେଇ ଆଲୋଚନା ହେଉଛି । ଜିଲା ଭେଷଜ ନିୟନ୍ତ୍ରକ ବିଭାଗର ଅଧିକାରୀ ଏପରି ଔଷଧ ଯାଞ୍ଚ କରୁନାହାଁନ୍ତି। ଫଳରେ ବ୍ୟାପକ ଭାବେ ଏହିଭଳି ଔଷଧ କାରବାର ବୃଦ୍ଧି ପାଉଛି। ସାଧାରଣ ରୋଗୀଟି ଏହି ଔଷଧ ଖାଇ ମୃତ୍ୟୁ ମୁଖରେ ପଡୁଥିବା ବହୁ ନଜରି ରହିଛି ବୋଲି ମତପ୍ରକାଶ ପାଇଛି ।

ସାମାଜିକ କର୍ମୀ ପ୍ରଭାତ ସାହୁ କୁହନ୍ତି, ନିୟମାନୁଯାୟୀ ଭେଷଜ ନିରୀକ୍ଷକଙ୍କ ପକ୍ଷରୁ ଯେପରି ଭାବେ ବିଭିନ୍ନ ଔଷଧ ଦୋକାନ ଯାଞ୍ଚ ହେବା କଥା ତାହା ପଟ୍ଟାମୁଣ୍ଡାଇରେ ହେଉନାହିଁ। ଫଳରେ କେତେଜଣ ମୁନାଫାଖୋର ବ୍ୟବସାୟୀ ନିଜର ଫାଇଦା ପାଇଁ ନିମ୍ନମାନର ଔଷଧ କାରବାର ଚଳାଇ ଆସୁଛନ୍ତି । ରୋଗରୁ ମୁକ୍ତି ପାଇବାକୁ ଡାକ୍ତରଙ୍କ ଦ୍ୱାରା ପ୍ରେସ୍‌କ୍ରାଇବ ହୋଇଥିବା ଔଷଧ ପରିବର୍ତ୍ତେ ଅସଲି ବ୍ରାଣ୍ଡରେ ନକଲି ଔଷଧ ଦେଇ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି । ଫଳରେ ସାଧାରଣ ରୋଗୀଟି ମୃତ୍ୟୁ ମୁଖରେ ପଡୁଛି ।

ନିଜ ନାମ ଗୋପନରଖି ଜଣେ ଡାକ୍ତର କହିଛନ୍ତି, ଔଷଧ ଅସଲି କି ନକଲି ଚିହ୍ନଟ କରିବା ଜଣେ ଡାକ୍ତରଙ୍କ ପକ୍ଷେ ସମ୍ଭବ ନୁହେଁ । ସବୁ ଏକାରକମର ବାରକୋର୍ଡ ଓ ଏଫ୍‌ଡିଏ ଲାଇସେନ୍ସପ୍ରାପ୍ତ ରହୁଛି । ଅସଲି ନକଲି ଔଷଧ ଯାଞ୍ଚ ପ୍ରକ୍ରିୟା ଜିଲା ଭେଷଜ ନିରୀକ୍ଷକଙ୍କ କାର୍ଯ୍ୟାଳୟରକୁ ଦିଆଯାଇଛି । ଭେଷଜ ଇନ୍ସପେକ୍ଟର ରାଜ୍ୟ ଡ୍ରଗ୍ ଟେଷ୍ଟିଂ ଲାବ୍ରୋଟରୀ ପଠାଇ ମେଡିସିନ ଯାଞ୍ଚ କଲେ ଅସଲି ନକଲି ଜଣାପଡିବ । ନକଲି ଔଷଧ ବଣ୍ଟନ ଏବଂ ବିକ୍ରୟ ପାଇଁ ସର୍ବାଧିକ ଦଣ୍ଡ ବିଧାନ ଦେଶରେ ରହିଛି । ଯଦିଓ, ନକଲି ଔଷଧ ସେବନ ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼େ ତେବେ ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ ହେବାର ବ୍ୟବସ୍ଥା ଅଛି । କିନ୍ତୁ ଏପରି ମାମଲା ପ୍ରମାଣ କରିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ଅଧିକ କଠୋର ଆଇନର ଜରୁରୀ ହୋଇଛି ।

ରାଜ୍ୟ ଜନଶକ୍ତି ପାର୍ଟି ସଭାପତି ଆଇନଜୀବୀ ପ୍ରଦୀପ ଦାଶ କହିଛନ୍ତି, ଜିଲା ଭେଷଜ ବିଭାଗ ଏନେଇ କାର୍ଯ୍ୟ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଉ ଯେଉଁଠି ଚଢାଉ କରାଯାଉଛି ସେଠାରୁ ନିଜର ନିୟତକୁ ବନ୍ଧାପକାଇ ଚାଲିଯାଉଛନ୍ତି । ପଟ୍ଟାମୁଣ୍ଡାଇ ସମେତ ରାଜନଗର, ଆଳି, ମହାକାଳପଡ଼ାର ଗ୍ରାମାଞ୍ଚଳକୁ ବଙ୍ଗଳା ଭାଷାଭାଷୀ କେତେଜଣ ଅସାଧୁ ବ୍ୟବସାୟୀ ବିଭିନ୍ନ ନାମୀଦାମୀ କମ୍ପାନୀର ସିଲ୍‌ରେ ବେନାମୀ ଔଷଧ ସବୁ ଆଣି ଗାଁଗହଳିରେ ଥିବା ଷ୍ଟକିଷ୍ଟଙ୍କୁ ଦେଉଛନ୍ତି । ଫଳରେ ମୂଲ୍ୟବାନ ନାମୀଦାମୀ କମ୍ପାନୀ ଔଷଧ ମୂଲ୍ୟ ସହ ଏହା ସମାନ ରହୁଥିବା ବେଳେ ଦୋକାନୀ ନକଲି ଔଷଧରୁ ୬୦ରୁ ୮୦ ପ୍ରତିଶତ ଲାଭ ପାଉଛି। ଫଳରେ ଅଧିକ ଫାଇଦା ପାଇବା ଆଶାରେ ବ୍ୟବସାୟୀ ଏହିସବୁ ଔଷଧ ବିକ୍ରି କରୁଛନ୍ତି। ଜିଲା ଭେଷଜ ନିରୀକ୍ଷକ ବିଭାଗର କେତେଜଣ ଅଧିକାରୀଙ୍କ କଳାକାରନାମା ପାଇଁ ବେନାମୀ ନକଲି ଔଷଧ ବିକ୍ରୀ କରାଯାଉଥିବା ଆଲୋଚନା ହେଉଛି । ଏଭଳି ବେଆଇନ କାରବାର ପଛରେ ବ୍ୟାପକ ଅର୍ଥ ଲଗାଯାଇଥିବା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ ଆଗାମୀ ଦିନରେ ଏହା ଉପରେ ଯାଞ୍ଚ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜନଶକ୍ତି ପାର୍ଟି ଓ ଜନସାଧାରଣ ଅନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଭେଷଜ ନିରୀକ୍ଷକ ପ୍ରଦୀପ ସାହୁଙ୍କୁ ପଚାରିବାରେ ଯାଞ୍ଚ ଚାଲିଛି ଆଗକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଥାଉକି ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା ଅଞ୍ଚଳରେ ବହୁ ବଙ୍ଗଳା ଭାଷାଭାଷୀ ନିଜକୁ ଡାକ୍ତର କହି ଏହିସବୁ ଔଷଧ କାରାବାର କରି ସାଧାରଣ ଲୋକଙ୍କୁ ଲୁଟୁଛନ୍ତି । ଏହି ଡାକ୍ତରଙ୍କ ଲାଇସେନ୍ସ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବି ଜୋର ଧରିଛି।

# ଯୁକ୍ତ ୨ କଳା ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ବିଜୁ ଯୁବ ଜନତା ଦଳ ତରଫରୁ ଯୁକ୍ତ ୨ କଳା ବିଭାଗର ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜନଗର,୨୪।୫(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ଯୁକ୍ତ ୨ କଳା ବିଭାଗର ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମେଧାବୀ ଛାତ୍ରୀ ତଥା ରାଜନଗର ବ୍ଲକରେ ଯୁକ୍ତ ୨କଳା ବିଭାଗରେ ସର୍ବୋଚ୍ଚ ନମ୍ବର(୫୧୫) ରଖି ଟପ୍ପର ହୋଇଥିବା ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସବିତା ଜାନାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁବ ଛାତ୍ର ନେତା ପ୍ରଭାତ ସୁନିଲ ରାଉଳ, ରବୀନ୍ଦ୍ର ସିଂ, ସଞ୍ଜୟ ରାଉଳ, ଅଲେଖ ପାତ୍ର, ଜିତ ଜୟପ୍ରକାଶ, ଜଗଦୀଶ ବେହେରା ପ୍ରମୁଖ ଛାତ୍ରୀଙ୍କ ଘରେ ପହଞ୍ଚି ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ସଂକ୍ଷେପରେ

### ୪୦ ଲିଟର ଚୋରା ମଦ ଜବତ, ଅଭିଯୁକ୍ତ ଗିରଫ

ଏରସମା,୨୪।୫(ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ ଘୋଡାଡ଼ିଆ ଗ୍ରାମରୁ ଶୁକ୍ରବାର ରାତିରେ ୪୦ ଲିଟର ଚୋରା ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଏରସମା ଥାନା ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସମୀର କୁମାର ମହାନ୍ତି। ଶୁକ୍ରବାରରାତିରେ ଖବରପାଇ ଏରସମା ଥାନା ପକ୍ଷରୁ ପୋଲିସ ଘୋଡାଡିଆଁ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏନେଇ ଥାନା ମାମଲା (ନଂ. ୧୭୬/ ୨୫) ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

### ଜବତ ପୋକ୍‌ଲିନରୁ ୨ ଲକ୍ଷ ୯୯ ହଜାର ଜରିମାନା ଆଦାୟ

ପାଟଣା,୨୪।୫(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ ବୈତରଣୀ ନଦୀର ରାଇକଳା ବାଲି ଘାଟରେ ବେଆଇନ ବାଲି ଚୋରାଚାଲାଣ ସମୟ ମେ ୮ ତାରିଖରେ ବନ ବିଭାଗ ଜବତ କରିଥିବା ପୋକ୍‌ଲିନକୁ ଜରିମାନା କରିଛି। ମାଲିକ ରଞ୍ଜିତ ବେହେରା ୨ ଲକ୍ଷ ୯୯ ହଜାର ୩୫୨ ଟଙ୍କା ଜରିମାନା ପଇଠ କରି ମେଶିନ ନେଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ପୋଲିସ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଝୁମ୍ପୁରା ଗ୍ରାମର ଶିବୁ ଲୋହାର। ସେ ୨୦୨୪ରେ ସଦର ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ବଳାତ୍କାର କରିଥିଲେ। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୬୦/୨୪) ରୁଜୁ କରି ତଦନ୍ତ କରୁଥିଲା। ଶିବୁ ସେହିଦିନଠାରୁ ଫେରାରଥିଲେ। ଶନିବାର ସଦର ଏସ ଆଇ ସୁସ୍ମିତା ହର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

### ଠିକାଦାରଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାରିଆ ଥାନା ଅଞ୍ଚଳରେ ଏକ ପୋଲ କାମ କରୁଥିବା ଠିକାଦାରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ବଡ଼ଡୁମୁରିଆ ଗ୍ରାମର ବିପ୍ରଭାନୁ ସାହୁ, ଛାଲୁ ମୁଣ୍ଡା, ଦିଲ୍ଲୀପ ମୁଣ୍ଡା। ସମସ୍ତଙ୍କୁ ଶନିବାର ପୋଲିସ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଗତ ୨୧ ତାରିଖରେ ଏକ ପୋଲ କାମ ଚାଲିଥିବା ବେଳେ ଠିକାଦାର ସଚ୍ଚିଦାନନ୍ଦ ଖିଲାରଙ୍କ ଭାଇ ଶିବାନନ୍ଦ ଖିଲାର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ଓ ଏସ୍‌ଡିଓଙ୍କ ଉପସ୍ଥିତିରେ କାମର ତଦାରଖ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ମାନେ ବଟି ମାଗିଥିଲେ। ନ ଦେବାରୁ ତାଙ୍କୁ ଏବଂ କାମ କରୁଥିବା ମିସ୍ତ୍ରୀ ଓ ଶ୍ରମିକଙ୍କୁ ଆକ୍ରମଣ କରିଥିଲେ। ଏନେଇ ବାରିଆ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ. ୭୨/୨୦୨୫) ରୁଜୁ କରିଛି।

# ଜୈବ ବିବିଧତା ଚିତ୍ରକଳା ପ୍ରତିଯୋଗିତା



କୃତୀ ଛାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର,୨୪।୫(ଭାସ୍କର ରାଉତରାୟ)

**ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ପ୍ରଥମ**

ଜୈବ ବିବିଧତା ଦିବସ ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ରାଜନଗରର ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟ ଜୈବ ବିବିଧତା ବୋର୍ଡ ଦ୍ୱାରା ପରିଚାଳିତ ଭିତରକନିକା ଆଦ୍ରଭୂମି ସଂଲଗ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ବିଭିନ୍ନ କଳା ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ ଉପରେ ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜନଗର ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ମାଧବ ସେଠୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମରେ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

# ପାରିନୂଆପଡା, ପୋଖରୀ ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଉଦ୍‌ଘାଟିତ

ରାଜକନିକା,୨୪।୫(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡା ପଞ୍ଚାୟତ ,ପୋଖରୀ ସାହିରେ ଷ୍ଟ୍ରିଟ୍‌ଲାଇଟ୍ ଶନିବାର ସନ୍ଧ୍ୟାରେ ଯୁବ ବିଜେଡି ସଂଗଠକ ପବିତ୍ର ରାଉତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରିନୁଆପଡା ପଞ୍ଚାୟତ ରାହାସ ବିହାରୀ ପରିଡା, ଦେବାନନ୍ଦ ପରିଡା, ବ୍ରହ୍ମାନନ୍ଦ ପରିଡ଼ା, ପବିତ୍ର ପରିଡ଼ା,ଦାମୋଦର ନାୟକ ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ଦିନର ଦାବି ପୂରଣ ହୋଇଛି । ଏଥିପାଇଁ ଗ୍ରାମବାସୀ ରାଉତଙ୍କ ସାଧୁବାଦ ଜଣାଇଛନ୍ତି। ଏହି ଆଲୋକୀକାରଣ ଯୋଗୁ ରାତିରେ ଗାଁରେ ଯାତାୟତ ସୁବିଧା ହୋଇଛି ବୋଲି ବକ୍ତାମାନେ କହିଛନ୍ତି ।

# ମାଆଙ୍କୁ ପରିବାର ଲୋକେ ମାରିଦେଇଥିବା ଅଭିଯୋଗ

ଆଳି, ୨୪।୫ (ବନମାଳି ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ରାଇସରପୁର ଗ୍ରାମର ଅନିରୁଦ୍ଧ ମହାଲିକଙ୍କ ସ୍ତ୍ରୀ ବସନ୍ତଙ୍କ ଆଳି ସିଏଚ୍‌ସିରେ ମୃତ୍ୟୁ ଘଟିଛି । ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ପରିବାର ସଦସ୍ୟମାନେ ପିଟିପିଟି ମାରି ଦେଇଛନ୍ତି ବୋଲି ଝିଅ ଉର୍ମିଳା ବେହେରା ଥାନାରେ ଅଭିଯୋଗ ପତ୍ର ଶୁକ୍ରବାର ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ବସନ୍ତଙ୍କ ୫ ପୁଅ ଓ ୨ ଝିଅ। ୧୦ ବର୍ଷ ପୂର୍ବେ ସ୍ୱାମୀ ଅନିରୁଦ୍ଧଙ୍କ ମୃତ୍ୟୁ ପରେ ମାଆଙ୍କ ସମସ୍ତ ଦାୟିତ୍ୱ ଭାଇମାନଙ୍କ ମଧ୍ୟରେ ହେବ ବୋଲି ପଞ୍ଚାୟତର ଭଦ୍ରଲୋକମାନେ ବସି ନିଷ୍ପତ୍ତି ନେଇଥିଲେ । ତେବେ କିଛି ମାସ ହେବ ମାଆ ବସନ୍ତଙ୍କ ଦାୟିତ୍ୱ ବଦଳରେ ତାଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଥିବା ଅଭିଯୋଗ ହୋଇଥିଲା । ବସନ୍ତଙ୍କ ଶରୀରରେ ବିଭିନ୍ନ କ୍ଷତ ଥିବାରୁ ପରିବାର ଲୋକମାନେ ତାଙ୍କୁ ମାରପିଟ୍ କରି ମାରି ଦେଇଥିବା ଝିଅ ଉର୍ମିଳା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ତେବେ ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିନାହିଁ ।

# ଜବରଦଖଲମୁକ୍ତ ହୋଇପାରୁନି କୁଜଙ୍ଗ ବଜାର ଅଞ୍ଚଳ

କୁଜଙ୍ଗ, ୨୪।୫(ମନୋଜ ପ୍ରଧାନ)

କୁଜଙ୍ଗ ବଜାର ଅଞ୍ଚଳ ବହୁ ସରକାରୀ ଜାଗା କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ବ୍ୟବସାୟୀଙ୍କ ଜବର ଦଖଲରେ ରହିଛି। ଫଳରେ ସରକାରୀସ୍ତରରେ ସ୍ଥାୟୀ ପକ୍କା ଦୋକାନ ଗୃହ ନିର୍ମାଣ ହୋଇପାରୁନାହିଁ କି ଝୁମ୍ପୁଡ଼ି ହଟି ପାରୁନାହିଁ। ଏହାଦ୍ୱାରା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜଗତ୍‌ସିଂହପୁର ଜିଲା ସଦର ମହକୁମା ପରେ କୁଜଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟିକ ପେଣ୍ଠ ଭାବେ ପରିଚିତ। ଏଠାରେ ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତ ସମେତ ସିଭିଲ ଜଜ୍ ବରିଷ୍ଠ, ସିଭିଲ ଜଜ୍ କନିଷ୍ଠ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ସେସନ ସର୍କିଟ କୋର୍ଟ ଯଥା ପୋକ୍‌ସୋ ଓ ପରିବାର ଅଦାଲତ ଭଳି ୬ କୋର୍ଟ ରହିଛି। ଏହାଛଡ଼ା ତହସିଲ, ବ୍ଲକ, ଟ୍ରେଜେରୀ, ଉପନିବନ୍ଧକ କାର୍ଯ୍ୟାଳୟ, ବନ ବିଭାଗ ରେଞ୍ଜରଙ୍କ କାର୍ଯ୍ୟାଳୟ, ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଡାକଘର, ଥାନା, ଅଗ୍ନିଶମ ବାହିନୀ, କୃଷି ବିଭାଗ, ଜଳ ସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ସମେତ ୨୫ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ସରକାରୀ କାର୍ଯ୍ୟାଳୟ ଓ ଷ୍ଟେଟ ବ୍ୟାଙ୍କ ସମେତ ୪ ରାଷ୍ଟ୍ରାୟତ୍ତ ଓ ୬ରୁ ଊର୍ଦ୍ଧ୍ୱ ଘରୋଇ ବ୍ୟାଙ୍କ କାର୍ଯ୍ୟକ୍ଷମ ରହିଛି। ସରକାରୀ ମହାବିଦ୍ୟାଳୟ, ବିଦ୍ୟାଳୟ ସମେତ ୧୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ରହିଛି। ଏଠାରୁ ପାରାଦୀପ ବନ୍ଦର ସମେତ ଶିଳ୍ପାଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥାଏ। କିନ୍ତୁ ଝୁମ୍ପୁଡି ବଜାର ଓ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ଏକ ପ୍ରାଚୀନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନଗରାଞ୍ଚଳ ବା ଏନ୍‌ଏସି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି।



ସରକାରୀ ଜାଗାକୁ ଜବରଦଖଲ କରି କ୍ୟାବିନ୍ ପକାଯାଇଛି।

ଖରାଦିନେ ଅସରାଏ ବର୍ଷା ହେଲେ କୁଜଙ୍ଗ ବଜାରରେ ପାଣି ଜମି ରହୁଛି। ବର୍ଷା ଋତୁରେ ବଜାରର ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଛି। ଫଳରେ ଯାତାୟାତ ଠପ୍ ହୋଇଯାଏ। କୁଜଙ୍ଗର ଜୀବନ ରେଖା କୁହାଯାଉଥିବା ମେଡିକାଲ ରୋଡରେ ଜବରଦଖଲ ଯୋଗୁ ମାଷ୍ଟର ପ୍ଲାନ କି ଡ୍ରେନ୍ ନିର୍ମାଣ ହୋଇପାରୁନାହିଁ। ଏହାଦ୍ୱାରା ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ବଜାର ସମେତ ଡାକ୍ତରଖାନା, ତହସିଲ କାର୍ଯ୍ୟାଳୟ ପରିସର ଓ ସମ୍ମୁଖ ରାସ୍ତା ଅଦାଲତ ପରିସରରେ ଜଳମଗ୍ନ ହୋଇରହୁଛି। ଦୀର୍ଘ ୩୦ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏଭଳି ଅସୁବିଧା ହେଉଥିବା ଆଲୋଚନା ହେଉଛି। ତହସିଲ କାର୍ଯ୍ୟାଳୟ, ଅଦାଲତ ଓ ଡାକ୍ତରଖାନା ସମ୍ମୁଖ ଜାଗାକୁ ଜବରଦଖଲ ମୁକ୍ତ ପାଇଁ ବାରମ୍ବାର ଦାବି ହେବା ପରେ ରାଜସ୍ୱ ପ୍ରଶାସନ ପକ୍ଷରୁ କିଛି ବର୍ଷ ପୂର୍ବେ ଜବରଦଖଲ ମୁକ୍ତ କରାଯାଇଥିଲା। ଏହାପରେ ଉକ୍ତ ସ୍ଥାନଟି ମୁକୁଳା ରହି ଆବର୍ଜନା କୁଣ୍ଡରେ ପରିଣତ ହୋଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ସଫା କରାଯାଇଥିଲା। ଏବେ ଉକ୍ତ ସ୍ଥାନକୁ କୌଣସି ବ୍ୟକ୍ତି ଜବରଦଖଲ କରି ଏକ କେବିନ ପକାଇଥିବା ଦେଖିବାକୁ ମିଳିଛି। ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ଉକ୍ତ ସ୍ଥାନ ୧୫ ମିଟର ଦୂରରେ ଥିଲେ ମଧ୍ୟ ଜବରଦଖଲ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରେ, ଘଟଣା ବିଷୟରେ ସେ ଅବଗତ ଅଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ନୋଟିସ କରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ଉକ୍ତ ସ୍ଥାନ ଓ ଅନ୍ୟାନ୍ୟ ସରକାରୀ ଜାଗାକୁ ଜବରଦଖଲ ମୁକ୍ତ କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି।

# ଶସ୍ୟ ଆମଦାନୀ କେନ୍ଦ୍ର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଅମରେନ୍ଦ୍ର ଦାସ ଏବଂ ଅନ୍ୟମାନେ।

ନାଉଗାଁ,୨୪।୫(ସୁଧା ବେହୁରା)

**ଗଜରାଜପୁର ସେବା ସମବାୟ ସମିତି**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ସେବା ସମବାୟ ସମିତିରେ ଶସ୍ୟ ଆମଦାନୀ କେନ୍ଦ୍ର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଶନିବାର ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା କରାଯାଇଛି। ପୂର୍ତ୍ତ ବିଭାଗ ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ଜଗତ୍‌ସିଂହପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦାସଙ୍କ ସହ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଗଜରାଜପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ମଲ୍ଲିକ, ସମିତି ସଭ୍ୟା ରିଲା ଦାସ, ଗଜରାଜପୁର ସେବା ସମବାୟ ସମିତି ସଭାପତି ବସନ୍ତ କୁମାର ପାଢୀ, ସମ୍ପାଦକ ମଙ୍ଗଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ସହକାରୀ ଯନ୍ତ୍ରୀ ବଳରାମ ସ୍ୱାଇଁ, ଗଳଧାରୀ ସରପଞ୍ଚ ଦିଲୀପ କୁମାର ନାୟକ, ଗଳଧାରୀ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ପ୍ରଭାତ ସ୍ୱାଇଁ, ସମିତିର ସଦସ୍ୟ ପ୍ରଦ୍ୟୁମ୍ନଚରଣ ରାଉତ, ଭାଜପା ଅଲଣା ମଣ୍ଡଳ ପ୍ରତିନିଧି ଦେବୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ଠିକାଦାରଙ୍କ ଦ୍ୱାରା ୨୩ ଲକ୍ଷ ୭୬ହଜାର ୪୨୬ ଟଙ୍କାର ଚୁକ୍ତିନାମା କରାଯାଇଛି।

# ପ୍ରହସନ ପାଲଟିଛି ପଲିଥିନ୍ କଟକଣା

ଜଗତ୍‌ସିଂହପୁର, ୨୪।୫ (ପ୍ରମୋଦ କୁମାର ନାୟକ)

**ନାଁକୁ ମାତ୍ର ଚଢ଼ାଉ ହେଉଛି**

୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ। ଉଦ୍ଦେଶ୍ୟ ଥିଲା, ପଲିଥିନର ବିପଦଜନକ ବ୍ୟବହାରକୁ ରୋକିବା। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥିନ୍ ଖୁଲମଖୁଲ୍ଲା ବିକ୍ରି ଚାଲିଛି। ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ଚଢ଼ାଉ କରାଯାଉଛି। ଆଗକୁ ଏଥିପ୍ରତି ଧ୍ୟାନ ଦିଆ ନ ଗଲେ ଯଥା ପୂର୍ବ ତଥା ପର ସ୍ଥିତି ସୃଷ୍ଟି ହେବା ଅବଶ୍ୟସମ୍ଭାବୀ ବୋଲି ଆଲୋଚନା ହେଉଛି।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ପଲିଥିନ ବ୍ୟାନ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ, ଯେଉଁ ପଲିଥିନ୍‌ଗୁଡ଼ିକ ଠିକ୍ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି, ସେଗୁଡିକ ବ୍ୟବହାର ଉପଯୋଗୀ। ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଏହି ପଲିଥିନ୍‌ଗୁଡ଼ିକର ଉତ୍ପାଦନ ହୋଇପାରିବ ନାହିଁ। ଯଦି କେଉଁଠି ରହିଯାଇଛି ତେବେ ତାହାର କିଣା, ବିକା ଉପରେ ଅଙ୍କୁଶ ଲଗାଯାଇଛି। ଏପରିକି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ। ଯେଉଁ ପଲିଥିନ୍‌ର ସ୍ଥୂଳତା (ଥିକ୍‌ନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତମାନର ପଲିଥିନ୍ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା। ଏହି କଟକଣା ଲାଗୁପରେ ଜିଲାରେ ପ୍ରଥମେ କିଛି ଦିନ ନିର୍ଦ୍ଦେଶନାମାକୁ ଠିକ୍‌ଭାବେ ପାଳନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଫାଇଲ ଭିତରେ ଚାପି ହୋଇଯାଇଛି। ବିଶେଷକରି ଜିଲା ମୁଖ୍ୟାଳୟ ଜଗତ୍‌ସିଂହପୁର ସହରରେ ଅବାଧରେ ଚାଲିଛି ପଲିଥିନ୍ ବିକ୍ରି। ପାନ ଦୋକାନଠାରୁ, ରାଶନ, ଷ୍ଟେସନାରୀ, ଜଳଖିଆ, ପରିବା ଆଦି ପ୍ରାୟତଃ ଦୋକାନରେ ପଲିଥିନ୍ କାରବାର ଖୋଲାଖୋଲି ଚାଲିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଯେତେବେଳେ ପଲିଥିନ୍ ବ୍ୟାନ୍ ଘୋଷଣା କରିଥିଲେ, ସେତେବେଳେ କିଛି ଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲାଗିଥିଲା। ପରବର୍ତ୍ତୀ ସମୟରେ ପୂର୍ବପରି ପଲିଥିନ୍ ବ୍ୟବହାର ହେବାରେ ଲାଗିଛି। ବଡ କଥା ହେଲା ଜଗତ୍‌ସିଂହପୁର ଜିଲାରେ ପଲିଥିନ୍ ଉତ୍ପାଦନ ହେଉନାହିଁ। କଟକ, ଭୁବନେଶ୍ୱରରୁ ପ୍ରାୟତଃ ପଲିଥିନ୍ ଆସୁଛି। ସରକାର ପଲିଥିନ୍ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉ ନ ଥିବାରୁ କାରବାର ବନ୍ଦ ହୋଇ ପାରୁନାହିଁ। ଅନ୍ୟପକ୍ଷରେ ଜିଲାର ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପକ୍ଷରୁ ପଲିଥିନ୍ ବନ୍ଦ ପାଇଁ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଥିଲା। କିନ୍ତୁ ଏହା କେବଳ କାଗଜକଲମରେ ସୀମିତ ବୋଲି କୁହାଯାଉଛି। ଚଢ଼ାଉ ହେଉ ନ ଥିବାରୁ ପଲିଥିନ୍ ପୂର୍ବପରି ବ୍ୟବହୃତ ହୋଇଚାଲିଛି। ଏନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନାଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା।



## ସଂକ୍ଷେପରେ

### ଟ୍ରକ୍ ସହ ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ଗୋପାଳପୁର,୨୪ା୫ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥ ଗୋପାଳପୁର ଓଭର ବ୍ରିଜ ନିକଟରେ ଅଜଣା ଟ୍ରକ ସହ ବାଇକ ଧକ୍କା ହୋଇ ଜଣେ ଚାଳକ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ହିଞ୍ଜିଳିକାଟୁ ଅଧୀନ ଦିଗାପଡା ଗ୍ରାମର ସୁନୀଲ ନାୟକ। ଆହତ ଜଣକ ହେଲେ ସୀମାଞ୍ଚଳ ନାୟକ। ଖବର ଅନୁସାରେ ଶନିବାର ଅପରାହ୍ନରେ ବାଇକ ଯୋଗେ ସୁନୀଲ ଓ ଅନ୍ୟ ଜଣେ ଯୁବକ ଭୁଲ ରାସ୍ତାରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଗୋପାଳପୁର ଓଭରବ୍ରିଜ ଭକ୍ତ ସାଲବେଗନଗର ନିକଟରେ ଅଜଣା ଦ୍ରୁତଗାମୀ ଟ୍ରକ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ରାସ୍ତା ମଝିରେ ଛିଟିକି ପଡ଼ି ଘଟଣା ସ୍ଥଳରେ ସୁନୀଲଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଗୋପାଳପୁର ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳେରେ ପହଞ୍ଚିଥିଲେ। ପୋଲିସ ସୁନୀଲଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି।

### ତିନିଦିନ ଧରି ଚାଲିବ ହରିକୃଷ୍ଣପୁର ଶୀତଳଷଷ୍ଠୀ ଯାତ୍ରା

ଶେରଗଡ଼,୨୪ା୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ଆସନ୍ତା ୨୯ରୁ ତିନିଦିନ ଧରି ଶିତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ଶିବ ବିବାହ, ବର ପକ୍ଷକୁ କନ୍ୟାଯାତ୍ରୀଙ୍କ ସ୍ୱାଗତ, ବିବାହ ବେଦିରେ ଶିବ ପାର୍ବତୀଙ୍କୁ ଉପବେଶନ, ନଗର ପରିକ୍ରମା, ଷଷ୍ଠୀ ପୂଜା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଟ୍ରଷ୍ଟି ଓ ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।

### ଯୌତୁକ ଦାବିକରି ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

ଦିଗପହଣ୍ଡି,୨୪ା୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଡ଼ଡୁମୁଲା ଗ୍ରାମର ବୁଡୁ ସେଠୀ ତାଙ୍କ ସ୍ତ୍ରୀ ରଶ୍ମି ସେଠୀଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ରଶ୍ମିଙ୍କ ଭାଇ ଲକ୍ଷ୍ମୀ ଚରଣ ସେଠୀ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମାମଲା (ନଂ.୧୮୫/୨୫) ରୁଜୁ କରି ଏଏସ୍ଆଇ ଅଜୟ ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି।

ଖବରରୁ ଜଣାପଡ଼ିଛି, ୧୪ ବର୍ଷ ତଳେ ବଡ଼ଡୁମୁଲା ଗ୍ରାମର ସୀତାରାମ ସେଠୀଙ୍କ ପୁଅ ବୁଡୁଙ୍କୁ ଜରଡା ଥାନା ନାରାୟଣପୁର ଗ୍ରାମର ରାଜେନ୍ଦ୍ର ସେଠୀଙ୍କ ଝିଅ ରଶ୍ମି ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ଅନୁସାରେ ନଗଦ ୫୦ ହଜାର ଟଙ୍କା, ସୁନା ଗହଣା ଓ ସମସ୍ତ ଆସବାବପତ୍ର ପ୍ରଦାନ କରାଯାଇଥିଲା। ବିବାହର ୨ ବର୍ଷ ଭଲରେ କଟିବା ପରେ ସ୍ୱାମୀ ବୁଡୁ ପୁଣି ୧ ଲକ୍ଷ ଟଙ୍କା ଏବଂ ୨ ଭରି ସୁନା ଅଳଙ୍କାର ବାପଘରୁ ଆଣିବାକୁ ରଶ୍ମିଙ୍କୁ ବାଧ କରି ସବୁ ବେଳେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ବୁଡୁ ଗୁଜରାଟର ସୁରଟରେ ଏକ ସୂତାକଳରେ କାମ କରୁଥିବା ବେଳେ ଗତ କିଛିଦିନ ହେଲା ସେ ଗାଁକୁ ଆସିଥିଲେ। ଶ୍ୱଶୁର ଘରୁ ଟଙ୍କା ଓ ସୁନା ଆଣିବାକୁ କେନ୍ଦ୍ର କରି ଶୁକ୍ରବାର ଅପରାହ୍ନ ୨ଟାରେ ବୁଡୁ ସ୍ତ୍ରୀ ରଶ୍ମିଙ୍କୁ ଏକ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। କାତି ଚୋଟରେ ରଶ୍ମିଙ୍କ ହାତ ଓ ଗୋଡ଼ରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ଏହା ଦେଖି ତାଙ୍କର ଦୁଇ ଝିଅ ପୁଅ କାନ୍ଦିଥିଲେ। ଉଭୟଙ୍କୁ ବୁଡୁ ରାସ୍ତା ଉପରକୁ ଫୋପାଡି ଦେଇଥିଲେ। ସାହି ଲୋକେ ଦୌଡ଼ି ଆସିବାରୁ ସେ ସେମାନଙ୍କୁ ଧମକଚମକ ଦେଇ ପଳାଇଥିଲେ। ରଶ୍ମିଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି।

# ୧୦୩ ବର୍ଷର ଡିଏଫ୍ଓ କାର୍ଯ୍ୟାଳୟ ପାଇଁ କୋଠା ନିର୍ମାଣ ଯୋଜନା

ଭଞ୍ଜନଗର,୨୪ା୫(ବାବୁଲା ପ୍ରଧାନ)



ଲାଲସିଂ ନର୍ସରି।

ବ୍ରିଟିଶ ଶାସକମାନେ ଗଞ୍ଜାମ ଜିଲା ଭଞ୍ଜନଗର (ଘୁମୁସର)କୁ ଶାସନ କରିବାକୁ ଆସିବା ପରେ ଏଠାରେ ଶିକ୍ଷା, ଜଳସେଚନ, ଗମନାଗମନ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ୧୮୮୪ ପୂର୍ବରୁ ପଦକ୍ଷେପ ନେଇଥିବା ପ୍ରମାଣ ରହିଛି। ଭଞ୍ଜନଗର ଲୋହରାଖଣ୍ଡି ସେତୁ, ଭଞ୍ଜନଗର( ରସଲକୋଣ୍ଡା) ଜଳଭଣ୍ଡାର, ଭଞ୍ଜନଗର ମେଡିକାଲ, ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାର ୧୮୮୪ରେ ନିର୍ମାଣ ହୋଇଥିଲା। ଏଥିସହ ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ସମେତ ଅନେକ ବିଦ୍ୟାଳୟ ସେ ସମୟରେ ହୋଇଥିଲା। ଘୁମୁସର ଜଙ୍ଗଲର ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନେଇଥିଲେ। ୧୯୦୪ରେ ବ୍ରିଟିଶମାନେ ବାଲିଙ୍ଗିଆ ପାହାଡ଼ ଉପରେ ଏକ କାଚ ଘର ନିର୍ମାଣ କରିଥିଲେ। ସେଠାରେ ବ୍ରିଟିଶ ଶାସକ ରହି ମନୋରଞ୍ଜନ କରିବା ସହ ଜଙ୍ଗଲ କର୍ମଚାରୀମାନେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ରହୁଥିଲେ। ବର୍ତ୍ତମାନ ଉକ୍ତ କାଚଘର ଭଗ୍ନ ଅବସ୍ଥାରେ ରହିଛି। ଉକ୍ତ ପାହାଡ଼ର ଚତୁଃପାର୍ଶ୍ୱ ଘଞ୍ଚ ଜଙ୍ଗଲରେ ରହିଥିବାରୁ ସେଠାକୁ ଯିବାକୁ ସୁବିଧା ମଧ୍ୟ ନାହିଁ। ପରେ ବ୍ରିଟିଶମାନେ ୧୯୧୩ରେ ରମ୍ଭା ଡାକ ବଙ୍ଗଳା କରିଥିଲେ। ଉକ୍ତ ଅଞ୍ଚଳଗୁଡ଼ିକ ମୁଜାଗଡ଼ ରେଞ୍ଜ ଅଧୀନରେ ଆସୁଥିଲା। ୧୯୧୫ରେ ମୁଜାଗଡ଼ ରେଞ୍ଜ ଗଠନ ହୋଇଥିଲା। ତାହାର କୋଠା ୧୯୨୫ରେ ନିର୍ମାଣ କରାଯାଇଥିଲା। ଏହା ପୂର୍ବରୁ ୧୯୨୨ରେ ଘୁମୁସର ଉତ୍ତର ବନଖଣ୍ଡ ପ୍ରତିଷ୍ଠା ହୋଇଥିଲା। ୧୮୫୬ ବର୍ଗଫୁଟରେ ଡିଏଫଓ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ଉକ୍ତ କାର୍ଯ୍ୟାଳୟକୁ ବର୍ତ୍ତମାନ ୧୦୩ ବର୍ଷ ପୂରିଛି। କୋଠାର କେତେକ ଅଂଶ ବର୍ତ୍ତମାନ ଦୁର୍ବଳ ଅଛି। ଅନ୍ୟପକ୍ଷରେ ବର୍ତ୍ତମାନ କର୍ମଚାରୀ ଏବଂ ଅଧିକାରୀ ସଂଖ୍ୟା ବୃଦ୍ଧି ଘଟିଛି। ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବସିବା ପାଇଁ ସ୍ଥାନ ଅଭାବ ହେଉଛି। ଆଉ ଗୋଟିଏ ନୂତନ କାର୍ଯ୍ୟାଳୟର ଆବଶ୍ୟକତା ରହିଛି।

ଏନେଇ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଜାଣିବା ପରେ ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ନୂତନ କୋଠା ନିର୍ମାଣ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। କଲେଜ ରୋଡ ଲାଲସିଂ ସ୍ଥାୟୀ ନର୍ସରି ପରିସରରେ ନୂତନ ଡିଏଫଓ କାର୍ଯ୍ୟାଳୟ କରିବାକୁ ସ୍ଥିର କରାଯାଇଛି। ବନ ବିଭାଗ ପକ୍ଷରୁ କାର୍ଯ୍ୟାଳୟର ନକ୍ସା ପ୍ରସ୍ତୁତ କରି

**■ବଦଳିବ ଲାଲସିଂ ନର୍ସରି ଠିକଣା**

ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଇବାକୁ ପ୍ରସ୍ତୁତି ଚାଲିଛି। ନକ୍ସା ଅନୁମୋଦନ ପରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ନର୍ସରିରେ ଡିଏଫ୍ଓ କାର୍ଯ୍ୟାଳୟ ନିର୍ମାଣ ହେଲେ ତାହାର ଠିକଣା ବଦଳିବ। ପ୍ରାୟ ୧୮ ହଜାର ବର୍ଗଫୁଟ ମଧ୍ୟରେ ଦୁଇ ମହଲା କୋଠା ନିର୍ମାଣ କରାଯିବ। ଏ ବାବଦରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଡିଏଫଓ କାର୍ଯ୍ୟାଳୟ ଖୋଲିଲେ ମଧ୍ୟ ସେଠାରେ ବଳକା ଜମିରେ ନର୍ସରି ଚାଲିବ। ସେହିପରି ଭଞ୍ଜନଗର ସହରରେ ବ୍ରିଟିଶ ଶାସନ ସମୟରେ ନିର୍ମାଣ ହୋଇଥିବା ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ କୋଠାକୁ ଭାଙ୍ଗି ନୂତନ କୋଠା ନିର୍ମାଣ କରାଯିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହି ଦୁଇ କାର୍ଯ୍ୟାଳୟକୁ ଭାଙ୍ଗି ସେଠାରେ ନୂତନ କୋଠା ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି।

# ବେଲଗୁଣ୍ଠା, ମୁଜାଗଡ଼, ଲାଲସିଂ ଯାତ୍ରାରେ ଜମୁଛି ଭିଡ଼

ଭଞ୍ଜନଗର,୨୪ା୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡ଼ ଏବଂ ଲାଲସିଂରେ ବର୍ତ୍ତମାନ ଠାକୁରାଣୀ ଯାତ୍ରା ଚାଲିଛି। ଏହା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ। ସେହିଭଳି ବେଲଗୁଣ୍ଠା ମା' ବ୍ରାହ୍ମଣଦେବୀ ଯାତ୍ରା ମଧ୍ୟ ବର୍ତ୍ତମାନ ଚାଲିଛି। ଏହା ଆସନ୍ତା ୧ରେ ଉଦ୍‌ଯାପିତ ହେବ। ସବୁ ଯାତ୍ରାରେ ଦେବୀଙ୍କ ଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ହେଉଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଶୁକ୍ରବାର ରାତିରେ ମୁଜାଗଡ଼ ଠାକୁରାଣୀ ଯାତ୍ରାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷ ନରି ସଭା ନାୟକ, ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡ଼ି, ରବୀନ୍ଦ୍ର ଗୌଡ, ଭାଜପା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର, ଭାଜପା ନେତା ସୁବାସ ବରାଡ଼, ଧୋବା ଗୌଡ଼, ଶିବରାମ ମହାପାତ୍ର, ମୁଜାଗଡ଼ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୁରୁବାର ରାତିରେ ବେଲଗୁଣ୍ଠା ଯାତ୍ରାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ମତ୍ସ୍ୟ ଓ ପ୍ରାଣୀପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ମହେଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲାଲସିଂ ଯାତ୍ରାକୁ ଗ୍ରାମବାସୀ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ପଛୁଆବର୍ଗଙ୍କୁ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ
# କୃତଜ୍ଞତା ଜଣାଇଲା କନ୍ଧମାଳ ଭାଜପା



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ରାଇକିଆ,୨୪ା୫ (ପ୍ରଦୀପ ବେହେରା)

ଓଡ଼ିଶାରେ ପ୍ରଥମ ଥର ପାଇଁ ପଛୁଆବର୍ଗଙ୍କୁ ଶିକ୍ଷାନୁଷ୍ଠାନମାନଙ୍କରେ ସଂରକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗଙ୍କୁ ସଂରକ୍ଷଣ କ୍ଷେତ୍ରରେ ଅଣ ଦେଖା କରାଯାଉଥିଲା। ବାରମ୍ବାର ଦାବି ସତ୍ତ୍ୱେ ତତ୍କାଳୀନ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିଲେ। ପ୍ରଥମ ଥର ପାଇଁ ଶିକ୍ଷା କ୍ଷେତ୍ରରେ ସାମିଲ କରି ଐତିହାସିକ ନିଷ୍ପତ୍ତି ନେଇଥିବାରୁ ଶନିବାର କନ୍ଧମାଳ ଜିଲା ଭାଜପା ତରଫରୁ ଏନେଇ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସଭାପତି ମନମୋହନ ସାମଲ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ପଣ୍ଡିତ କୁମାର ବିଶ ମାଝୀ, ଜିଲା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କା, ରାଇକିଆ ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ସାହୁ, ପୂର୍ବତନ ବିଧାନସଭା ପ୍ରାର୍ଥୀ ଗୋବିନ୍ଦ ପ୍ରଧାନ ଯୋଗଦେଇଥିଲେ।

# ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ, ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ବାଲିଗୁଡ଼ା,୨୪ା୫ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକର ହାଟପଦାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ତତ କାଳୀନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶିଳାନ୍ୟାସ କରିଛନ୍ତି। ହେଲେ ଅଦ୍ୟାବଧି ସୁଦ୍ଧା ଏକ ସୁଲଭ ବସଷ୍ଟାଣ୍ଡ ପାଇଁ ଜମି ଅଧିଗ୍ରହଣ ହୋଇ ନ ଥିବାରୁ ପ୍ରାୟ ୧ ବର୍ଷରୁ ଅଧିକ ହେବ ଠିକାସଂସ୍ଥା ବସଷ୍ଟାଣ୍ଡ ନିର୍ମାଣ କାମ କରିପାରୁ ନ ଥିବା ଅଭିଯୋଗ ହେଉଥିଲା। ବାରମ୍ବାର ପ୍ରଶାସନିକ ନୋଟିସ ସତ୍ତ୍ୱେ ପଞ୍ଚାୟତ ଗୃହରେ ଦୋକାନ ଖୋଲି ବ୍ୟବସାୟ ଚାଲୁରଖିବା ସହ କିଛି ନିରୀହ ଜନସାଧାରଣ ୨୦ରୁ ଉର୍ଦ୍ଧ୍ୱ ବର୍ଷ ହେବ ଘର କରି ରହି ଆସୁଥିଲେ। ଏଣୁ ବାଧ ହୋଇ କୋଟଗଡ଼ ତହସିଲଦାର ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ, ବିଦ୍ୟୁତ କର୍ମଚାରୀ, ମୋବାଇଲ ସ୍ୱାସ୍ଥ୍ୟ ଟିମ ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ୨ଟି ବୁଲଡୋଜର ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଉଛି। ଅନ୍ୟପଟେ ଜଣେ ନିରୀହ ବୃଦ୍ଧା ଦୀର୍ଘ ବର୍ଷ ହେବ ଘରକରି ରହିଆସୁଥିବାରୁ ଭିଟାମାଟି ଛାଡି ଯିବାପାଇଁ ଇଚ୍ଛା ପ୍ରକାଶ ନ କରି ନିଜ ଛୋଟ କୁଡ଼ିଆ ଖଣ୍ଡିକୁ ଚାହିଁ କାନ୍ଦୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଦୁର୍ଘଟଣା ରୋକିବାକୁ ତହସିଲଦାର ଏବଂ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କୋଟଗଡ଼ ବଜାରରେ ଥିବା ଦୋକାନଗୃହ ସମ୍ମୁଖ ରାସ୍ତାକୁ କବ୍ଜା କରିବାକୁ ମନା କରିବା ସହ ରାସ୍ତା ସମ୍ପ୍ରସାରଣ ପାଇଁ ବଜାର ଛକ ଠାରୁ ସୁବର୍ଣ୍ଣଗିରି ଯିବା ରାସ୍ତା ଓ ପୁରା ବଜାର କଡ଼ରେ ମାଡ଼ି ବସିଥିବା ଉଠାଦୋକାନୀଙ୍କୁ ଉଠାଉଛନ୍ତି। ଏହି ସମୟରେ ତୁମୁଡିବନ୍ଧ ତହସିଲଦାର ଦୋଳଗୋବିନ୍ଦ ସାହୁ, ସୁପରଭାଇଜର ଗୋଲକ ବିହାରୀ ସାମନ୍ତସିଂହାର କର, ରାଜସ୍ୱ ନିରୀକ୍ଷକ ରଞ୍ଜିତ ସାହୁ ସମେତ ବହୁ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### ଆତଙ୍କ ସୃଷ୍ଟି କରୁଥିବା ମାଙ୍କଡ଼କୁ କାବୁକଲା ବିଭାଗ

ହିଞ୍ଜିଳିକାଟୁ, ୨୪ା୫( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ କଲୋନି ଅଞ୍ଚଳରେ ୫ଦିନ ଧରି ଏକ ହନୁ ମାଙ୍କଡ଼ ଉପଦ୍ରବ ଚଳାଇଥିଲା। ମାଙ୍କଡ଼ ଆତଙ୍କରେ ଲୋକମାନେ ବାହାରକୁ ଆସିବାକୁ ଭୟ କରୁଥିଲେ। ମାଙ୍କଡ଼ ଆକ୍ରମଣରେ ବହୁ ଲୋକ ଖଣ୍ଡିଆ ଖାବରା ମଧ୍ୟ ହୋଇଥିଲେ। ମାଙ୍କଡ଼କୁ କାବୁ କରିବାକୁ ଲୋକେ ଦାବି କରିଥିଲେ। ଶୁକ୍ରବାର ସଂଧ୍ୟାରେ ହିଞ୍ଜିଳିକାଟୁ ବନପାଳ ଘରମଣି ପାଣିଗ୍ରାହୀ ଓ ଟିମ୍ ପହଞ୍ଚି ଉକ୍ତ ମାଙ୍କଡ଼କୁ କାବୁ କରିଛନ୍ତି। ମାଙ୍କଡ଼କୁ ଆବଶ୍ୟକ ଚିକିତ୍ସା ପରେ ସୁରକ୍ଷିତ ସ୍ଥାନରେ ଛଡ଼ାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ଜମା ଟଙ୍କା, ପାସ୍ ବୁକ୍ ଦେଉନାହାନ୍ତି ପୋଷ୍ଟମାଷ୍ଟର

ଫୁଲବାଣୀ, ୨୪ା୫ (ରାକେଶ କୁମାର ରାଉତ)

ଆଜି କାଲି ପୋଷ୍ଟ ଅଫିସରେ ହେଉଥିବା ଘୋଟଲା ବାରମ୍ବାର ପଦାକୁ ଆସୁଛି । ଗରିବ ଲୋକଙ୍କ ଟଙ୍କାକୁ ଚତୁରତାର ସହ ପୋଷ୍ଟ ଅଫିରେ କାର୍ଯ୍ୟ କରୁଥିବା କର୍ମଚାରୀ ଲୁଟି ନେଉଛନ୍ତି। ଜଣେ ଦୃଷ୍ଟି ବାଧିତ ରଖିଥିବା ଟଙ୍କାକୁ ପୋଷ୍ଟମାଷ୍ଟର ଦେଉନାହାନ୍ତି। ଦୃଷ୍ଟିବାଧିତ ବ୍ୟକ୍ତି ଜଣକ ନିଜ ଝିଅକୁ ଧରି ଏ ଅଫିସରୁ ସେ ଅଫିସ ଦୌଡୁଥିବା ଦେଖିବାକୁ ମିଳିଛି । ଅନ୍ୟ ଉପାୟ ନ ପାଇ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ ମଧ୍ୟ ତାଙ୍କୁ ଦେଖା କରି ପାରି ନାହାନ୍ତି। ଶେଷରେ ନିରାଶ ହୋଇ ଘରକୁ ଫେରିଛନ୍ତି। ଏଭଳି ଘଟଣା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ରତଙ୍ଗ ପଞ୍ଚାୟତର ୧୩ ନଂ. ୱାର୍ଡ ରତଙ୍ଗ ଗ୍ରାମର ଦୃଷ୍ଟି ବାଧିତ ନାରଦ ମାଝୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ନାରଦ ଜନ୍ମରୁ ଦୃଷ୍ଟି ବାଧିତ। ତାଙ୍କ ପରିବାର କହିଲେ ସ୍ତ୍ରୀ ରେଜିନା ଓ ଝିଅ ଝିଲି। ଭତ୍ତା ବାବଦରେ ମାସକୁ ୧୨ଶହ ଟଙ୍କା ମିଳେ। ସେଥିରେ ସେମାନେ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ନାରଦ ଏବଂ ତାଙ୍କ ଝିଅ।

ପ୍ରତିପୋଷିତ ହୁଅନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିଥିଲା। ରତଙ୍ଗ ପୋଷ୍ଟ ଅଫିସରେ ୩ ଜଣଙ୍କ ନାମରେ ଏହି ଟଙ୍କା ଜମା ରହିଥିଲା। ଘର କାମ ଆରମ୍ଭ କଲା ବେଳେକୁ ନାରଦ ତାଙ୍କ ପରିବାର ସହ ମିଶି ପୋଷ୍ଟ ଅଫିସକୁ ଯାଇଥିଲେ। ପୋଷ୍ଟମାଷ୍ଟର ଜଣକ ପାସ୍ ବୁକ୍ ଦେଲେ ଟଙ୍କା ଉଠେଇ ଦେବି କହିଥିଲେ। ପାସ୍‌ବୁକ୍ ଧରିକି ଯିବାରୁ ଆଜି ମୋ ପାଖରେ ଟଙ୍କା ନାହିଁ, କାଲିକି ଆସ।। ପରଦିନ ଗଲା ପରେ କହିଲେ ମୋତେ ପାସ୍ ବୁକ୍

**■ଦୃଷ୍ଟିବାଧିତଙ୍କୁ ଛାଡିଲେ ନାହିଁ**

ଦିଅ। ଭେରିଫିକେସନ ପାଇଁ ପଠାଇବି। ସେଠୁ ପାସ୍‌ବୁକ୍ ଆସିଲା ପରେ ମୁଁ ଟଙ୍କା ଉଠେଇ ଦେବି। ଇତି ମଧ୍ୟରେ ୧୪ ମାସ ବିତି ଗଲାଣି। ପାସ୍ ବୁକ୍ ଫେରୁନି କି ନାରଦ ଏବଂ ତାଙ୍କ ପରିବାର ଟଙ୍କା ପାଉନାହାନ୍ତି। ଆମ ୩ଜଣଙ୍କ ଖାତାରେ ୮୦ ହଜାର ଟଙ୍କା ଥିଲା। ଘର ପାଇଁ ଟଙ୍କା ଉଠାଇବାକୁ ଯିବାରୁ ପୋଷ୍ଟ ମାଷ୍ଟର ବହି ନେଇଗଲେ। ଏ ପର୍ଯ୍ୟନ୍ତ ବହି କି ଟଙ୍କା କିଛି ମିଳୁନି। ମୁଁ ଫୁଲବାଣୀ ହେଡ ଅଫିସକୁ ଯାଇଥିଲି । ସେଠି ମୋତେ କହିଲେ, ଯେଉଁଠି ବହି ଦେଇଛ ସେଠିକି ଯାଅ। ଆମେ ପୋଷ୍ଟ ମାଷ୍ଟରଙ୍କୁ ଦେଖା କଲେ ସେ କହୁଛନ୍ତି, ବହି ଅଫିସକୁ ପଠେଇଛି। ପାସ୍‌ବୁକ୍ ଆସିଲେ ଟଙ୍କା ମିଳିବ। ମୋର ଦୃଷ୍ଟି ଶକ୍ତି ନାହିଁ। ଝିଅକୁ ଧରି ଖରାରେ ଆଉ କେତେ ଦୌଡିବି। ଜିଲାପାଳଙ୍କୁ ଭେଟିବାକୁ ଆସିଥିଲି ଯେ, ସେ ନାହାନ୍ତି । କ'ଣ ଆଉ କରିବି ବୋଲି ଅସହାୟ ଭାବେ ନାରଦ କହିଛନ୍ତି।

### ୪ ମାସ ହେଲା ବିଡିଓ ପଦବୀ ଖାଲି

ଶେରଗଡ଼,୨୪ା୫ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକର ବିଡିଓ ପଦବୀ ଦୀର୍ଘ ୪ ମାସ ହେଲା ଖାଲିପଡ଼ିଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ କାର୍ଯ୍ୟରେ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରୁଛନ୍ତି। କିଛିଦିନ ସ୍ଥାନୀୟ ତହସିଲଦାର ଦାୟିତ୍ୱରେ ଥିବାବେଳେ ବର୍ତ୍ତମାନ ୩ମାସ ହେବ ଏବିଡିଓ ଦାୟିତ୍ୱରେ ଅଛନ୍ତି। ପଞ୍ଚାୟତ ସମିତି ବୈଠକରେ ସମିତି ସଭ୍ୟ ଓ ସରପଞ୍ଚମାନେ ବିଡିଓ ନିଯୁକ୍ତି ପାଇଁ ଦାବି କରିଥିଲେ ସୁଦ୍ଧା ଏଯାଏ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ବ୍ଲକରେ ନୂତନ ବିଡିଓ ନିଯୁକ୍ତି ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

# ଏନ୍‌ସିସି କ୍ୟାଡେଟ୍ ସଫାକଲେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି


କ୍ୟାଡେଟ୍‌ମାନେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସଫା କରୁଛନ୍ତି।

ଆସିକା, ୨୪ା୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ ଶନିବାର ସହରାଞ୍ଚଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇଛି । ଏହି ଅବସରରେ କଲେଜ ଅଧକ୍ଷ ଡ.ଜିବାନନ୍ଦ ତ୍ରିପାଠୀ ଓ ଏନ୍‌ସିସି ଅଫିସର୍ ମେଜର୍ ଶଙ୍କର ପ୍ରସାଦ ଅଧିକାରୀଙ୍କ ନେତୃତ୍ୱରେ କେଡେଟ୍ ମାନେ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଓ ହାଟପଦାଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ସଫା କରିଥିଲେ । ଆଗାମୀ ଦିନରେ ସହରାଞ୍ଚଳରେ ରହିଥିବା ଅନ୍ୟ ପ୍ରତିମୂର୍ତ୍ତି ଗୁଡିକର ସଫାକରିବା ଲାଗି କଲେଜ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି । ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ ମୁତାବକ ଏହି କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି ।

# ଟାକରଡ଼ା ଗୁଳିକାଣ୍ଡ ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଶେରଗଡ଼, ୨୪ା୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ନିକଟସ୍ଥ ଟାକରଡ଼ା ଶହୀଦ ପୀଠରେ ଟାକରଡ଼ା ଗୁଳିକାଣ୍ଡ ଦିବସ ଶନିବାର ପାଳିତ ହୋଇଛି। ୧୯୪୮ ମେ ୨୪ରେ ଟାକରଡ଼ାଠାରେ ଜମିଦାରି, ମୁସ୍ତାଦାର ଇନାମଦାର ବିରୋଧରେ ଚାଷୀ ଆନ୍ଦୋଳନ ବେଳେ ଗୁଳିକାଣ୍ଡ ହୋଇଥିଲା। ସେଥିରେ ୬ଜଣ ଶହୀଦ ହୋଇଥିଲେ। ସେହିଦିନଠି ଏପର୍ଯ୍ୟନ୍ତ ଟାକରଡ଼ା ଗୁଳିକାଣ୍ଡ ଦିବସ ରୂପେ ପାଳିତ ହୋଇ ଆସୁଛି। ଚଳିତବର୍ଷ ମଧ୍ୟ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ଓକିଲ ସମୀର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଗଞ୍ଜାମ ଜିଲା ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ସିପିଏମ୍ ପୂର୍ବତନ ସମ୍ପାଦକ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇର ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଗଞ୍ଜାମ ଜିଲା ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ସମ୍ପାଦକ ଅଳକାନାଥ ମିଶ୍ର, ଗୋପାଳକୃଷ୍ଣ ପାଣିଗ୍ରାହୀ, ଲେଖିକା ସୁଜାତା ମହାପାତ୍ର, ବରିଷ୍ଠ ଖବରଦାତା ବିଘ୍ନେଶ୍ୱର ସାହୁ ଓ ମେଘନାଦ ଦାସ ଯୋଗଦେଇ ଟାକରଡ଼ା ଗୁଳିକାଣ୍ଡର ଇତିହାସ ଓ ସେ ସମୟର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଲେଖିକା ମହାପାତ୍ର କହିଥିଲେ, ଟାକରଡ଼ା ଗୁଳିକାଣ୍ଡ ହୋଇଥିଲା ପରନ୍ତୁ ତା'ର ଇତିହାସକୁ ପୁନର୍ବିନ୍ୟାସ କରି ଏକ ପୁସ୍ତିକା ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ସକାଳୁ ଛାତ୍ରୀଛାତ୍ରମାନେ ଶହୀଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଭାତଫେରି ଓ ପରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶହୀଦ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବଳରାମ ବାରିକ ଧନ୍ୟବାଦ ଦେଇଥିଲେ।

# ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟସ୍ତରରେ ଛାତ୍ର ସଂସଦ ନିର୍ବାଚନ କେତେ ଜରୁରୀ

ବେଲଗୁଣ୍ଠା,୨୪ା୫ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଆଜିର ଛାତ୍ର ଆସନ୍ତା କାଲିର ନାଗରିକ। ରାଜନୀତି ଏବଂ ରାଜନୀତିର ପ୍ରସ୍ତୁତିକୁ ରାଷ୍ଟ୍ର ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ବିବେଚନା କରାଯାଏ। ଏହି ପରିପ୍ରେକ୍ଷୀରେ ନେତୃତ୍ୱ ତିଆରି କରିବାର ପ୍ରୟାସ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ପୂର୍ବରୁ ପ୍ରତିଫଳିତ ହୋଇ ଆସୁଛି। ଉଭୟ ରାଜ୍ୟ ଏବଂ ଜାତୀୟ ସ୍ତରରେ ନେତୃତ୍ୱ ନେଇଥିବା ବିଭିନ୍ନ ନେତା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରୁ ହିଁ ସେମାନଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିବେ। ତେବେ ଏହି ଛାତ୍ର ରାଜନୀତିରେ ହିଂସା ଦେଖାଯିବାରୁ ଏକ ଚିନ୍ତାଜନକ ବିଷୟ ହୋଇଥିଲା। ଫଳରେ ଓଡ଼ିଶାରେ ପୂର୍ବତନ ସରକାର ଗତ ୮ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ ରଖିଥିଲେ। ଗତ ସାଧାରଣ ନିର୍ବାଚନରେ ସରକାର ବଦଳିବା ପରେ ପୁଣି ଥରେ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ନିର୍ବାଚନ ପାଇଁ ଭାଜପା ସରକାର ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିଛନ୍ତି। ବର୍ତ୍ତମାନ ଏହି ଛାତ୍ର ସଂସଦ ନିର୍ବାଚନ ରାଷ୍ଟ୍ର ଗଠନରେ ସହାୟକ ହେବ ନା ହିଂସା ଏହାର ଭବିଷ୍ୟତକୁ ପଥରୋଧ କରିବ ସେନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହି ଅବସରରେ ଧରିତ୍ରୀ ପକ୍ଷରୁ କେତେ ଜଣ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକଙ୍କୁ ନେଇ ପ୍ରସ୍ତୁତ ଆଲେଖ୍ୟ।

## ଏମାନେ କ'ଣ କୁହନ୍ତି...


"ରାଷ୍ଟ୍ର ଗଠନରେ ଛାତ୍ର ସଂସଦ ନିର୍ବାଚନ ଏକ ଅଭେଦ୍ୟ ଅଙ୍ଗ। କିନ୍ତୁ ଏହା ଅହିଂସା ଆଧାରରେ ହେଲେ ପରବର୍ତ୍ତୀ ସମୟରେ ରାଷ୍ଟ୍ର ଗଠନରେ ଉଚିତ ମୂଲ୍ୟାଙ୍କନ କରିବ। ନଚେତ୍ ଏହା କେବଳ ଏକ ପ୍ରହସନରେ ପରିଣତ ହେବ।

**-ସ୍ୱସ୍ତି ସୁନ୍ଦର ସିଅ, ଛାତ୍ର, ସାମ୍ବାଦିକତା ଓ ଗଣଯୋଗାଯୋଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**


"ଛାତ୍ର ସଂସଦ ନିର୍ବାଚନକୁ ବାହ୍ୟସ୍ତରରେ ନିୟନ୍ତ୍ରଣ ଯୋଗୁ ବିଶୃଙ୍ଖଳା ସୃଷ୍ଟି ହେଉଛି। ଦଳୀୟ ମନୋଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେଉଛି। ଶୈକ୍ଷିକ କ୍ଷେତ୍ରରେ ଏହାର କୁପ୍ରଭାବ ପଡୁଛି। ତେଣୁ ଶୃଙ୍ଖଳା ଦୃଷ୍ଟିରୁ ଛାତ୍ର ସଂସଦ ନିର୍ବାଚନ ହେବା ଉଚିତ ନୁହେଁ।

**- ସୁବାସ ଚନ୍ଦ୍ର ସାମଲ, ଅଧକ୍ଷ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ, କ୍ଷତ୍ରିୟବରପୁର, ଗଞ୍ଜାମ**


"ଛାତ୍ର ସଂସଦ ନିର୍ବାଚନ ହେବା ଉଚିତ। କିନ୍ତୁ ଏଥିରେ କୌଣସି ରାଜନୈତିକ ଦଳର ପ୍ରତ୍ୟକ୍ଷ ସମ୍ପୃକ୍ତି ନ ରହିବା ଉଚିତ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହିଁ ସୀମିତ ରହିଲେ ନିର୍ବାଚନ ନିରପେକ୍ଷ ଏବଂ ଶୃଙ୍ଖଳିତ ହେବ।

**- ଡ. ସଂଯୁକ୍ତା ପଣ୍ଡା, ଅଧକ୍ଷା, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେଲଗୁଣ୍ଠା**


"ମୋ ମତରେ କଲେଜ ନିର୍ବାଚନ ସ୍ୱାଗତଯୋଗ୍ୟ। ଏହା ସମ୍ବିଧାନ ପ୍ରତି ବିଶ୍ୱସ୍ତଭାବ ସୃଷ୍ଟି କରେ। ରାଜନୈତିକ ଦଳର ହସ୍ତକ୍ଷେପ ନ ରହିବା ଭଲ। ଭୋଟ ଦେବାର ଅଧିକାର ଏବଂ ସରକାର ଗଢ଼ିବାର କୌଶଳ ଏଥିରୁ ଛାତ୍ରୀଛାତ୍ରମାନେ ଶିଖିପାରିବେ।

**-ପୂଜାରାଣୀ ପ୍ରଧାନ, ଛାତ୍ରୀ, ନୁଣିଗାଡି, ବେଲଗୁଣ୍ଠା।**


"ପ୍ରଥମତଃ ନେତୃତ୍ୱ ନେବାର ଭିତ୍ତିଭୂମି ଶିକ୍ଷାର୍ଥୀ ଜୀବନରେ ମହାବିଦ୍ୟାଳୟ ସ୍ତରରେ ହିଁ ସ୍ଥାପନ ହୁଏ। ଯେଉଁଠି ଛାତ୍ର ସଂସଦ ନିର୍ବାଚନ ଯୋଗୁ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ। ଏହାଦ୍ୱାରା ମହାବିଦ୍ୟାଳୟ ସ୍ତରରେ ରହିଥିବା ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଛାତ୍ରୀଛାତ୍ରମାନେ ପ୍ରତିନିଧିତ୍ୱ କରି ଦାୟିତ୍ୱ ତୁଲାଇଥାନ୍ତି। ଏଥିପାଇଁ ଛାତ୍ର ସଂସଦ ନିର୍ବାଚନ ଜରୁରୀ।

**– ଚିନ୍ମୟ ପ୍ରସାଦ ପରିଡା, ଛାତ୍ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଭଞ୍ଜନଗର**

# ଜୁନ୍ ୨୪ ସୁଦ୍ଧା ସତ୍ୟପାଠ ଦାଖଲ କରିବେ ଡିଏଫ୍ଓ

ଯାଜପୁର,୨୪।୫(ହର୍ଷବର୍ଦ୍ଧନ ବେହେରା)


ଜଙ୍ଗଲ ଜମିରେ ଥିବା କଳାପଥର ଖାଦନ।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଜଙ୍ଗଲ ଜମିରେ ୬ଟି କଳାପଥର ଖାଦାନ ଚାଲିଥିବା ଅଭିଯୋଗ ଉପରେ ହାଇକୋର୍ଟଙ୍କ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପୀତବାସ ଦାସ ଏବଂ ଅନ୍ୟମାନଙ୍କ ଅଭିଯୋଗ ଆଧାରରେ ହୋଇଥିବା ମାମଲା (ଡବ୍ଲ୍ୟୁପିସି ୫୨୮୭/୨୦୨୫)ରେ ହାଇକୋର୍ଟ ଶୁକ୍ରବାର ଶୁଣାଣିକରି ୨୪।୬।୨୦୨୫ ସୁଦ୍ଧା କଟକ ଡିଏଫ୍ଓ ଏବଂ ଧର୍ମଶାଳା ତହସିଲଦାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଯାଜପୁର ଜିଲାପାଳ, ଲଘୁ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍) ଏବଂ ମାଇନିଂ ଅଫିସରଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଛି।

ଯାଜପୁର ଜିଲାର ୧୫ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍ଏଫ୍) ଜମିକୁ ଏଯାଏ ସଂରକ୍ଷିତ ଜଙ୍ଗଲ (ଆର୍ଏଫ୍) ମାନ୍ୟତା ମିଳିପାରିନାହିଁ। ବରଂ ଏଫ୍ସି ଆକ୍ଟ-୧୯୮୦କୁ ଉଲ୍ଲଂଘନ କରି ବିଛାଖଣ୍ଡି, ମଉଳାଭଞ୍ଜି, ବଳରାମପୁର ଆଦି ପିଆର୍ଏଫ୍ ଜମିରୁ ବ୍ୟାପକ ଭାବେ କଳାପଥର ଲୁଟ୍ ଚାଲିଛି। ଏହି କ୍ରମରେ ଯାଜପୁର ଜିଲାପାଳଙ୍କୁ ୧୬।୨।୨୦୧୯, ୧୩।୯।୨୦୧୯ ଓ ୨।୮।୨୦୨୪ରେ କଟକ ବନଖଣ୍ଡ ଅଧିକାରୀ(ଡିଏଫ୍ଓ)ଙ୍କ ଦ୍ୱାରା ହୋଇଥିବା ନିର୍ଦ୍ଦେଶ ମଧ୍ୟ ଏଠାରେ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଏହି ବେଆଇନ କାର୍ଯ୍ୟ ଉପରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡି କଟକ ଡିଏଫ୍ଓଙ୍କ ପତ୍ର ପାଇବା ପରେ ଜଙ୍ଗଲ ଜମିରେ ଥିବା ସମସ୍ତ

**ଜଙ୍ଗଲ ଜମିରେ କଳାପଥର ଉତ୍ତୋଳନ ମାମଲା**

■ ଜିଲାପାଳ, ଡିଡିଏମ୍ଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

୬ଟି କଳାପଥର ଖାଦାନ ବନ୍ଦ କରିବାକୁ ସେ ମାଇନିଂ ଅଫିସରଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଏହାସହ ଏକ ଯୁଗ୍ମ ତଦନ୍ତ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ କଳାପଥର ପରିବହନ ପାଇଁ ଇ-ଟ୍ରାଞ୍ଜିଟି ପାସ୍ ମଧ୍ୟ ବନ୍ଦ କରାଯାଇଛି। ଏପରିକି ସମସ୍ତ ବେଆଇନ କଳାପଥର ଖାଦାନ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ହାଇକୋର୍ଟରେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୯ରେ ପିଆର୍ଏଫ୍ ବିଷୟ ଲୋକଙ୍କ ସମ୍ମୁଖକୁ ଆସିଥିଲା। ଜଙ୍ଗଲ ବିଭାଗର ରିପୋର୍ଟ ଅନୁସାରେ ୧୯୭୦ରୁ ୧୯୮୦ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ କିମ୍ବା ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧)ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ଏଥିରେ ସତଲୁଣ୍ଡି, କଲକଲା, ମଧୁପୁର, ନିମିଟି, ଏସିଆ ଚାରିନଙ୍ଗଲ, ବଜ୍ରଗିରି, ମଉଳାଭଞ୍ଜି, କଣ୍ଟିଗଡ଼ିଆ, ନଳିଡ଼ା, କୋହ୍ଲା-ଏ, ବଳରାମପୁର, ପଞ୍ଚଭାୟା, ଅଧିକାରିମଳ, ବରିମୁଳ, ବିଛାଖଣ୍ଡି ଓ ବନ୍ଧପାଲି ଫରେଷ୍ଟ ବ୍ଲକ୍ ରହିଛି। ଏହି ମର୍ମରେ ଡିଏଫ୍ଓ ତାଙ୍କ ଅନୁରୋଧପତ୍ରରେ ଦର୍ଶାଇଥିଲେ ଯେ, ସାଧାରଣ ଲୋକଙ୍କ ଉଚ୍ଚତର ସ୍ୱାର୍ଥଦୃଷ୍ଟିରୁ ସଂରକ୍ଷିତ ଜଙ୍ଗଲ ଘୋଷଣାର ଆବଶ୍ୟକତା ରହିଛି। ତେଣୁ ଫରେଷ୍ଟ ସେଟେଲମେଣ୍ଟ ଅଫିସରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ପତ୍ରରେ ଅନୁରୋଧ କରାଯାଇଥିଲା। କିନ୍ତୁ କେତେଜଣ କଳାପଥର ବ୍ୟବସାୟୀ ଓ ରାଜନେତାଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି କେବଳ ପତ୍ର ଆଦାନ ପ୍ରଦାନରେ ପଦକ୍ଷେପ ସୀମିତ ରହି ଆସିଥିଲା ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ କୁହନ୍ତି, ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି। ନିୟମିତ ଭାବେ ବେଆଇନ କଳାପଥର ଖାଦାନ ଓ ପରିବହନ ଉପରେ ଚଢ଼ାଉକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି। ଏହାସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ବରଯାତ୍ରୀରେ ଗଣ୍ଡଗୋଳ, ଜଣେ ମୃତ

କାଳିଆପାଣି,୨୩।୫(ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କଲରଙ୍ଗିଅଟା ଗଣେଶ ବଜାର ଟାଟା ଗେଟ ସମ୍ମୁଖରେ ଦୋକାନ କରିଥିବା ଇଲେକ୍ଟ୍ରିକାଲ ମିସ୍ତ୍ରୀ ବିଭୂତି ସେଠଙ୍କ ଉନ୍ମତ୍ତ ଯୁବକଙ୍କ ଆକ୍ରମଣରେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ବିଭୂତି ଶୁକ୍ରବାର ତାଙ୍କ ଗ୍ରାମ କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମକୁ ଶଳା ବିବାହରେ ବରଯାତ୍ରୀ ଦଳରେ ଯାଇଥିଲେ। ସେଠାରେ ଝଗଡ଼ା ହେଉଥିବା ଦେଖି ସେ ବୁଝାଶୁଝା କରୁଥିଲେ। ଏହି ସମୟରେ ସେହି ଗ୍ରାମର ଯୁବକ ଦେବେନ୍ଦ୍ର ବେହେରା ବିଭୂତିଙ୍କୁ ଆକ୍ରମଣ କରିଥିଲେ। ବିଭୂତି ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ଘରେ ପହଞ୍ଚିବା ପରେ ପୁଣି ରାତି ୩ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ବିଭୂତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଶନିବାର ଟାଟା ଗଣେଶ ବଜାର ବଣିକ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା। ବଣିକ ସଂଘ ପକ୍ଷରୁ ଲମ୍ବୋଦର ଦଳ ବେହେରା, ଦୀପକ ପାତ୍ର, ଗୋବିନ୍ଦ ସାହୁ, କୁନାଲ ପରିଡ଼ା ପ୍ରମୁଖ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# କୃତୀ ଶିକ୍ଷକଙ୍କୁ ଡକ୍ଟରେଟ ଉପାଧି



ରସୁଲପୁର,୨୪।୫(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅଞ୍ଚଳର କୃତୀ ଶିକ୍ଷକ ବୈଦ୍ୟେନ୍ଦ୍ର ନାଥ ସାହୁଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନ ପରିସରରେ ୱାର୍ଲ୍ଡ ଚାରିଟି ୱେଲଫାୟାର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାହୁଙ୍କୁ ଏହି ଉପାଧି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଶିକ୍ଷକ ସାହୁ ନିଷ୍ଠାପର ଭାବେ ଶିକ୍ଷକତା କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ବହୁ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ, ସଂଗଠନ ସହ ଜଡ଼ିତ ହୋଇ ନିଜର ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି। ତାଙ୍କ ସଫଳତାକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇ ଏଭଳି ସମ୍ମାନରେ ସମ୍ମାନିତ କରାଯାଇଥିବା କୁହାଯାଇଛି। ସମ୍ମାନ ପ୍ରଦାନ ଉତ୍ସବରେ ଅତିଥି ଭାବେ ହିନ୍ଦୀ ଲେଖକ ମୀନକେତନ ଦାସ, କବି ପ୍ରଶାନ୍ତ ବାହିନୀପତି, ପ୍ରଫେସର ପ୍ରତିଭା ମହାରଥୀ, ପ୍ରଫେସର ଅଉସଫ ଅଜିମ୍ କିରମାନୀ, ଓଡ଼ିଆ ଭାଷା ସାହିତ୍ୟର ନିର୍ଦ୍ଦେଶକ ହରିହର କାନୁନ୍ଗୋ, ଶିକ୍ଷାବିତ୍ ଶଶଧର ପଣ୍ଡା, ଆଇନଜୀବୀ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର, ଉପାଧି ଆଦି ପ୍ରଦାନ କରି ସମ୍ମାନିତ କରିଥିଲେ। ଶିକ୍ଷକ ସାହୁଙ୍କୁ ସଫଳତା ମିଳିବା ପରେ ବ୍ଲକ ଅଞ୍ଚଳର ଶିକ୍ଷକଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

**ସଂକ୍ଷେପରେ**

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ



ଚଣ୍ଡିଖୋଲ/ଛତିଆ,୨୪।୫(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବୈରୀ ପଞ୍ଚାୟତର ଭାଲୁଖାଇଠାରୁ ଚୋରା ମାଙ୍କଡ଼ା ପଥର ବୋଝେଇ କରି ଆସୁଥିବା ଏକ ଟ୍ରକକୁ ଯାଜପୁର ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ଶୁକ୍ରବାର ରାତିରେ ଓଆର୍୦୯ଏଫ୍୯୧୨୧ ନମ୍ବର ବିଶିଷ୍ଟ ଟ୍ରକ ଚୋରା ମାଙ୍କଡ଼ା ପଥର ବୋଝେଇ କରି ଆସୁଥିବାଖବର ପାଇ ଖଣି ବିଭାଗର ଅଧିକାରୀମାନେ ଚଢ଼ାଉ କରିଥିଲେ। ଏହି ସମୟରେ ଟ୍ରକ ବୈରୀ ଗ୍ରାମ ଭିତରକୁ ପଶି ଯାଇଥିଲା। ଖଣି ବିଭାଗ ଅଧିକାରୀମାନେ ସେଠାରୁ ଟ୍ରକକୁ ଜବତ କରି ଥାନାକୁ ଆଣିଥିଲେ। ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ।

## ବାଲି ବୋଝେଇ ହାଇୱା ଜବତ



ପାଣିକୋଇଲି,୨୪।୫(ବିକାଶ ମଲ୍ଲିକ)

ପାଣିକୋଇଲି ଅଞ୍ଚଳରେ ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ଶନିବାର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇ ପାଣିକୋଇଲି ପୋଲିସ ଜିମା ଦିଆଯାଇଛି। ଖଣି ଅଧିକାରୀ ସିତେଶ କୁମାର ନାୟକ ଓ ଛାୟାକାନ୍ତ ମହନ୍ତ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ଜମି ରେଜିଷ୍ଟ୍ରେଶନ ଆଇନ ସଂଶୋଧନ ଦାବି

ଯାଜପୁରରୋଡ୍,୨୪।୫ (ପବିତ୍ର ରଞ୍ଜନ ମହାନ୍ତି)



ଯାଜପୁର ଜିଲା ଦଲିଲ ଲେଖକ ସଂଘ ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

ଯାଜପୁର ଜିଲା ଦଲିଲ ଲେଖକ ସଂଘ ପକ୍ଷରୁ ଜମି ରେଜିଷ୍ଟ୍ରେଶନ ଆଇନର ସଂଶୋଧନ ଓ ସରଳୀକରଣ ପାଇଁ ଦାବି ହୋଇଛି। ବ୍ୟାସନଗରସ୍ଥିତ ଡୋଲୀପୁର ସବରେଜିଷ୍ଟର କାର୍ଯ୍ୟାଳୟ ପରିସରରେ ଥିବା ଭେଣ୍ଡରଙ୍କ ସମ୍ମିଳନୀ ଗୃହରେ ଶନିବାର ସଂଘ ପକ୍ଷରୁ ଏକ ସମ୍ମିଳନୀ କରାଯାଇ ଏହି ଦାବି କରାଯାଇଛି। ଏଥିରେ ଏଥିରେ ରାଜ୍ୟ ସଂଘ ଓ ଜିଲା ଶାଖାର କର୍ମକର୍ତ୍ତା ସାମିଲ ହୋଇଥିଲେ। ରାଜସ୍ୱ ବିଭାଗର ସ୍ଥାଣୁତା ଓ କଠୋରତା ଯୋଗୁ ଜମିଜମା ସଂକ୍ରାନ୍ତୀୟ ବିକ୍ରି ଖରିଦରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇଥିଲା। ଝିଅ ବାହାଘର, ମେଡିକାଲ, ପିଲାଙ୍କ ପାଠପଢ଼ା ବା ଅନ୍ୟାନ୍ୟ ଜରୁରୀ ଆବଶ୍ୟକ ପୂରଣ ପାଇଁ ଜମିବିକ୍ରି କରିବାକୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପାୱାର ପ୍ଲଟ, ଆପାର୍ଟମେଣ୍ଟ, ପାର୍ଟିସନ, ବାଇପ୍ଲଟ ଆଦି ରେଜିଷ୍ଟ୍ରେସନରେ ବହୁ ଅସୁବିଧା ପରିଲକ୍ଷିତ ହେଉଛି। ଏଥିପାଇଁ ଆଇନରେ ସଂଶୋଧନ ଓ ସରଳୀକରଣ କରାଯିବାର ଆବଶ୍ୟକତା ଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଯଦି ଅବିଳମ୍ବେ ଏହାର ସମାଧାନ କରା ନ ଯାଏ ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ରାଜ୍ୟ ସଭାପତି ବଂଶୀଧର ବେହେରା ଓ ଯାଜପୁର ଜିଲା ସଭାପତି ଶରତ ଚନ୍ଦ୍ର ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଜିଲା ଉପସଭାପତି କୈଳାସ ଚନ୍ଦ୍ର ବାରିକ, ସମ୍ପାଦକ ଶିଶିର ସାହୁ, ନାରାୟଣ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ଜେନା, ବିଜୟ କୁମାର ଦାଶ, ଅନିରୁଦ୍ଧ ସାହାଣୀ, ଦିବାକର ପଣ୍ଡା, ପ୍ରଣାକୃଷ୍ଣ ସାହୁ, ଯଶୋବନ୍ତ ପରିଜା, ସନ୍ତୋଷ କୁମାର ସ୍ୱାଇଁ ଓ ମନୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

# ଆଦିତ୍ୟବାହିନୀ, ଆନନ୍ଦ ବାହିନୀର ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗଦେଇଥିବା କର୍ମକର୍ତ୍ତା।

ପାଣିକୋଇଲି,୨୪।୫(ବିକାଶ ମଲ୍ଲିକ)

ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ଉତ୍ତର ବିଭାଗ ଓଡ଼ିଶା ପ୍ରାନ୍ତର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଓ ନିର୍ମାଣ ଶିବିର ୩ ଦିନ ଧରି ପାଣିକୋଇଲି କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଆଦିତ୍ୟ ବାହିନୀର ଓଡ଼ିଶା ପ୍ରାନ୍ତ ସଭାପତି ପଣ୍ଡିତ ମାତୃପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସମ୍ପାଦକ ସତ୍ୟଜିତ ବେଜ, ପ୍ରାନୀୟ ଉପସଭାପତି ବ୍ରହ୍ମଚାରୀ ସୁୟେସ ପ୍ରଶାନ୍ତ ଜୀ, ରଘୁନାଥ ମହନ୍ତ, ବିଭାଗ ସଂଗଠକ ସଚିବ ପଣ୍ଡିତ ମହେଶ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଉତ୍ତର ବିଭାଗର ମୟୂରଭଞ୍ଜ କ୍ଷେତ୍ରୀୟ ସମ୍ପାଦକ ସୀତାନାଥ ମହାନ୍ତି, ବାଲେଶ୍ୱର କ୍ଷେତ୍ରୀୟ ସମ୍ପାଦକ ଗିରିଜା କର, ଭଦ୍ରକର କ୍ଷେତ୍ରୀୟ ସମ୍ପାଦକ ନିମାଇଁ ନାୟକ ଓ କେନ୍ଦୁଝରର କ୍ଷେତ୍ରୀୟ ସମ୍ପାଦକ ପ୍ରହ୍ଲାଦ ମହାନ୍ତ ଉପସ୍ଥିତ ଥିଲେ। ଯାଜପୁର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଲୋକନାଥ ପଣ୍ଡା ଏବଂ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଉପସ୍ଥିତ ସହଯୋଗ କରିଥିଲେ। ପ୍ରାନ୍ତୀୟ ସମ୍ପର୍କ ସଚିବ ପ୍ରତାପ ଭାରତୀ ଧନ୍ୟବାଦ ଦେଇଥିଲେ।

# ସାବିତ୍ରୀ ପାଇଁ ଫଳଦର ଆକାଶଛୁଆଁ

ଝାରପୋଖରୀଆ,୨୪।୫(ସୁଧିର କୁମାର ମହାନ୍ତ)

**ପ୍ରଶାସନିକ ଅଙ୍କୁଶ ନ ଥିବାରୁ ମନଇଚ୍ଛା ଦର ବଢ଼ୁଛି**

ଆସନ୍ତା ସୋମବାର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ବଜାରରେ କିଣା, ବିକା ଜୋରସୋରରେ ଚାଲିଛି। ଏହି କ୍ରମରେ ମୟୂରଭଞ୍ଜ ଜିଲା ଝାରପୋଖରୀଆ ଅଞ୍ଚଳର ବିଭିନ୍ନ ବସ୍ତ୍ରାଳୟ, ମନୋହରୀ, ଶଙ୍ଖାଚୁଡ଼ି ଦୋକାନ ସହିତ ଫଳ ଦୋକାନଗୁଡ଼ିକରେ ଆଶାନୁରୁପ ଭିଡ ଜମୁଛି। ବିଶେଷ କରି ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ପୂଜାଅର୍ଚ୍ଚନା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଫଳମୂଳର ବଜାରରେ ଏକ ପ୍ରକାର ନିଆଁ ଲାଗିଛି। ଆକାଶ ଛୁଆଁ ଦର ଯୋଗୁ ଫଳରେ ହାତ ମାରି ହେଉନି।

ଝାରପୋଖରୀଆ (ବମ୍ଫେଛକ) ବଜାରରେ ବାଇଗଣ ପଲେଇ ଆମ୍ବ କିଲୋ ପ୍ରତି ୧୦୦ ରୁ ୧୨୦ ଟଙ୍କା, କମଳା ୨୦୦ ଟଙ୍କା, ସେଓ ୨୫୦ ରୁ ୩୦୦ ଟଙ୍କା, ଡାଳିମ୍ବ ୩୨୦ ଟଙ୍କା, କଦଳୀ ଡର୍ଜନ ୬୦ରୁ ୮୦ ଟଙ୍କା, ଅଙ୍ଗୁର ୨୫୦ ଟଙ୍କା, ସପେଟା ଓ ପିଜୁଳି ୧୫୦ ଟଙ୍କା, ଜର୍ମାନୀ ଡ୍ରାଗନ ଫଳ ୩୦୦ ଟଙ୍କା, ଖଜୁରୀ ୨୦୦ ଟଙ୍କା, ଲିଚୁ କୋଳି ୪୦୦ ଟଙ୍କା, ସପୁରୀ ଗୋଟା ୬୦ ଟଙ୍କା, ନଡ଼ିଆ ଗୋଟା ୩୦ ରୁ ୪୦ ଟଙ୍କା, ତରବୁଜ କିଲୋ ୨୦ ରୁ ୩୦ ଟଙ୍କା ଆଦି ମୂଲ୍ୟରେ ଗ୍ରାହକମାନେ କିଣିବା ପାଇଁ ବାଧ ହେଉଛନ୍ତି। ଏଥିପାଇଁ ପ୍ରଶାସନିକ ତଥା ସମନ୍ୱିତ ବଜାର ନିୟନ୍ତ୍ରିତ କମିଟି ସ୍ତରର କୌଣସି ଅଙ୍କୁଶ ନ ଥିବାରୁ ଫଳ ଦୋକାନୀମାନେ ମନଇଚ୍ଛା ଦରରେ ଗ୍ରାହକଙ୍କୁ ବିକୁଛନ୍ତି। ଜଣେ ଫଳ ବ୍ୟବସାୟୀଙ୍କୁ ବର୍ଦ୍ଧିତ ଦର ସମ୍ବନ୍ଧରେ ପଚାରିବାରୁ ସେ ନିଜର ନାମ ଗୋପନ ରଖି କୁହନ୍ତି, ଆମେ ଉଚ୍ଚା ଦରରେ କିଣୁଥିବା ବେଳେ ଅଧିକାଂଶ ଫଳ ପଚି ନଷ୍ଟ ହେଉଛି। ଏଣୁ ଏହାର ଭରଣ ପାଇଁ ଆମେ ବାଧ ହେଉଛୁ ବର୍ଦ୍ଧିତ ଦରରେ ବିକ୍ରି କରିବା ପାଇଁ ବୋଲି କହିଥିଲେ।

## ବଜ୍ରପାତରେ ୨ ଗୋରୁ ମୃତ

ଦଶରଥପୁର,୨୪।୫(ସୁଶାନ୍ତ କୁମାର ବେହୁରିଆ)

ବଜ୍ରପାତରେ ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ବଡ଼କୁଆଁଳ ଗ୍ରାମର ଝଜୟ ମଲ୍ଲିକଙ୍କ ଏକ ଗର୍ଭିଣୀ ଗାଇ ଓ ଦାମୁରିର ମୃତ୍ୟୁ ହୋଇଛି। ଶନିବାର ପୂର୍ବାହ୍ନରେ ପ୍ରବଳ ବର୍ଷା ହେବା ସହ ହଠାତ ବଜୁଳି ଘଡ଼ଘଡ଼ି ମାରିଥିଲା। ଫଳରେ ବାଙ୍ଗରା ପଞ୍ଚାୟତ ଅଧୀନ ଗୁଣ୍ଡୁରୀପଡ଼ା ନିକଟ ବିଲରେ ଚରୁଥିବା ଉକ୍ତ ଗୋରୁ ଦୁଇଙ୍କର ମୃତ୍ୟୁ ହୋଇଥିଲା। କୁଆଁଳ ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ପହଞ୍ଚି ଗାଈର ଅସ୍ତ୍ରୋପଚାର କରି ତା' ପେଟରୁ ମୃତ ବାଛୁରୀକୁ ବାହାର କରିଥିଲେ। ଅଜୟ ଜଣେ ଦିନ ମଜୁରିଆ ହେଉଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ପ୍ରଶାସନ ନିକଟରେ ଦାବି ହୋଇଛି।

# ଗୋକର୍ଣ୍ଣିକା ସଭାପତିଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି



ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଅଞ୍ଚଳର ବରିଷ୍ଠ ଖବରଦାତା ତଥା ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କୁ ଆମେରିକାନ ମେରିଟ କଉନସିଲ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଗତ ମଙ୍ଗଳବାର ଭୁବନେଶ୍ୱର ଜୟଦେବଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ମିଳିଛି। ଜେନା ୫୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଖବରଦାତା ସହ ସାହିତ୍ୟ କ୍ଷେତ୍ରରେ ନିଜର ପାରଦର୍ଶୀତା ଅର୍ଜନ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଛନ୍ତି। ଏଥିପାଇଁ ତାଙ୍କୁ ଡକ୍ଟରେଟ୍ ଉପାଧି ମିଳିଥିବା କୁହାଯାଇଛି। ଏହି ଅବସରରେ ଜେନାଙ୍କୁ ଧର୍ମଶାଳା ପ୍ରେସ କ୍ଲବ, ଗୋକର୍ଣ୍ଣିକା ସାହିତ୍ୟ ସମାଜ, ଯାଜପୁର ଜିଲା ଲେଖକ ସମ୍ମେଳନ, ସୂର୍ଯ୍ୟାସ୍ତ, ଆଜିର ଆହ୍ୱାନ, ସମ୍ଭବ, କୋରେଇ ମଣ୍ଡଳ ସାହିତ୍ୟ ସଂସଦ, ଜାରକା ରୋଟାରି କ୍ଲବ ସମେତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ସ୍ୱାଗତ କରାଯିବା ସହ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଖାତା ନବୀକରଣରେ ସୀମିତ କୃଷି ଋଣ

ଯାଜପୁର,୨୪।୫ (ହର୍ଷବର୍ଦ୍ଧନ ବେହେରା)

**ଯାଜପୁର ଜିଲା**

■ ୨୦୨୫ରେ ୧ ଲକ୍ଷ ଚାଷୀଙ୍କ ପାଇଁ ୭୦୦ କୋଟିର ଋଣ ଧାର୍ଯ୍ୟ

ନୂଆ ଋଣ ପ୍ରଦାନ କରିବା ନାମରେ ଚାଷୀଙ୍କ ଋଣ ଖାତା କେବଳ ନବୀକରଣ ହେଉଛି। ପୂର୍ବ ବର୍ଷର ଋଣ ଟଙ୍କା କାଗଜକଲମରେ ଆଦାୟ କରାଯାଇ ସେହି ପରିମାଣର କିମ୍ବା କିଛି ଅଧିକ ଟଙ୍କା ପୁଣି ନୂତନ ଋଣ ନାମରେ ପ୍ରଦାନ କରାଯାଉଛି। ଚାଷୀ ସୁଧ ବୃଦ୍ଧି ଭୟରେ ସମବାୟ ବ୍ୟାଙ୍କର ଏଭଳି ନୀତିରେ ସହମତି ପ୍ରକାଶ କରିବାକୁ ବାଧ ହେଉଛନ୍ତି। ବାସ୍ତବରେ ଚାଷୀଙ୍କ ହାତକୁ କୃଷି ଋଣ ବାବଦକୁ ଟଙ୍କାଟିଏ ଯାଇପାରୁନାହିଁ।

ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ର ଚାଷୀ ସଦସ୍ୟମାନଙ୍କୁ ଫସଲ ଋଣ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତିବର୍ଷ ୪% ସୁଧହାରରେ ଋଣ ପ୍ରଦାନ କରାଯାଉଛି। ସେହିପରି ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା ଚାଷୀମାନଙ୍କୁ ପ୍ରତିବର୍ଷ ୫% ସୁଧ ଦେବାକୁ ପଡୁଛି। ଏହାବ୍ୟତୀତ ନିର୍ଦ୍ଧାରିତ ସମୟରେ ୧ ଲକ୍ଷ ଟଙ୍କାର ଋଣ ଫେରାଉଥିବା ଚାଷୀମାନଙ୍କ ପାଇଁ ୩% ସୁଧ ଏବଂ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ପାଇଁ ସୁଧ ହାର ୨% ରଖାଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ଋଣ ଟଙ୍କା ନ ଫେରାଇଲେ ସୁଧ ହାର ୧୩%କୁ ବୃଦ୍ଧି ଘଟୁଛି। ଏହିକ୍ରମରେ ଚଳିତ ଖରିଫ ଚାଷରେ ଯାଜପୁର ଜିଲାର ପ୍ରାୟ ୧,୦୧,୬୧୦ ଜଣ ଚାଷୀଙ୍କ ପାଇଁ ୭୦,୦୦୦ ଲକ୍ଷ (୭୦୦ କୋଟି) ଟଙ୍କା ଋଣ ପ୍ରଦାନ କରିବାକୁ ଧାର୍ଯ୍ୟ ହୋଇଛି। ତେବେ ରାଜ୍ୟର ଗରିବ କୃଷକଙ୍କ କୃଷି ଋଣ ଆକାଉଣ୍ଟକୁ ଜାଲିଆତି କରି ସେମାନଙ୍କୁ ହଇରାଣ କରାଯାଉଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ତେଣୁ କୌଣସି ପରିସ୍ଥିତିରେ ପ୍ୟାକ୍ସ ଓ ଲାର୍ଜ ଏରିଆ ମଲ୍ଟିପରପୋଜ୍ ସୋସାଇଟି (ଲାମ୍ପ୍ସ)ର ସମ୍ପାଦକ କିମ୍ବା ପରିଚାଳନା ନିର୍ଦ୍ଦେଶକ ଋଣ ପାସ୍‌ବୁକ୍ କିମ୍ବା କେସିସି ଚେକ୍‌ବୁକ୍ ନିଜ ପାଖରେ ରଖିବେ ନାହିଁ କିମ୍ବା ଏହାର ବ୍ୟବହାର କରିପାରିବେ ନାହିଁ ବୋଲି ୨୦୨୨ ଜୁନରେ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାରେ ନିୟମିତ ବ୍ୟବଧାନରେ ଋଣ ପାସ୍‌ବୁକ୍‌ର ତଦନ୍ତ, ବ୍ୟକ୍ତିଗତ ଭାବେ ଋଣ ଗ୍ରହିତାଙ୍କୁ ଯୋଗାଯୋଗ, ଋଣ ପରିମାଣ ମଞ୍ଜୁର ସଂକ୍ରାନ୍ତରେ ମୋବାଇଲକୁ ଏସ୍ଏମ୍ଏସ୍ ଜରିଆରେ ସୂଚନା ଆଦି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏହିସବୁ ନିର୍ଦ୍ଦେଶ କେବଳ କାଗଜକଲମରେ ସୀମିତ ରହୁଛି। ବିଭିନ୍ନ କୃଷି ଋଣରେ ସବ୍‌ସିଡି ଥିବାରୁ ପ୍ରଥମେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସିଧାସଳଖ ଚାଷୀଙ୍କୁ ମଗାଯାଉଛି। ନ ହେଲେ ଋଣ ମଞ୍ଜୁର କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଉଛି।

ବିନା ମଞ୍ଜୁରୀରେ ଋଣୀ ଚାଷୀଙ୍କୁ ଋଣ ପ୍ରଦାନ, ଋଣୀ ଚାଷୀଙ୍କ କେସିସି ପାସ୍‌ବୁକ୍ ନ ଫେରାଯିବା, ସମ୍ପାଦକ ନିଜେ ଦସ୍ତଖତ କରି ଋଣ ଉଠାଇବା, ଋଣୀ ଚାଷୀମାନଙ୍କ ତାଲିକା ପ୍ରକାଶ ନ କରାଯିବା, ଗରିବ ଚାଷୀଙ୍କୁ ଋଣ କରାଇଦେବାର ପ୍ରତିଶ୍ରୁତି ଦେଇ ଋଣ ପରିମାଣର ୧୦% ଅର୍ଥ କାଟିବା ଓ ଚାର୍ଜ କ୍ରିଏଶନ ବାବଦକୁ ୧୦୦୦ରୁ ୧୨୦୦ ଟଙ୍କା ଚାଷୀଙ୍କଠାରୁ ଆଦାୟ, ଯେଉଁ ଚାଷୀଙ୍କ ଜମି କାଗଜପତ୍ର ନାହିଁ ସେମାନଙ୍କଠାରୁ ଟଙ୍କା ନେଇ ଋଣ ପ୍ରଦାନ କରିବା, ମୃତ ଚାଷୀଙ୍କ ନାମରେ ଋଣ ପ୍ରଦାନ ଆଦି ଅଭିଯୋଗ କେବଳ ଯାଜପୁର ଜିଲା ନୁହେଁ, ସାରା ରାଜ୍ୟରେ ହୋଇଆସୁଛି। ଯାଜପୁରର ଚାଷୀ ରବୀନ୍ଦ୍ର ବେହେରା କୁହନ୍ତି, ତାଙ୍କ ନାମରେ କୃଷି ଋଣ ପୂର୍ବରୁ ରହିଛି। ନୂଆ କୃଷି ଋଣ ମାଗିଲେ ଖାତାରେ ଋଣ ଅର୍ଥ ଲେଖି ଦେଇ ଖାଲିହାତରେ ଫେରାଇ ଦିଆଯାଉଛି। ଏଭଳି ସ୍ଥିତିରେ ସେ କେବେ ବି ନୂଆ କୃଷି ଋଣ ପାଉନାହାନ୍ତି। ଏହାର ଏକ ସ୍ଥାୟୀ ସମାଧାନ ଆବଶ୍ୟକ ବୋଲି ସେ କହିଛନ୍ତି। ଯାଜପୁର ଡେପୁଟି ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି(ଡିଆରସିଏସ୍) ଅମୂଲ୍ୟ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀମାନେ ଠିକ୍ ସମୟରେ ଋଣ ଅର୍ଥ ଫେରାଉନାହାନ୍ତି। ଫଳରେ ଟାର୍ଗେଟ ସଫଳ କରିବାକୁ ପାକ୍ସ କର୍ମଚାରୀମାନେ ଏହି ନୀତି ଅବଲମ୍ବନ କରୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ବେଆଇନ। ଏଭଳି ଅଭିଯୋଗର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେଠୀ କହିଛନ୍ତି।

**ସଂକ୍ଷେପରେ**

## ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

ନୟାଗଡ଼,୨୪।୫(ଲୋକାନାଥ ମିଶ୍ର )

ନୟାଗଡ଼ ଶରଣକୁଳ ରାସ୍ତାର ନୟାଗଡ଼ କଲେଜ ଗଡାଣି ନିକଟରେ ଉଲଗ୍ନ ଏବଂ ମୁମୁର୍ଷୁ ଅବସ୍ଥାରେ ପଡିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଜିଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣାଙ୍କ ଗାଡ଼ି ଡ୍ରାଇଭର ସୁଶାନ୍ତ କୁମାର ପଟ୍ଟନାୟକ, ରେଡକ୍ରସର ସଦସ୍ୟ ବିଭୂତି ପଟ୍ଟନାୟକ ଓ ସହଯୋଗୀ ପବିତ୍ର ସାହୁ ଶୁକ୍ରବାର ରାତିରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଞ୍ଜଳୀ ମଛଖଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସଚିବ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ଅଧିକାର ମିତ୍ର ଏବଂ କର୍ମଚାରୀଦୟଙ୍କୁ ଦାୟିତ୍ୱ ଦେଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଭାଗରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ତାଙ୍କ ପରିଚୟ ସ୍ପଷ୍ଟ ହେବ ବୋଲି ଉଦ୍ଧାରକାରୀମାନେ କହିଛନ୍ତି।

## ଶ୍ରମିକ,କୃଷକ ନେତା ଅଧିକାରୀ ବେହେରାଙ୍କ ପରଲୋକ

ନୟାଗଡ଼,୨୪।୫(ଲୋକନାଥ ମିଶ୍ର)

ନୟାଗଡ଼ରେ ଶ୍ରମିକ ଓ କୃଷକ ଆନ୍ଦୋଳନର ଆଗଧାଡିର ନେତା ଅଧିକାରୀ ବେହେରା(୭୪)ଙ୍କ ଶନିବାର ପରଲୋକ ହୋଇ ଯାଇଛି। ଅଧିକାରୀଙ୍କ ଘର ନୟାଗଡ଼ ବ୍ଲକ ଲାଠିପଡ଼ାରେ ହୋଇଥିବାବେଳେ ସେ ସମ୍ବଲପୁରରେ ପୁତୁରାଙ୍କ ପାଖରେ ରହିଥିଲେ। ସେଠାରେ ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ



ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଲାଠିପଡାରେ ଯୁବକ ସଂଘ ଗଢି ଯୁବକମାନଙ୍କୁ ସମାଜ ସେବାରେ ବ୍ରତୀ କରାଇଥିଲେ। ତାଙ୍କର ଦେହାନ୍ତରେ ଶ୍ରମିକ ଶ୍ରେଣୀ ତାଙ୍କର ଜଣେ ପ୍ରିୟତମ ସାଥୀଙ୍କୁ ହରାଇଲା ବୋଲି ବରିଷ୍ଠ କମ୍ୟୁନିଷ୍ଟ ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି। ମୃତ୍ୟୁ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ତାଙ୍କ ଶରୀର ଦାନ ପାଇଁ ସେ ଇଚ୍ଛାପତ୍ରରେ ସ୍ୱାକ୍ଷରିତ କରିଥିଲେ। ବିଡମ୍ବନାର ବିଷୟ, ତାଙ୍କ ଶେଷଇଚ୍ଛା ପୂରଣ ପାଇଁ ପରିସ୍ଥିତି ଅନୁକୂଳ ହୋଇପାରିନାହିଁ।

## ଆମ୍ବ ଡାଳ ପଡି ପାଚେରି ଭାଙ୍ଗିଲା



ଖଣ୍ଡପଡ଼ା,୨୪।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଉଦ୍ୟାନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବାହ୍ୟ ପ୍ରାଚୀର ଉପରେ ଆମ୍ବଡାଳ ଭାଙ୍ଗି ପଡିବାରୁ ପ୍ରାଚୀରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। କାଳବୈଶାଖୀ ବର୍ଷା ଓ ପବନ ଯୋଗୁ ଏକ ବିରାଟକାୟ ଶୁଖିଲା ଆମ୍ବଗଛର ଡ଼ାଳ ଭାଙ୍ଗି ପଡିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପ୍ରତି ଉଦ୍ୟାନ ବିଭାଗ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ହୋଇଥିବା ବାହ୍ୟ ପ୍ରାଚୀରର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ଜରାଜୀର୍ଣ୍ଣ କଲ୍ୟାଣପୁର ସେବା ସମବାୟ ସମିତି କାର୍ଯ୍ୟାଳୟ

ଶରଣକୁଳ,୨୪।୫(ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ନିକଟ କଲ୍ୟାଣପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ଦୀର୍ଘଦିନରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୧୯୫୪ ମସିହାରେ କଲ୍ୟାଣପୁରଠାରେ ଚାଷୀମାନଙ୍କ ଉଦ୍ଦେଶ୍ୟରେ ସେବା ସମବାୟ ସମିତି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ଚାଷୀମାନେ ସରକାରଙ୍କ ବିଭିନ୍ନ ସୁବିଧା ଏହି କାର୍ଯ୍ୟାଳୟ ମାଧ୍ୟମରେ ପାଇ ଆସୁଛନ୍ତି। କିନ୍ତୁ ସେବା ସମବାୟ ସମିତି କାର୍ଯ୍ୟାଳୟ ଏମିତି ହୋଇଛି ନ ଦେଖିଲେ ସହଜରେ ବିଶ୍ୱାସ କରି ହେବନାହିଁ। ସେହି ଭଙ୍ଗା ଦଦରା ଘରେ ବହୁ ବର୍ଷ ଧରି ସରକାରୀ କର୍ମଚାରୀମାନେ ବସି କାମ କରୁଛନ୍ତି। ସେଠାରେ ଆବଶ୍ୟକ ଘର ନ ଥିବା ବେଳେ ଚାଷୀମାନଙ୍କ ପାଇଁ ମଧ୍ୟ ଅନ୍ୟ କୌଣସି ସୁବିଧା ନାହିଁ। ସବୁ ଯେମିତି



ଅବହେଳିତ ଅବସ୍ଥାରେ ଥିବା କଲ୍ୟାଣପୁର ସେବା ସମିତି କାର୍ଯ୍ୟାଳୟ।

ନାହିଁ ନାହିଁରେ ଚାଲିଛି। ସେହି ସେବା ସମିତି ନିର୍ମାଣ ହେବାର ୭୦ବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଘର ମରାମତି ପାଇଁ ଅନୁଦାନ ଦିଆଯାଇନାହିଁ। ଏହି ସେବା ସମବାୟ ସମିତି ଉପରେ ଆଖପାଖ ଗ୍ରାମର ୨ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରୁଥିବା ବେଳେ ପ୍ରତିଦିନ ଚାଷୀ କାର୍ଯ୍ୟାଳୟକୁ ଆସି ଋଣ ନେଣ ଦେଣ କରିବା, ରିହାତି ଦରରେ ସାର ନେବା ଓ ବିଭିନ୍ନ ଯୋଜନାରେ ସାମିଲ କରାଯାଉଛି। ଏଠି ଚାଷୀ ବସିବାକୁ ଜାଗା ନ ଥିବା ବେଳେ ବର୍ଷାଦିନେ ଅଫିସ ଘରେ ବର୍ଷାପାଣି ଗଳୁଥିବା କେତେଜଣ ଚାଷୀ ଅଭିଯୋଗ ରିଛନ୍ତି। ସେମାନେ କହିଛନ୍ତି ୭୦ବର୍ଷ ତଳର ପୁରୁଣା ଘରର ପୁନଃରୁଦ୍ଧାର କେବେ ହେବ ତାହା କାହାକୁ ଜଣାନାହିଁ। କେବଳ କଲ୍ୟାଣପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ନୁହଁ ଅଧିକାଂଶ ସେବା ସମବାୟ ସମିତି କାର୍ଯ୍ୟାଳୟ ବିଭିନ୍ନ ସମସ୍ୟା ମଧରେ ଚାଲିଛି। ଏହି ସମସ୍ୟା ନେଇ ଚାଷୀ ଓ ସେବା ସମବାୟ ସମିତି ସମ୍ପାଦକ, ସଭାପତି ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ପୁରୁଣା ସେବା ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦାବି ହୋଇଛି।

# ଗୋପାଳ ସମାଜର ବାର୍ଷିକ ଅଧିବେଶନ



ଗୋପାଳ ସମାଜ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଖଣ୍ଡପଡ଼ା,୨୪।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାଜ୍ୟ ଗୋପାଳ ସମାଜର ୪୦ ତମ ବାର୍ଷିକ ଅଧିବେଶନ କେନ୍ଦୁପଲ୍ଲୀ ଗ୍ରାମସ୍ଥିତ ଗୋପାଳ ସମାଜର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ସମାଜର ସଭାପତି ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ଉପ ସଭାପତି ଗୋକୁଳ ଚନ୍ଦ୍ର ବେହେରା, ସହ ସମ୍ପାଦକ ଦଣ୍ଡପାଣି ବେହେରାଙ୍କ ସମେତ ଅନମାନେ ଉପସ୍ଥିତ ଥିଲେ। ଗୋପାଳ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ଓ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୨୦୨୪ରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ଅଭିଷେକଙ୍କ ଅନୁପସ୍ଥିତିରେ ତାଙ୍କ ବାପାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମାଜର ଛାତ୍ରୀଛାତ୍ରଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ଲଉଡି ଖେଳ ଗ୍ରାମ ପରିକ୍ରମା କରିଥିଲା।

## ଆଇନ ସେବା ପ୍ରାଧିକରଣ ସଚିବଙ୍କ ଆଶ୍ରୟସ୍ଥଳୀ ପରିଦର୍ଶନ

ନୟାଗଡ଼,୨୪।୫(ଲୋକାନାଥ ମିଶ୍ର )

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡ ନୟାଗଡ଼ ତ୍ରିନାଥଛକଠାରେ ଅବସ୍ଥାପିତ ଆଶ୍ରୟ ସ୍ଥଳୀକୁ ଶନିବାର ଅଚାନକ ପରିଦର୍ଶନରେ ଯାଇ ଅନ୍ତେବାସୀ ଏବଂ ମ୍ୟାନେଜର ବର୍ଷାରାଣୀ ନେପକଙ୍କୁ ଭେଟି ଆଶ୍ରୟସ୍ଥଳୀର ଭଲମନ୍ଦ ବିଷୟରେ ପଚାରି ବୁଝିଥିଲେ। ସଚିବ ଆଶ୍ରୟସ୍ଥଳୀର ମ୍ୟାନେଜରଙ୍କୁ ପରିବେଶ ସଚ୍ଛତା ରଖୁବାକୁ ତାଗିଦ କରିଥିଲେ। ସେହିଭଳି ଲେଖନପୁର ସ୍ଥିତ ସମର୍ପଣ ବୃଦ୍ଧାଶ୍ରମକୁ ଅଚାନକ ଗସ୍ତକରି ଅନ୍ତେବାସୀଙ୍କୁ ଭେଟି ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବୃଦ୍ଧାଶ୍ରମର କର୍ମଚାରୀମାନଙ୍କୁ ପରିବେଶକୁ ସଚ୍ଛତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା ସାମିଲ ଥିଲେ।

## ଭଞ୍ଜପୀଠରେ ଭଞ୍ଜ ଜୟନ୍ତୀ ପାଇଁ ପ୍ରସ୍ତୁତି

ନୟାଗଡ଼,୨୪।୫ (ଲୋକାନାଥ ମିଶ୍ର)

ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଭଞ୍ଜଜୟନ୍ତୀ ଉତ୍ସବ ପାଳିତ ହୋଇ ଆସୁଛି। କବି ସମ୍ରାଟଙ୍କ ସାଧନା ପୀଠ ନୟାଗଡ଼ର ମାଳିସାହିଠାରେ ଆସନ୍ତା ୩୦ତାରିଖ ସନ୍ଧ୍ୟାରେ ଚଳିତ ବର୍ଷର ସାମ୍ବତ୍ସରିକ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦର କାର୍ଯ୍ୟନିର୍ବାହୀ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉତ୍ସବରେ ପାରମ୍ପରିକ ଭାବେ ସମ୍ବର୍ଦ୍ଧନା କ୍ରମେ ଓଡ଼ିଆ ଭାଷା ସାହିତ୍ୟର କୃତୀବିଦ୍ୟା ସାଧକ ତଥା ଜନ୍ମମାଟି ମାଳିସାହିର ଗୌରବ ଡ.ପ୍ରେମାନନ୍ଦ ମହାପାତ୍ର, ପ୍ରଖ୍ୟାତ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଓ ବିଶିଷ୍ଟ ସାମାଜିକ କର୍ମୀ ତଥା ସାରସ୍ୱତ ସଂଗଠକ ପ୍ରମୋଦ ପଟ୍ଟନାୟକଙ୍କୁ ସତନ୍ତ୍ର ସମ୍ମାନରେ ସମ୍ମାନିତ କରିବାକୁ ସ୍ଥିର କରାଯାଇଛି। ଏହି ଉତ୍ସବରେ ଯୋଗଦେବା ପାଇଁ କମିଟିର ସମ୍ପାଦକ ବିଶ୍ୱନାଥ ମହାପାତ୍ର ସାହିତ୍ୟ ପ୍ରେମୀମାନଙ୍କୁ ଅନୁରୋଧ କରିଛନ୍ତି।

# ୨ମୃତ ଶାଳିଆପତନିଙ୍କୁ ନେଉଥିବା ୩ ଶିକାରୀ ଗିରଫ



ଗିରଫ ହୋଇଥିବା ୩ ଶିକାରୀ ଓ ଜବତ ସାମଗ୍ରୀ।

ଓଡ଼ଗାଁ,୨୪।୫ (ଆଦର୍ଶ କୁମାର ପଟ୍ଟନାୟକ)

**ଦେଶୀ ବନ୍ଧୁକ, ଟାଙ୍ଗିଆ,୫ ଗୁଳି ଜବତ**

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ କର୍ମଚାରୀ ଶୁକ୍ରବାର ବିଳମ୍ବିତ ରାତିରେ ବାଣ୍ଟପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ୩ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୨ ମୃତ ଶାଳିଆପତନୀ, ଗୋଟିଏ ଦେଶୀ ବନ୍ଧୁକ, ଟାଙ୍ଗିଆ ସହିତ ୫ ଗୁଳି ଜବତ କରାଯାଇଛି। ଗିରଫ ଶିକାରୀମାନେ ହେଲେ ଓଡ଼ଗାଁ ଥାନା ନୋତରପଲ୍ଲୀ ଗାଆଁର ଦୟାନିଧି ପ୍ରଧାନ (୪୧), ଗୌର ପ୍ରଧାନ (୩୭) ଓ ଶୁକୁରୁ ପ୍ରଧାନ (୭୧)। ବନବିଭାଗ ସେମାନଙ୍କ ବିରୋଧରେ ଏକ ମାମଲା(ନଂ.୫/୨୦୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଓଡ଼ଗାଁ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇଙ୍କ ନେତୃତ୍ୱରେ, ବାଣ୍ଟପୁର ବନରକ୍ଷୀ ଉଦ୍ଧବ ପ୍ରଧାନ ଓ ବନ ସୁରକ୍ଷା ଦଳ ବାଣ୍ଟପୁର ଜଙ୍ଗଲରେ ପାଟ୍ରୋଲି କରୁଥିବା ବେଳେ ଏହି ୩ ଶିକାର ଧରାପଡିଥିଲେ ।

# ରଙ୍ଗଣୀପାଟଣା ଛକରେ ବର୍ଷାପାଣି ଜମିଲା

ଓଡ଼ଗାଁ,୨୪।୫ (ଆଦର୍ଶ କୁମାର ପଟ୍ଟନାୟକ)

ପ୍ରାକ ମୌସୁମୀ ବର୍ଷାରେ ଓଡ଼ଗାଁ ଉପକଣ୍ଠ ରଙ୍ଗଣୀପାଟଣା ଛକରେ ବର୍ଷା ଜଳ ଜମିବା ଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ବିନା ଅନୁମତିରେ ରାସ୍ତା ପାର୍ଶ୍ୱରେ ଗୃହ ଓ ପାଚେରୀ ନିର୍ମାଣ ହୋଇଛି। ଏଥିସହିତ ରାସ୍ତା ପାର୍ଶ୍ୱରେ ମୋରମ ବିଛାଯାଇଥିବାରୁ ବର୍ଷା ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏହି ଛକରେ ଯାନବାହାନ ଚଳାଚଳ ସହିତ ଭିଡ଼ ଲାଗିରହୁଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ସାମାନ୍ୟ ବର୍ଷାରେ



ରଙ୍ଗଣୀପାଟଣା ଛକରେ ବର୍ଷା ପାଣି।

ପାଣି ଜମୁଥିବା ବେଳେ ବର୍ଷା ଋତୁ ଆସିଲେ ସେଠାର ଅବସ୍ଥା ଅସମ୍ଭାଳ ହୋଇପଡ଼ିବ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚକ୍ଷୁ ଚିକିତ୍ସା ଶିବିର

ଖଣ୍ଡପଡ଼ା,୨୪।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତଢୋଲମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମୁକୁତା ପରିଡା, ସମିତି ସଭ୍ୟ ମାନସ କୁମାର ଦାସ ଅତିଥି ରୁପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ଅର୍ବାନ ହସପିଟାଲର ଅଭିଜ୍ଞ ଚକ୍ଷୁ ଚିକିତ୍ସକମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ସେମାନଙ୍କୁ ଚଷମା ପ୍ରଦାନ କରିଥିଲେ। ଡ.ସ୍ୱୟଂ ପ୍ରକାଶ ପାଣି ଓ ସହକାରୀମାନେ



ଜଣେ ମହିଳାଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ରୋଗୀମାନଙ୍କ ମୋତିଆବିନ୍ଦୁ ପରୀକ୍ଷା କରିବା ସହ ମଧୁମେହ ଓ ରକ୍ତଚାପ ରୋଗର ପରୀକ୍ଷଣ କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ଖବରଦାତା ସଦାଶିବ ପାତ୍ର, କନକଲତା ପ୍ରାଧାନ ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଲୋକକଳା ମାଧ୍ୟମରେ ଗୋଷ୍ଠୀସ୍ତରୀୟ ସଚେତନତା

ଖଣ୍ଡପଡ଼ା,୨୪।୫ (ଅଜୟ କୁମାର ମହାରଣା)

ଏବେ କାଳବୈଶାଖୀ ପରିସ୍ଥିତିରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସାଙ୍ଗକୁ ବର୍ଷା ପବନ ସୃଷ୍ଟି ହୋଇ ଧନ ଜୀବନ କ୍ଷୟକ୍ଷତି ଘଟିବାର ସମ୍ଭାବନା ରହିଛି । ଏହି ସମୟରେ ନିଜକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଷ୍ଠୀସ୍ତରୀୟ ସଚେତନତା ଓ ସତର୍କତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ସମୟରେ ସୃଷ୍ଟି ହେଉଥିବା କାଳ ବୈଶାଖୀ, ମେଘ ପବନ, ବଜ୍ରପାତ ସହିତ ବିଜୁଳି ପ୍ରକୋପରୁ ନିଜକୁ କିପରି ସୁରକ୍ଷା ଦିଆଯାଇ ପାରିବ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଲୋକକଳା ମାଧ୍ୟମରେ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସରୋଜ କୁମାର ସାହୁଙ୍କ ତତ୍ତ୍ୱବେଧାନରେ ଯୁବ




ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

କଳାକାର ରାମଚନ୍ଦ୍ର ବେହେରା, ଅଶୋକ କୁମାର ବାରିକ, କାଶୀନାଥ ନାୟକ, ଗୋବିନ୍ଦ ବେହେରା, ଆଶୁ ବାରିକ ପ୍ରମୁଖ ସଂକୀର୍ତ୍ତନ ମାଧ୍ୟମରେ ବଜ୍ରପାତ ସମୟରେ କିପରି ନିଜକୁ ସୁରକ୍ଷିତ ରଖିବ ସଚେତନତା ସୃଷ୍ଟି କରିଥିଲେ ।

# ରାଜସ୍ୱ ଅଦାଲତ ସଚେତନତା ଶିବିର

ଖଣ୍ଡପଡ଼ା,୨୪।୫ (ଅଜୟ କୁମାର ମହାରଣା)

ବିଭିନ୍ନ ସମୟରେ ବହୁ ଗରିବ, ନିରୀହ ତଥା ବରିଷ୍ଠ ନାଗରିକମାନେ ବିଭିନ୍ନ କାର୍ଯ୍ୟ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସି ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଏପରିକି ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସି ସେମାନଙ୍କ ଆବଶ୍ୟକ କାର୍ଯ୍ୟ ତୁଲାଇବାରେ ସମସ୍ୟା ଉପୁଜିଥାଏ। ଏସବୁକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ସେମାନଙ୍କର କାର୍ଯ୍ୟ କିପରି ଭାବେ ସମାଧାନ ହୋଇପାରିବ ସେ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ରାଜସ୍ୱ ଅଦାଲତ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଓ କୁମ୍ଭାରପଡା ଗ୍ରାମରେ ରାଜସ୍ୱ ଅଦାଲତ ସଚେତନତା ଶିବିର ଶୁକ୍ରବାର ଖଣ୍ଡପଡା ଅତିରିକ୍ତ ତହସିଲଦାର ସୋମେଶ ରଣବିଜୁଳିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଜମିର ପଟ୍ଟା, ସରକାରୀ ଜାଗାରେ ଜଣେ ଭୂମିହୀନ ବ୍ୟକ୍ତି ସ୍ଥାୟୀ ଗୃହ ନିର୍ମାଣ କରିଥିଲେ, ସେ ବ୍ୟକ୍ତିଙ୍କ ନାମରେ କିପରି ପଟ୍ଟା ହୋଇପାରିବ, ବାପା ଜେଜେ ବାପାଙ୍କ ନାମରେ ରହିଥିବା ଜମି ଅବା ଗୃହର ନାମକୁ ନିଜ ନାମରେ ପଟ୍ଟା କରିବା ପାଇଁ ତଥା ବିଭିନ୍ନ ତହସିଲ କାର୍ଯ୍ୟକୁ ସରଳୀକରଣ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ସମ୍ପାଦିତ କରିବା ପାଇଁ ନିଷ୍ପତ୍ତି ନେଇଥିବା ତହସିଲଦାର ରଣ ବିଜୁଳି ଉପସ୍ଥିତ ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ବିଭିନ୍ନ କାର୍ଯ୍ୟରେ ତହସିଲ କାର୍ଯ୍ୟାଳୟକୁ ନ ଦୌଡି ଅଧିକାରୀ ଅବା ରାଜସ୍ୱ ନୀରିକ୍ଷକମାନେ ବିଭିନ୍ନ ଗ୍ରାମକୁ ଯାଇ ଜନସାଧାରଣଙ୍କ ଆବଶ୍ୟକୀୟ କାର୍ଯ୍ୟକୁ ସମ୍ପାଦନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଏହାଛଡା ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି ରଖି କିପରି ନିଜ ନାମରେ ରେକର୍ଡ କରିବା ସହ ଦ୍ୱିତୀୟ ଖାତା ପରିବର୍ତ୍ତନ କରାଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ କଣ୍ଟିଲୋ ଓ କୋସକା ରାଜସ୍ୱ ନୀରିକ୍ଷୀକା ଯଥାକ୍ରମେ ପଙ୍କଜିନୀ ମାଝୀ ଓ କାଜଲ ପଟ୍ଟନାୟକ, ସୁପରଭାଇଜର ଗଣେଶ୍ୱର ମହାନ୍ତି, ବରିଷ୍ଠ କିରାଣୀ ସଚିନ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଯୋଗ ଦେଇଥିବା ମହିଳାମାନେ।

# ନୀତି ଆୟୋଗ ବୈଠକ
# ଆସିଲେନି ୪ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୨୪।୫**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫ୍ ଘୋଷଣା ଏବଂ ପାକିସ୍ତାନ ବିରୋଧରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ହୋଇଛି ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲର ୧୦ମ ବୈଠକ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଓ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ ଯୋଗଦେଇ ନାହାନ୍ତି। ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ବିଶେଷକରି ମମତାଙ୍କ ଅନୁପସ୍ଥିତିକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲ ବୈଠକରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳମାନେ ଯୋଗଦେବା କଥା। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମମତାଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି ଜୋର୍ ଧରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ଗତବର୍ଷ ଜୁଲାଇରେ ଅନୁଷ୍ଠିତ ନୀତି ଆୟୋଗର ପୂର୍ବ ବୈଠକରେ ଭାଜପା ଶାସିତ ଏବଂ ଏନ୍‌ଡିଏ ନେତୃତ୍ୱାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ୧୫ ମିନିଟରୁ ଅଧିକ ସମୟ କହିବାକୁ ଦିଆଯାଇଥିବାବେଳେ ବିରୋଧୀ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ମାତ୍ର ୫ ମିନିଟ୍ ଦିଆଯାଇଥିବା ଅଭିଯୋଗ ଆଣି ମମତା ଏହାକୁ ବର୍ଜନ କରିଛନ୍ତି। ଆସନ୍ତା

### ମମତା ବାନାର୍ଜୀଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି



ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପଶ୍ଚିମବଙ୍ଗ ଗସ୍ତ ପୂର୍ବରୁ ମମତା କେନ୍ଦ୍ର ବିରୋଧୀ ନିଜ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବାକୁ ଯାଇ ଏପରି ନିଷ୍ପତ୍ତି ନେଇଛନ୍ତି। ଭାଜପାର ରାଜ୍ୟ ସଭା ସଦସ୍ୟ ସମିକ ଭଟ୍ଟାଚାର୍ଯ୍ୟ ମମତାଙ୍କୁ ସମାଲୋଚନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ପଶ୍ଚିମବଙ୍ଗ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଗତି କରିବ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ନୀତି ଆୟୋଗ ବୈଠକ ତାଙ୍କ ପାଇଁ ଏକ ସୁଯୋଗ ଥିଲା। ନିର୍ବାଚନ ପରେ ନୂଆ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେବେ। ସେହିପରି ସିପିଆଇଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ସୁଜନ ଚକ୍ରବର୍ତ୍ତୀ କହିଛନ୍ତି, ଏଥିରେ କିଛି ନୂତନତ୍ୱ ନାହିଁ। ମମତା କେବଳ ଦୁର୍ନୀତି କରିବାରେ ବ୍ୟସ୍ତ। ତେଣୁ ସେ ରାଜ୍ୟର ବିକାଶ ପରିବର୍ତ୍ତେ 'ଦୁର୍ନୀତି ଆୟୋଗ' ବୈଠକରେ ସାମିଲ ହେବାକୁ ଅଧିକ ଆଗ୍ରହୀ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ମମତା ଏହି ବୈଠକରେ ସାମିଲ ହୋଇଥିଲେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇପାରିଥାନ୍ତେ।

## କେନ୍ଦ୍ର, ରାଜ୍ୟ ମିଶି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ: ମୋଦି



ନୀତି ଆୟୋଗ ବୈଠକରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍।

କେନ୍ଦ୍ର ସରକାର ଓ ରାଜ୍ୟଗୁଡ଼ିକ ଟିମ୍ ଇଣ୍ଡିଆ ଭଳି ମିଶିକି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ନୁହେଁ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିକାଶର ଗତିକୁ ଆହୁରି ବଢ଼ାଯିବାର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାରମାନେ କେନ୍ଦ୍ର ସହ ସମନ୍ୱୟ ରଖି କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

'୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ' ଗଠନର ଲକ୍ଷ୍ୟ ସମ୍ପର୍କିତ ବିଷୟବସ୍ତୁ ଉପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୋଦି କହିଛନ୍ତି, ବିକଶିତ ଭାରତ ହେଉଛି ପ୍ରତି ଭାରତୀୟଙ୍କ ଲକ୍ଷ୍ୟ। ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ ମଧ୍ୟ ବିକଶିତ ହେବ। ଏହା ହେଉଛି ୧୪୦ କୋଟି ନାଗରିକଙ୍କ ଆକାଂକ୍ଷା।

ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲ ହେଉଛି, ଦେଶର ବିକାଶ ସକାଶେ ନୀତି ପ୍ରଣୟନକାରୀ ସଂସ୍ଥା, ଯହିଁରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ ଯୋଗଦେଇଥାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହାର ଅଧ୍ୟକ୍ଷ। 'ଅପରେଶନ ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଏଥିରେ ପ୍ରଥମଥର ପାଇଁ ଅଧ୍ୟକ୍ଷତା କରି 'ୱାନ୍ ଷ୍ଟେଟ୍, ୱାନ୍ ଗ୍ଲୋବାଲ ଡେଷ୍ଟିନେଶନ'ର ଅବତାରଣା କରିଛନ୍ତି। ତଦନୁସାରେ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ବିକଶିତ କରିବାକୁ ପଡ଼ିବ। ବୈଶ୍ୱିକ ସୁବିଧା ଓ ଭିତ୍ତିଭୂମି ଯୋଗାଇଦେଇ ସେହି ପର୍ଯ୍ୟଟନସ୍ଥଳୀକୁ ବିଶ୍ୱର କୋଣଅନୁକୋଣରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିଲେ ରାଜ୍ୟଗୁଡ଼ିକର ବିକାଶ ସମ୍ଭବ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରିବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଏହା ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି। ବୈଠକରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ପଣ୍ଡିଚେରୀ ଓ କେରଳ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରବାବୁ ନାଇଡୁ, ତାମିଲନାଡୁର ଏମ୍.କେ. ଷ୍ଟାଲିନ୍ ଓ ତେଲଙ୍ଗାନାର ରେଭାନ୍ତ ରେଡ୍ଡୀଙ୍କ ସହ ଜମ୍ମୁ-କଶ୍ମୀରର ଓମାର ଅବ୍‌ଦୁଲ୍ଲା, ହିମାଚଳ ପ୍ରଦେଶର ସୁଖବିନ୍ଦର ସିଂ ସୁଖୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇ ନିଜ ନିଜ ରାଜ୍ୟର ଦାବି ଜଣାଇଥିଲେ।

## ଦିଲ୍ଲୀ, ମୁମ୍ବାଇ, କେରଳରେ ବଢୁଛି କୋଭିଡ୍

### ହସ୍ପିଟାଲରେ ଶଯ୍ୟା, ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୪।୫**

ଦିଲ୍ଲୀ, ମହାରାଷ୍ଟ୍ର, କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ ହସ୍ପିଟାଲଗୁଡ଼ିକରେ ଶଯ୍ୟା ଓ ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ବର୍ଷ ପରେ ପ୍ରଥମଥର ପାଇଁ ଜାତୀୟ ରାଜଧାନୀରେ ୨୩ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। କେରଳରେ ଚଳିତ ମାସରେ ସର୍ବାଧିକ ୨୭୩ ଜଣ କୋଭିଡ୍ ସଂକ୍ରମିତ ହୋଇଥିବାରୁ ସବୁ ଜିଲ୍ଲାକୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କାଶ ହେଲେ ମାସ୍କ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି କର୍ଣ୍ଣାଟକରେ ୯ ମାସର ଶିଶୁ ସମେତ ୩୫ଟି କୋଭିଡ୍ ମାମଲା ଚିହ୍ନଟ ହୋଇଛି। ଶ୍ୱାସଜନିତ ସମସ୍ୟା ଥିବା ଲୋକମାନଙ୍କୁ କୋଭିଡ୍ ପରୀକ୍ଷା କରିବା ପାଇଁ କୁହାଯାଉଛି। ଚଳିତ ମାସରେ ମୁମ୍ବାଇରେ ୯୫ ଏବଂ ଠାଣେରେ ୧୦ ମାମଲା ଚିହ୍ନଟ ହୋଇଥିବାବେଳେ ୧୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ୱାସଜନିତ ରୋଗ ଲକ୍ଷଣ ଥିବା ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଇବାକୁ ବ୍ରିହନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପରାମର୍ଶ ଦେଇଛି। କୋଭିଡ୍‌ର ଜେଏନ୍.୧ ଭାରିଆଣ୍ଟ ପାଇଁ ଦକ୍ଷିଣ ଏସିଆରେ ସଂକ୍ରମଣ ବଢୁଛି। ଏହି ଭାରିଆଣ୍ଟ ସକ୍ରିୟ ଥିଲେ ମଧ୍ୟ ଚିନ୍ତାଜନକ ପର୍ଯ୍ୟାୟରେ ସାମିଲ କରାଯାଇ ନ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି।

## ସଂକ୍ଷେପରେ

### ରୁଷିଆ, ୟୁକ୍ରେନ୍ ମଧ୍ୟରେ ବନ୍ଦୀ ବିନିମୟ

**କିଭ୍,୨୪।୫**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୨୦୨୨ ଫେବୃଆରୀରୁ ଯୁଦ୍ଧ ଲାଗିରହିଥିବାବେଳେ ଗତ ସପ୍ତାହରେ ଇସ୍ତାନବୁଲରେ ପ୍ରଥମଥର ପାଇଁ ଉଭୟ ପକ୍ଷ ଶାନ୍ତି ଆଲୋଚନାରେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ମସ୍କୋ ଏବଂ କିଭ୍ ୧,୦୦୦ ଲେଖାଏ ଯୁଦ୍ଧବନ୍ଦୀ ଓ ଅନ୍ୟ ସାଧାରଣ ବନ୍ଦୀଙ୍କୁ ବିନିମୟ କରିବାକୁ ରାଜି ହୋଇଥିଲେ। ତଦନୁଯାୟୀ ଶୁକ୍ରବାର ଦୁଇ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ବିନିମୟ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏ ବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଏହାର କିଛି ସମୟ ପୂର୍ବରୁ ରୁଷିଆର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣରେ ୟୁକ୍ରେନ୍‌ର ୧୫ ଜଣ ଆହତ ହୋଇଥିଲେ।

### ନାବାଳିକା ବଳାତ୍କାର ମାମଲାରେ ସନ୍ଥ ଗିରଫ



ଲୋକେଶ୍ୱର ମହାରାଜ

**ବେଙ୍ଗାଲୁରୁ,୨୪।୫**

କର୍ଣ୍ଣାଟକର ବେଲଗମ୍ ଜିଲାରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ସନ୍ଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବେଲଗମ୍ ଜିଲା ରାଇବାଗ ତାଲୁକ ଅନ୍ତର୍ଗତ ମେଖାଲି ଗ୍ରାମରେ ଥିବା ରାମମନ୍ଦିରର ସନ୍ଥ ଲୋକେଶ୍ୱର ମହାରାଜ। ସେ ୧୭ ବର୍ଷୀୟାଙ୍କୁ କାର୍‌ରେ ନେଇ ଘରେ ଛାଡ଼ିଦେବାକୁ କହି ବାଗଲକୋଟ ସହରର ଏକ ଲଜ୍‌କୁ ନେଇ ସେଠାରେ ବଳାତ୍କାର କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପରେ ସେ ପୀଡ଼ିତାଙ୍କୁ ରାଇଚୁର ନେଇ ଯୌନ ନିର୍ଯାତନା ଦେଇ ମହାଲିଙ୍ଗପୁର ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲିଯାଇଥିଲେ। ସନ୍ଥଙ୍କ ନାମରେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ)ରେ ବାଗଲକୋଟ ଥାନାରେ ମାମଲା ରୁଜୁ ହୋଇଛି।

### ମାନସିକ ବିକୃତ ମହିଳାଙ୍କୁ ଜେଲ ପରିସରରେ ଗଣବଳାତ୍କାର

**ଗୁଆହାଟୀ ୨୪।୫**

ଆସାମର ଶ୍ରୀଭୂମି ଜିଲାରେ ଜଣେ ବାସହୀନ ମାନସିକ ବିକୃତ ମହିଳାଙ୍କୁ ଜିଲା ଜେଲ୍ ପରିସରକୁ ଘୋଷାଡ଼ି ନେଇ ଗଣବଳାତ୍କାର କରିବା ଅଭିଯୋଗରେ ୨ ଜଣ ଗାର୍ଡ ଗିରଫ ହୋଇଛନ୍ତି। ଶୁକ୍ରବାର ରାତି ୧ଟା ୩୦ ମିନିଟ୍ ସମୟରେ ୨ ୱାର୍ଡର ମହିଳାଙ୍କୁ ଘୋଷାଡ଼ି ନେଇଥିବାବେଳେ ପାଟ୍ରୋଲିଂ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ଅଭିଯୁକ୍ତ ହରେଶ୍ୱର କଳିତା ଏବଂ ଗଜେନ୍ଦ୍ର କଳିତାଙ୍କ ଘର ଗୁଆହାଟୀର ପଞ୍ଜାବରୀ ଓ ବାରୋଗାଁରେ। ଉଭୟଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଥିବାବେଳେ ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ପୁଞ୍ଛରେ ରାହୁଲ: ପାକିସ୍ତାନ ଆକ୍ରମଣରେ କ୍ଷତିଗ୍ରସ୍ତଙ୍କୁ ଭେଟିଲେ



ପୁଞ୍ଛର ଏକ ସ୍କୁଲରେ ପିଲାମାନଙ୍କ ଗହଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**ନୂଆଦିଲ୍ଲୀ ୨୪।୫**

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ଗସ୍ତରେ ଯାଇ ପାକିସ୍ତାନୀ ସେନାର ସୀମାପାର ମୋର୍ଟାର ଶେଲ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ଭେଟିଛନ୍ତି। ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନୀ ସେନାର ଆକ୍ରମଣ ଯୋଗୁ ପୁଞ୍ଛରେ ବହୁ କ୍ଷୟକ୍ଷତି ହେବା ସହ କେତେଜଣ ମୃତାହତ ହୋଇଥିଲେ। ରାହୁଲ କ୍ଷତିଗ୍ରସ୍ତ ଲୋକଙ୍କ ଘରକୁ ଯାଇ ସେମାନଙ୍କ ସହ କଥା ହେବା ସହ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଥିଲେ। ଶେଲ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଏକ ସ୍କୁଲରେ କଂଗ୍ରେସ ନେତା ପହଞ୍ଚି ପିଲାମାନଙ୍କ ସହ କଥା ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ଉଦ୍‌ବେଗକୁ ଜାତୀୟ ସ୍ତରରେ ଉଠାଇବେ ବୋଲି ରାହୁଲ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଆକ୍ରମଣରେ ଅନେକ ଜୀବନ ଯାଇଛି ଓ ବହୁ କ୍ଷୟକ୍ଷତି ହୋଇଛି। ଲୋକମାନଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲି। ଲୋକେ ସେମାନଙ୍କ ସମସ୍ୟାକୁ ଜାତୀୟସ୍ତରରେ ପଞ୍ଚାଇବା ପାଇଁ ଅନୁରୋଧ କରିଥିଲେ ବୋଲି ରାହୁଲ କହିଛନ୍ତି।

## ପଳାତକ ଅପରାଧୀ ଚଣ୍ଡୋକ୍‌ଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

**ନୂଆଦିଲ୍ଲୀ,୨୪।୫**

ଆମେରିକାରେ ରହୁଥିବା ମୋଷ୍ଟ ୱାଣ୍ଟେଡ୍ ପଳାତକ ଅପରାଧୀ ଅଙ୍ଗଦ ସିଂ ଚଣ୍ଡୋକ୍‌ଙ୍କୁ ଭାରତ ପ୍ରତ୍ୟର୍ପଣ କରାଇବାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସଫଳ ହୋଇଛି। ହାଇପ୍ରୋଫାଇଲ୍ ବ୍ୟାଙ୍କ ଜାଲିଆତି ଏବଂ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଚଣ୍ଡୋକ୍ ଦୀର୍ଘବର୍ଷ ହେଲା ଫେରାର ଥିଲେ। ଆମେରିକା କର୍ତ୍ତୃପକ୍ଷ ତାଙ୍କୁ ବିଦା କରିବା ପରେ ଶନିବାର ସକାଳେ ସେ



ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ସିବିଆଇ ଅଧିକାରୀମାନେ ତାଙ୍କୁ ହାଜତକୁ ନେଇଥିବାବେଳେ ଜେରା ପାଇଁ ଅଧିକ ଦିନ ରିମାଣ୍ଡରେ ନେବା ଲାଗି ସ୍ୱତନ୍ତ୍ର ଅଦାଲତଙ୍କୁ ନିବେଦନ କରିପାରନ୍ତି। ଆର୍ଥିକ ଅପରାଧରେ ସମ୍ପୃକ୍ତ ପଳାତକ ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣିବାରେ ଏହା ଏକ ବଡ଼ ସଫଳତା।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଗୁଜରାଟର ସ୍ୱାସ୍ଥ୍ୟକର୍ମୀ ଗିରଫ

**ନୂଆଦିଲ୍ଲୀ,୨୪।୫**

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଗୁଜରାଟର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସହଦେବ ସିଂ ଗୋହିଲ କଚ୍ଛ ବାସିନ୍ଦା ହୋଇଥିବା ଗୁଜରାଟ ଏଟିଏସ୍‌ର ବରିଷ୍ଠ ଅଧିକାରୀ କେ. ସିଦ୍ଧାର୍ଥ କହିଛନ୍ତି। ସେ ଭାରତୀୟ ବାୟୁସେନା (ଆଇଏଏଫ୍) ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କ ସହ ଶେୟାର କରୁଥିଲେ। ଗୋହିଲ ୨୦୨୩ରେ ହ୍ୱାଟ୍ସଆପ୍ ଜରିଆରେ ପାକିସ୍ତାନୀ ଏଜେଣ୍ଟ ଅଦିତି ଭରଦ୍ୱାଜଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ସେ ଅଦିତିଙ୍କ ପାଖକୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍‌ର ନବନିର୍ମିତ ବା ନିର୍ମାଣାଧୀନ ସାମରିକ ଘାଟିଗୁଡ଼ିକର ଫଟୋ ଓ ଭିଡିଓ ପଠାଇଥିଲେ।

ତଥ୍ୟ ପଠାଉଥିବା ଖବର ମିଳିବା ପରେ ଗୋହିଲଙ୍କୁ ଚଳିତ ମାସ ୧ ତାରିଖରେ ପ୍ରାରମ୍ଭିକ ତଦନ୍ତ ପାଇଁ ଡକାଯାଇଥିଲା। ଜେରା ବେଳେ ପାକିସ୍ତାନୀ ଏଜେଣ୍ଟ ତାଙ୍କୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍ ସାଇଟ୍‌ଗୁଡ଼ିକର ଫଟୋ ଓ ଭିଡିଓ ମାଗିଥିବା



ସହଦେବ ସିଂ ଗୋହିଲ

ସ୍ୱତନ୍ତ୍ର ଟାସ୍କଫୋର୍ସ ଜାଣିବାକୁ ପାଇଥିଲା। ଅଫିସରଙ୍କ କହିବା ଅନୁଯାୟୀ, ୨୦୨୫ ଆରମ୍ଭରେ ଗୋହିଲ ନିଜ ଆଧାର କାର୍ଡରେ ଏକ ସିମ୍ କାର୍ଡ କିଣି ଓଟିପି ସହାୟତାରେ ସେହି ନମ୍ବରରେ ଅଦିତିଙ୍କ ପାଇଁ ହ୍ୱାଟ୍ସଆପ୍ ଆକ୍ଟିଭେଟ୍ କରିଥିଲେ। ପରେ ସେ ଉକ୍ତ ନମ୍ବରକୁ ତଥ୍ୟ ଶେୟାର ପାଇଁ ବ୍ୟବହାର କରୁଥିଲେ। ଉକ୍ତ ନମ୍ବର ପାକିସ୍ତାନରୁ ଅପରେଟ୍ କରାଯାଉଥିବା ଫୋରେନ୍‌ସିକ ଅନୁଧ୍ୟାନରୁ ଜଣାପଡ଼ିଛି। ଗୋହିଲଙ୍କୁ ଏଥିପାଇଁ ଜଣେ ଅଜଣା ବ୍ୟକ୍ତି ୪୦ ହଜାର ଟଙ୍କା ଦେଇଥିଲେ ବୋଲି ସିଦ୍ଧାର୍ଥ କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗୋହିଲଙ୍କୁ ମିଶାଇ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ କରାଗଲାଣି।

## ଫୁରସତ୍

# କିଛି ନ କରିବାର ପ୍ରତିଯୋଗିତା

### ୯୦ ମିନିଟ୍ ପର୍ଯ୍ୟନ୍ତ ସ୍ଥିର ଭାବେ ବସି ରୁହନ୍ତି ପ୍ରତିଯୋଗୀ

**ସିଓଲ**

ଦକ୍ଷିଣ କୋରିଆରେ ଗତ କିଛି ବର୍ଷ ଧରି ଏପରି ଏକ ପ୍ରତିଯୋଗିତାର ଆୟୋଜନ ହେଉଛି, ଯେଉଁଠାରେ କିଛି ନ କରି ଗୋଟିଏ ସ୍ଥାନରେ ସ୍ଥିର ଭାବେ ବସି ରହିବା ପାଇଁ ପୁରସ୍କୃତ କରାଯାଇଥାଏ। ଏହି ଅନନ୍ୟ ପ୍ରତିଯୋଗିତା ସ୍ପେସ୍-ଆଉଟ୍ ପ୍ରତିଯୋଗିତା ନାମରେ ପରିଚିତ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନଙ୍କୁ କେବଳ ଚୁପ୍‌ଚାପ୍ ନିଷ୍କ୍ରିୟ ହୋଇ ଗୋଟିଏ ସ୍ଥାନରେ ୯୦ ମିନିଟ୍ ପର୍ଯ୍ୟନ୍ତ ବସିବାକୁ ପଡ଼ିଥାଏ।




ସ୍ଥାନୀୟ କଳାକାର ଉପ୍‌ସ୍ୟାଙ୍ଗଙ୍କ ଦ୍ୱାରା ୨୦୧୪ରେ ଆରମ୍ଭ ହୋଇଥିବା ଏହି ସ୍ପେସ୍-ଆଉଟ୍ ପ୍ରତିଯୋଗିତା ପ୍ରତି ବର୍ଷ ଆୟୋଜିତ ହୋଇଥାଏ। ଧୀରେ ଧୀରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୧ ତାରିଖରେ ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଜମସୁ ବ୍ରିଜ୍ ନିକଟସ୍ଥ ବାନ୍‌ପୋ ହାଙ୍ଗାଙ୍ଗ୍ ପାର୍କରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରାୟ ୪,୫୪୭ ଟିମ୍ ଆବେଦନ କରିଥିଲେ। ତେବେ ସେଥିମଧ୍ୟରୁ କେବଳ ୮୦ଟି ଟିମ୍‌ର ୧୨୬ ଜଣ ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲେ। ବିଭିନ୍ନ ବୃତ୍ତି ଏବଂ କ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତି ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀ ଭାବେ ସ୍ଥାନ ପାଇଥିଲେ। ପ୍ରତିଯୋଗିତାର ନିୟମ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ୯୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ କୌଣସି ମଧ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ ନ କରି ସ୍ଥିର ହୋଇ ବସି ରହିବେ। ଏହି ସମୟରେ ସେମାନେ ନିଜ ଫୋନ୍ ବ୍ୟବହାର କରିବେ ନାହିଁ କିମ୍ବା ଅନ୍ୟ କାହା ସହ କଥା ମଧ୍ୟ ହୋଇପାରିବେ ନାହିଁ। ସେହିପରି ଯଦି କେହି ପ୍ରତିଯୋଗୀ ବିରକ୍ତ ହୋଇ ଶୋଇପଡ଼ନ୍ତି କିମ୍ବା କୌଣସି କାରଣବଶତଃ ହସି ଦିଅନ୍ତି ତେବେ ତାଙ୍କୁ ତତ୍‌କ୍ଷଣାତ୍ ଅଯୋଗ୍ୟ ଘୋଷଣା କରାଯାଇଥାଏ। ଲୋକଙ୍କ ହୃଦ୍‌ସ୍ପନ୍ଦନ ଆଧାରରେ ଏହି ପ୍ରତିଯୋଗିତାର ବିଜେତା ଚୟନ କରାଯାଇଥାଏ। ସବୁଠାରୁ ସ୍ଥିର ହୃଦ୍‌ସ୍ପନ୍ଦନ ହାର ଥିବା ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତାକୁ ଜିତିଥାନ୍ତି।

## କାନ୍ସ ରେଡ୍ କାର୍ପେଟରେ ଆଲିଆଙ୍କ ଡେବ୍ୟୁ

**ନୂଆଦିଲ୍ଲୀ**

କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୮ତମ ସଂସ୍କରଣରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଯୋଗଦେଇଛନ୍ତି। ଏହି ମର୍ଯ୍ୟାଦାଜନକ ଉତ୍ସବରେ ୩୨ ବର୍ଷୀୟା ଅଭିନେତ୍ରୀ ତାଙ୍କ ରେଡ୍ କାର୍ପେଟ ଡେବ୍ୟୁରେ ମାଇସନ୍ ସିଆପାରେଲିଙ୍କ ପ୍ରସ୍ତୁତ ଉନ୍ନତ ଡିଜାଇନ୍‌ର ଫିସ୍‌ଟେଲ୍ ଗାଉନ୍‌ରେ ଦର୍ଶକଙ୍କୁ ଆକର୍ଷିତ କରିଛନ୍ତି। ଆଲିଆ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ କେତେଗୁଡ଼ିଏ ଫଟୋ ଶେୟାର କରି 'ହେଲୋ କେନ୍ସ' କ୍ୟାପ୍‌ଶନ ଲେଖିବା ସହ ଲେରିୟଲ ପ୍ୟାରିସ୍‌କୁ ଟ୍ୟାଗ୍ କରିଛନ୍ତି। ବିଉଟି ବ୍ରାଣ୍ଡ ଲେରିୟଲ ପ୍ୟାରିସ୍‌ର ଗ୍ଲୋବାଲ ଆମ୍ବାସାଡର ରହିଛନ୍ତି ଆଲିଆ।



# ବଚସାରୁ ସ୍ତ୍ରୀଙ୍କ ଉପରେ ଢାଳିଲେ ଏସିଡ୍



ବେଙ୍ଗାଲୁରୁ,୨୪।୫(ପି.ଟି.)

ପାରିବାରିକ କଳହ ଏବେ ଉଗ୍ର ହେବାରେ ଲାଗିଛି। ଛୋଟ ଛୋଟ ଘଟଣାରେ ଉତ୍‌କ୍ଷିପ୍ତ ହୋଇ ଅଘଟଣ ଘଟାଇବାକୁ ପଛାଉ ନାହାନ୍ତି। ପରିବାରରେ ବଚସା କାରଣରୁ ବେଙ୍ଗାଲୁରୁରେ ଜଣେ ସ୍ୱାମୀ ସ୍ତ୍ରୀଙ୍କ ଉପରକୁ ଟଏଲେଟରେ ବ୍ୟବହାର ହେଉଥିବା ଏସିଡ୍ କ୍ଲିନର ଢାଳି ଦେଇଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ପଡ଼ୋଶୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ବେଙ୍ଗାଲୁରୁରେ ରହୁଥିବା ୪୪ବର୍ଷୀୟା ସିଦେଦାହାଲି ଜଣେ ବ୍ୟୁଟିସିଆନ୍ ଭାବେ କାମ କରନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହ ରୁହନ୍ତି। ଗତ ୧୯ତାରିଖ ରାତିରେ ସ୍ୱାମୀ ମଦ୍ୟପାନ କରିବା ପାଇଁ ସିଦେଦାହାଲିଙ୍କୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ଦେବାକୁ ସ୍ତ୍ରୀ ମନା କରିଦେଇଥିଲେ। ପରେ ସ୍ତ୍ରୀଙ୍କ ଠାରୁ କୌଣସି ପ୍ରକାରେ ଟଙ୍କା ନେବାରେ ସ୍ୱାମୀ ସଫଳ ହୋଇ ବାହାରକୁ ଯାଇଥିଲେ। କିଛି ସମୟପରେ ମଦ୍ୟପାନ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ଘରେ ମୋବାଇଲ ଫୋନ୍‌ରେ ଅଧିକ ସାଉଣ୍ଡ ବା ଶବ୍ଦ ଦେଇ ଗୀତ ଶୁଣିବାରୁ ସ୍ତ୍ରୀ ଏହାକୁ ବିରୋଧ କରି ଶବ୍ଦ ପ୍ରଦୂଷଣ ନ କରିବାକୁ କହିଥିଲେ। ହେଲେ ଏଥିରେ ସ୍ୱାମୀ ରାଜି ନ ହୋଇ ଜୋରରେ ସାଉଣ୍ଡ ଦେଇ ଗୀତ ଶୁଣିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ବାଥ୍‌ରୁମ୍‌ରେ ଥିବା ଟଏଲେଟ କ୍ଲିନର ଏସିଡ୍ ଆଣି ସ୍ତ୍ରୀଙ୍କ ମୁହଁରେ ଢାଳି ଦେଇଥିଲେ। ସିଦେଦାହାଲି ଯନ୍ତ୍ରଣାରେ ଛଟପଟ ହୋଇ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ତାଙ୍କୁ ସହଯୋଗ ନ କରି ସ୍ୱାମୀ ଘରୁ ଫେରାର ହୋଇଯାଇଥିଲେ। ପରେ ପଡ଼ୋଶୀ ସିଦେଦାହାଲିଙ୍କ ପାଟି ଶୁଣି ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ସିଦେଦାହାଲିଙ୍କ ସ୍ୱାମୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ଭଡ଼ାଟିଆଙ୍କ ପାଖରେ ରଖିଥିଲେ ୫୫ ଲକ୍ଷ ଟଙ୍କା, ୧.୪ କେଜି ସୁନା

**ଆର୍‌ଆଣ୍ଡ୍‌ବି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ ଗିରଫ**

■ ୩୪୭% ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୪।୫(ସତ୍ୟଜିତ୍ ରାଉତ)



ନୂଆପଡ଼ା ଜିଲା ଖରିଆରସ୍ଥିତ ରାସ୍ତା ଓ ଗୃହ ବିଭାଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସୁଶାନ୍ତଙ୍କ ଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୩୪୭% ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ପୋଲିସ ଷ୍ଟେଶନ ଥାନାରେ ସୁଶାନ୍ତଙ୍କ ବିରୋଧରେ ମାମଲା ନଂ.୫/୨୦୨୫ ରୁଜୁ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସୁଶାନ୍ତଙ୍କୁ ସହଯୋଗ କରିଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭିଜିଲାନ୍ସ ଯାଞ୍ଚବେଳେ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ସୁଶାନ୍ତଙ୍କ ସ୍ତ୍ରୀ ଗଙ୍ଗୋତ୍ରୀ ବିହାରରେ ରହୁଥିବା ଭଡ଼ାଟିଆଙ୍କ ବିରୋଧରେ ଧଉଳି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଭଡ଼ାଟିଆଙ୍କୁ ୫୫ଲକ୍ଷ ଟଙ୍କା ଓ ୧.୪ କେ.ଜି. ସୁନା ଦେଇଥିବାବେଳେ ସେମାନେ ଫେରାଉ ନ ଥିବା ନେଇ ଏତଲାରେ ଦର୍ଶାଯାଇଥିଲା। ଏହାକୁ ନେଇ ଧଉଳି ପୋଲିସ ୨୦୨୪ ଏପ୍ରିଲ ୧୩ରେ ଏକ ମାମଲା (ନଂ.୯୩/୨୦୨୪) ରୁଜୁ କରିଥିଲା। ତେବେ ଏହି ଦସ୍ତାବିଜ ମିଳିବା ପରେ ଏହା ଦୁର୍ନୀତି ଟଙ୍କା ବୋଲି ସନ୍ଦେହ କରି ଭିଜିଲାନ୍ସ ଅଧିକ ତଦନ୍ତ କରୁଛି। ସେତେବେଳେ ଭିଜିଲାନ୍ସରେ ଅଭିଯୋଗ ହୋଇଥିବା ଜାଣିବା ପରେ ଚଢ଼ାଉ ଆଶଙ୍କାରେ ସୁଶାନ୍ତ ଓ ତାଙ୍କ ସ୍ତ୍ରୀ ବିପୁଳ ଟଙ୍କା ଓ ସୁନା ଭଡ଼ାଟିଆଙ୍କ ଘରେ ଲୁଚାଇ ରଖିଥିବା କୁହାଯାଉଛି। ତେବେ ଏନେଇ ଧଉଳି ଥାନା ଆଇଆଇସି ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି, ଏଯାଏ କୌଣସି ପ୍ରମାଣ ମିଳିନାହିଁ। ଭିଜିଲାନ୍ସର ତଥ୍ୟ ଅନୁଯାୟୀ ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୧୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲା ପିପିଲି ବିଲିପଡ଼ାସ୍ଥିତ ପ୍ଲଟ୍ ନଂ. ୭୪୯ରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ଏବଂ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି।

# ରାଜା ଚକ୍ର, ୨ ସହଯୋଗୀ କୋର୍ଟରେ ହାଜର



ପୋଲିସ କଡ଼ା ସୁରକ୍ଷା ବଳୟରେ ରାଜା ଚକ୍ରଙ୍କୁ କୋର୍ଟକୁ ନେଉଛି।

**ବଟି ମାଗିବା, ଲୋଡର ଛଡ଼ାଇ ନେଇ ବିକ୍ରି ଘଟଣା**

**ଜାମିନ ଆବେଦନ ଖାରଜ**

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏସ୍‌ଡିଜେଏମ୍ କୋର୍ଟରେ ରାଜା ଚକ୍ର ଓ ଅନ୍ୟ ୨ ସହଯୋଗୀ ହାଜର ହୋଇଥିଲେ। ରାଜା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ବେଳେ ସଦର ଥାନାରେ ବନ୍ଧୁକ ଦେଖାଇ ବଟି ମାଗିବା ଓ ଲୋଡ୍‌ର ମେଶିନ ଛଡ଼ାଇନେଇ ଜାଲ୍ ଦସ୍ତଖତ କରି ବିକ୍ରି କରିଦେବା ଭଳି ଏକ ସଙ୍ଗିନ ଅଭିଯୋଗ ହୋଇଥିଲା। ଉକ୍ତ ମାମଲା ମଧ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କୋର୍ଟଙ୍କ ରିମାଣ୍ଡ ଅନୁଯାୟୀ ଉକ୍ତ ମାମଲାରେ ଶନିବାର ରାଜା ଚକ୍ରଙ୍କ ସହ ମାନସ ବାରିକ ଓ ଉତ୍କଳ ଦାସଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ହାଜର କରାଯାଇଥିଲା। ଅନ୍ୟପକ୍ଷରେ ରାଜାଙ୍କ ଓକିଲ ଉକ୍ତ ମାମଲାରେ ଜାମିନ ଆବେଦନ କରିଥିଲେ। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଥିଲା।

ସୂଚନାଥାଉ କି, ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଅନେକ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ରାଜା ଚକ୍ର ଏବଂ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତ ଜାମିନ ପାଇଁ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଜାମିନ ଖାରଜ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାରୁ ଜାମିନ୍‌ରେ ବାହାରିଲେ। ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ହାଇକୋର୍ଟ ଆବେଦନକୁ ଖାରଜ କରିଥିଲେ। ସେବେଠାରୁ ରାଜା ଜେଲରେ ଅଛନ୍ତି।

ଅନ୍ୟପକ୍ଷେ ରାଜା ଚକ୍ର ଓ ତାଙ୍କର ଅନ୍ୟ ୮ ଜଣ ସହଯୋଗୀ ଦାଦାବଟି ମାଗିବା, ଧମକ ଚମକ ଏବଂ ଲୋଡର ମେଶିନ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଶୁଆକାଟି ଅଞ୍ଚଳର ସୁଶାନ୍ତ ବାରିକ କେନ୍ଦୁଝର ସଦର ଥାନାରେ ୨୬ ଏପ୍ରିଲ ୨୦୨୫ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ରାଜାଙ୍କ ସମେତ ୮ ଜଣଙ୍କ ବିରୋଧରେ ମାମଲା (ନଂ.୧୮୪/ ୨୦୨୫) ରୁଜୁ କରିଥିଲା। ଅଭିଯୋଗ ମୁତାବକ, ଘଟଣା ୨୬ ମାର୍ଚ୍ଚ ୨୦୨୪ରେ ଘଟିଥିଲା। ମାତ୍ର ମାମଲା ୨୬ ଏପ୍ରିଲ ୨୦୨୫ ଅର୍ଥାତ ବର୍ଷକ ପରେ ରୁଜୁ ହେବା ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଠିକ୍ ତଦନ୍ତ କରି କୋର୍ଟକୁ ସବିଶେଷ ରିପୋର୍ଟ ଦେବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ରଣପୁର ତତ୍କାଳୀନ ଥାନାଧିକାରୀ ଓଏଚ୍‌ଆର୍‌ସିରେ ଦଣ୍ଡିତ

ଭୁବନେଶ୍ୱର/ ରଣପୁର,୨୪।୫
(ସତ୍ୟଜିତ୍ ରାଉତ/ ସୁକାନ୍ତ କିଶୋର ଡାକୁଆ)

**୪ ମାସରେ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**



ରଶ୍ମିରଞ୍ଜନ ଦାସ

ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ କୋର୍ଟରେ ରଣପୁର ଥାନାର ପୂର୍ବତନ ଆଇଆଇସି ରଶ୍ମିରଞ୍ଜନ ଦାସ ଦଣ୍ଡିତ ହୋଇଛନ୍ତି। ୪ମାସ ମଧ୍ୟରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରଶ୍ମିରଞ୍ଜନଙ୍କୁ ନିର୍ଦ୍ଦେଶ ହୋଇଛି। ଏକ ମରଣାନ୍ତକ ଆକ୍ରମଣ ମାମଲାରେ ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ଅନୁଗ୍ରହ ଦେଖାଇବା, ୧୭ଦିନ ଭିତରେ ଚାର୍ଜସିଟ ଦେବା, ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲେ ହେଁ ଦଫା ୩୦୭ ନ ଲଗାଇ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇ ଥାନାରୁ ବେଲ୍ ଦେବା ପରି ଘଟଣାରେ କମିଶନ କୋର୍ଟ ଭର୍ତ୍ସନା କରି ଆଇଆଇସିଙ୍କୁ ଦଣ୍ଡିତ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲା ରଣପୁର ଥାନା ଗୋପାଳପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ୨୦୨୦ ଜୁନ୍ ୫ରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦିଲୀପ ବାରିକ ଓ ରବୀନ୍ଦ୍ର ବାରିକଙ୍କୁ ସେହି ଗ୍ରାମର କେତେଜଣ ଲୋକ କଟୁରି, ଫାର୍ସା ଆଦି ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପ ଓ ରବୀନ୍ଦ୍ର ଉଭୟେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ହସ୍ପିଟାଲରେ ୧୫ଦିନ ଧରି ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ। ଏହି ଘଟଣାରେ ରବୀନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା, ପୁଅ ନଣ୍ଡା ବାରିକ ଏବଂ ଝିଅ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ରବୀନ୍ଦ୍ରଙ୍କ ସାନଭାଇ ସୁରେନ୍ଦ୍ର ସାମନ୍ତରାୟ ଓରଫ ବାରିକ ରଣପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଦାସ ଆଇପିସି ଦଫା ୩୨୩, ୩୨୪, ୩୫୪, ୫୦୬ ଏବଂ ୩୪ରେ ଏକ ମାମଲା (ନଂ.୨୫୧/୨୦) ରୁଜୁ କରିଥିଲେ। ତେବେ ମରଣାନ୍ତକ ଆକ୍ରମଣ ହୋଇଥିବା ସତ୍ତ୍ୱେ ଦଫା ୩୦୭ ନ ଲଗାଇ ଆକ୍ରମଣକାରୀଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଥିଲା। ଏପରି କି ମାତ୍ର ୧୭ଦିନ ଭିତରେ ମାମଲାର ଚାର୍ଜସିଟ୍ କୋର୍ଟରେ ଦାଖଲ ହୋଇଥିଲା। ଥାନାରୁ ନ୍ୟାୟ ନ ପାଇବାରୁ ସୁରେନ୍ଦ୍ର ଓଏଚ୍‌ଆର୍‌ସିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ମାମଲାକୁ ଚପାଇଦେବାକୁ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। କମିଶନର ଅଭିଯୋଗକୁ ଗ୍ରହଣକରି ଏକ ମାମଲା(ନଂ.୨୮୭୭/୨୦୨୦) ରୁଜୁ କରି ବିଚାର ଆରମ୍ଭ କରିଥିଲେ। ଗତ ଏପ୍ରିଲ ୨୨ରେ କମିଶନ ଏହି ରାୟ ପ୍ରକାଶ କରିଥିବା ଜଣାପଡ଼ିଛି। ରଶ୍ମିରଞ୍ଜନ ଏବେ ଜଗତ୍‌ସିଂହପୁର ଜିଲା କୃଷ୍ଣାନନ୍ଦପୁର ଥାନା ଅଧିକାରୀଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା

ରେଢ଼ାଖୋଲ, ୨୪।୫
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତ ବଡ଼ମାଳ ଗ୍ରାମରେ ଶନିବାର ପୂର୍ବାହ୍ନ ୧୦ଟାବେଳେ ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପ୍ରଫୁଲ୍ଲ ନାଏକ (୬୦)ଙ୍କୁ ସେହି ଗ୍ରାମର ବିଭୂତି ପ୍ରଧାନ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ରେଢାଖୋଲ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ବିଭୂତି ପ୍ରଧାନଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଛି।

ପ୍ରଫୁଲ୍ଲ ଏକ ଜେସିବି ମେଶିନ ନେଇ ପୂର୍ବାହ୍ନରେ ତାଙ୍କ ଚାଷ ଜମିରେ ମାଟିକାମ କରୁଥିଲେ। ତେବେ କିଛି ମାଟି ପାଖରେ ଥିବା ବିଭୂତିଙ୍କ ଜମିରେ ପଡ଼ିଯାଇଥିଲା। ଏହି ଜମିକୁ ନେଇ ଉଭୟ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ମାଟି ବିଭୂତିଙ୍କ ଜମିରେ ପଡ଼ିଥିବା ଜାଣି ବିଭୂତିଙ୍କ ସହ ତାଙ୍କ ଭାଇ ଓ ଅନ୍ୟ ପରିବାରବର୍ଗ ଯାଇ ପ୍ରଫୁଲ୍ଲଙ୍କ ସହ ପାଟିତୁଣ୍ଡ କରିଥିଲେ। ତେବେ ଏହାକୁ ନେଇ ବିଭୂତି ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଧରି ପ୍ରଫୁଲ୍ଲଙ୍କୁ ଚାଷଜମିରେ ମାରିବାକୁ ଉଦ୍ୟମ କରିଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ବିଭୂତି ଗୋଡାଇ ଗୋଡାଇ ପ୍ରଫୁଲ୍ଲଙ୍କ ବେକରେ ଟାଙ୍ଗିଆ ଚୋଟ ମାରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି। ଏ ନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ତରଣୀ ସେନ ନାଏକ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୭/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ୩୮.୮୮ ଲକ୍ଷ ସାଇବର ଠକେଇ ମାମଲାରେ ୧୨ ଗିରଫ

ବଡ଼ବିଲ,୨୪।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ସାଇବର ଠକେଇ ଘଟଣାରେ କେନ୍ଦୁଝର ସାଇବର ପୋଲିସ ଆଉ ୧୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦେବଗଡ ଜିଲା ଖଜୁରିଖିମାନ ଗ୍ରାମର ଅମଲ ନାଏକ, ଅନୁଗୋଳ ଜିଲା ତାଳଚେର ଥର୍ମାଲ ଅଞ୍ଚଳର ଅବିନାଶ ନାଏକ, ବଲଣ୍ଡାର ଅମିତ ଗୋଚ୍ଛାୟତ, ଜଗନ୍ନାଥପୁରର ଶୁଭେନ୍ଦୁ ବେହେରା, ବଲାଙ୍ଗୀର ଜିଲା ଟାଉନ ଥାନା ଅଧୀନ ବିବେକାନନ୍ଦ ଯାଦବ, ମୁରିବାହାଲ ଥାନା ଅଧୀନ ଗଁରେଇ ଗ୍ରାମର ଆକାଶ ବାଗ, ଭଦ୍ରକ ଜିଲା ଚଡ଼କ ମହୋଲ୍ଲା ଅଞ୍ଚଳର ଜାମିଲ ଅଖତାର, ସେଖ୍ ମୁସ୍ତାକିନ, ପୁରୁଣା ବଜାର ଅଞ୍ଚଳର ସେଖ୍ ସୈଫ କାଦ୍ରି, ଉତ୍ତରପ୍ରଦେଶ ଧାନୌରା ଥାନା ଅଧୀନ ଖାଓଡ ଗ୍ରାମର ପୁନିତ କୁମାର, ପୂର୍ବଦିଲ୍ଲୀସ୍ଥିତ ନରିମାନ ବିହାର ଥାନା ଅଧୀନ ଏଫ୍-୬୪ ଅଞ୍ଚଳରେ ରହୁଥିବା ଏମ୍‌ଡି ଅନୱର ଏବଂ ବିହାର ଘନଶ୍ୟାମପୁର ଥାନା ଅଧୀନ ପାଲି ଗ୍ରାମର ସାଦ୍ରେ ଆଲମ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବରରେ ବଡ଼ବିଲ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ପ୍ରଦୀପ ଦୁବେ ନାମକ ବ୍ୟବସାୟୀଙ୍କ ମୋବାଇଲକୁ ହ୍ୱାଟ୍‌ସଆପ୍ ଜରିଆରେ ଜେପ ମୋରଜେନ କମ୍ପାନୀରୁ ଅନ୍‌ଲାଇନ ଟ୍ରେଡିଂ କରିବାକୁ ଲିଙ୍କ୍ ଆସିଥିଲା। ଟ୍ରେଡିଂ ନିମନ୍ତେ ପ୍ରଦୀପ ସେହି ଲିଙ୍କ୍ ଜରିଆରେ ପଞ୍ଜୀକରଣ କରି କମ୍ପାନୀ ଦ୍ୱାରା ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ବିଭିନ୍ନ କିସ୍ତିରେ ୨୦୨୪ ନଭେମ୍ବର ୬ ତାରିଖଠାରୁ ମୋଟ ୩୮.୮୮ ଲକ୍ଷ ଟଙ୍କା ଜମା କରିଚାଲିଥିଲେ। ତେବେ ୩୮.୮୮ ଲକ୍ଷ ଟଙ୍କା ପ୍ରଦାନ ପରେ ପ୍ରଦୀପଙ୍କର କୌଣସି କାରଣରୁ ଟଙ୍କାର ଆବଶ୍ୟକ ହେବାରୁ ଜମା କରିଥିବା ଟଙ୍କା ଉଠାଣ କରିବାକୁ ଅନ୍‌ଲାଇନ ଜରିଆରେ ଡିସେମ୍ବରରେ ଅନୁରୋଧ କରିଥିଲେ। ପ୍ରତ୍ୟୁତ୍ତରରେ ଆହୁରି ୩୦ ପ୍ରତିଶତ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଆସିବାରୁ ପ୍ରଦୀପଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ଏ ନେଇ ପ୍ରଦୀପ କେନ୍ଦୁଝରସ୍ଥିତ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ସାଇବର ଥାନା ପୋଲିସ ୫ ଡିସେମ୍ବର ୨୦୨୪ରେ କେନ୍ଦୁଝର ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ ମାମଲା(ନଂ ୩୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଏହି ମାମଲରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଗିରଫଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଆହୁରି ଅନେକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇଥିବା ବେଳେ ସାଇବର ପୋଲିସ ତଦନ୍ତ ଜାରି ରଖିଥିବା କହିଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन ई–निविदा आमंत्रण सूचना संख्या –
11RII / 2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

1. कार्य का नाम :

दिनांक–24.05.2025

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /56/2024-25 | कुंभीकला पंचायत भवन से सोहदागखूर्द तक पथ निर्माण कार्य। 2.85कि0मी0 | 313.846 | तीन करोड़ तेरह लाख चौरासी हजार छः सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 28.05.2025
3. ई–निविदा प्राप्ति की अंतिम तिथि एवं समय : 10.06.2025 up to 5.00 PM
4. निविदा खोलने की तिथि एवं समय 12.06.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 353449 Rural Development(25-26).D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 10-SBP-TRD-OT-2025-26, ତା.19.05.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ TRR, TSR ଏବଂ CTR କାର୍ଯ୍ୟର ସମ୍ବନ୍ଧରେ ବୋଣ୍ଡିଙ୍ଗ୍ (Bonding) କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 34,30,647.32, EMD : ₹ 68,600/-, ଶେଷ ହେବା ଅବଧି: 08 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2025ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-160/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ୟୁଜର ଡିପୋ ମଡ୍ୟୁଲ (UDM) ପାଇଁ ଇନ୍‌ଫ୍ରାଷ୍ଟ୍ରକ୍‌ଚର ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବଲଣ୍ଡା, ରେଢ଼ାଖୋଲ, ସମ୍ବଲପୁର ସିଟୀ, ରେଙ୍ଗାଲି, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, ରୁପ୍ରା ରୋଡ୍, ମୁନିଗୁଡ଼ା, ଭବାନିପାଟଣା, କଣ୍ଟାବାଞ୍ଜି, ଖରିୟାର ରୋଡ୍ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିୟାର ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଲନେଟ୍ ର ବିସ୍ତାର।

**ଟେଣ୍ଡର ମୂଲ୍ୟ :** ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2025ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଟେଲି), ସମ୍ବଲପୁର

PR-164/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-370E, ତା.21.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ବୁଢ଼ାପଙ୍କ-ଜରପଡ଼ା ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ ସମ୍ବନ୍ଧୀୟ ତାଳଚେର ରୋଡ୍ TSS ନିମନ୍ତେ ଫିଡର ସହିତ ବୁଢ଼ାପଙ୍କ ୟାର୍ଡ, ବୁଢ଼ାପଙ୍କ-ତାଳଚେର ରୋଡ୍ ସେକ୍ସନର ବଳକା ଥିବା କାର୍ଯ୍ୟର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 847.91 ଲକ୍ଷ, EMD : ₹ 5,74,000/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-33/CI/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ ENGG/2025-26, ତା.19.05.2025ରିଖ

(1) ଇ-ଟେଣ୍ଡର ସଂ.17-eT-DENC-SBP-25

**କାର୍ଯ୍ୟର ନାମ :** ମଣ୍ଡଳ ଯନ୍ତ୍ରୀ (ମଧ୍ୟ)/ସମ୍ବଲପୁର ପରିସୀମା ଅଧିନସ୍ଥ ନ୍ୟୁଲି କମିଶନ (Newly Commissioned) ସୋନପୁର - ବିନ୍ଧୁପାଲି ସେକ୍ସନ ଠାରେ ଶେଷ ସିଭିଲ କାର୍ଯ୍ୟର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,89,10,007.97, ବିଡ୍ ସିକ୍ୟୁରିଟୀ : ₹ 4,44,600/-

(2) ଇ-ଟେଣ୍ଡର ସଂ.18-eT-DENC-SBP-25

**କାର୍ଯ୍ୟର ନାମ :** ମଣ୍ଡଳ ଯନ୍ତ୍ରୀ (ମଧ୍ୟ)/ସମ୍ବଲପୁର ପରିସୀମା ଅଧିନସ୍ଥ ନ୍ୟୁଲି କମିଶନ (Newly Commissioned) ସୋନପୁର - ବିନ୍ଧୁପାଲି ସେକ୍ସନ ଠାରେ KM. 243/27-7 ଏବଂ 245/19-247/6 ଠାରେ ଡିପ୍ କଟିଂର ସ୍ଲୋପ୍ କୁ ସହଜ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,11,80,653.62, ବିଡ୍ ସିକ୍ୟୁରିଟୀ : ₹ 3,06,000/-

କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ (ଉଭୟ ଟେଣ୍ଡର ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 11.06.2025, 1500 ଘଟିକା (ଉଭୟ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-159/Q/25-26


See Career Appointment on every Wednesday & Saturday


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-28: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା୨୬।୦୫।୨୦୨୫ରିଖ ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ରାଜ୍ୟ ସରକାର ଅବକାଶ ଘୋଷଣା କରିଥିବା ପରିପ୍ରେକ୍ଷୀରେ, ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତା୨୬।୦୫।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା୨୭।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଯେଉଁମାନେ ତା୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିଲେ, ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ତା୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିବା ଜନସାଧାରଣ ସେମାନଙ୍କ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ ତଥା ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0127/2526



**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, GWD Division-II, Bhubaneswar**
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]

**INVITATION FOR BIDS (IFB)**

e- Procurement Notice : 363 Date : 23.05.2025
Bid Identification No. 05/GWRSD/CHHATA/2025-26,
(Single-Envelope Bidding Process)

No.A- : Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of following Work.

Bids must be submitted online on or before 04/06/2025 at 11.00 Hrs IST (system server time). Proposals will be opened online on 04/06/2025 at 12.30 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in".

| Sl. No. | Description | Details |
|---|---|---|
| 1. | Name of the Work | Construction of 02 nos. RRHS in Nayagarh ULB area of Nayagarh district for FY-2025-26 |
| 2. | Start Date of availability of Bid document online (bid download) | 26.05.2025 from 11.00 Hrs |
| 3. | Last Date of availability of bid document online (bid download) | 04.06.2025 up to 11.00 Hrs |
| 4. | Last date and time for receipt of bid document (Bid Submission End date & Time) | 04.06.2025 up to 11.00 Hrs |
| 5. | Date & Time of opening of bid document (bid Opening date) | 04.06.2025 at 12.30 Hrs |

Sd./- Deputy Director, Geology
GWD Division-II, Bhubaneswar

OIPR-32462/11/0013/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଆରେ ମାଲାବାରର ପ୍ରଥମ ଅଭିଯାନ

**ଭୁବନେଶ୍ୱର,୨୪।୫ (ଅଭୟ ଦାଶ)**




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ ତଥା ଓଡ଼ିଆ ଭାଷାରେ ବ୍ରାଣ୍ଡର ପ୍ରଥମ ଅଭିଯାନ 'ଆମର ପରମ୍ପରା ଆମର ମାଲାବାର' ର ଶୁଭାରମ୍ଭ କରିଛି। ଏଥିରେ ଓଡ଼ିଶାର ଲୋକପ୍ରିୟ ସୁପରଷ୍ଟାର ସବ୍ୟସାଚୀ ମିଶ୍ରଙ୍କୁ ସାମିଲ କରାଯାଇଛି। ଏପରିକି ଓଡ଼ିଆ ପରମ୍ପରାରେ ସୁନାର ଭାବପ୍ରବଣ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ଜୀବନ୍ତ କରିବା ସହ ଏହି ଅଭିଯାନ ଜଣେ ଝିଅର ଜନ୍ମରୁ କନ୍ୟା ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଉଛି, ଯାହା ପୂଜା, ଅନ୍ନପ୍ରାସନ, ରଜ ପର୍ବ ଏବଂ ବିବାହ ଭଳି ଓଡ଼ିଶାର ପ୍ରଚଳିତ ପ୍ରଥା ମାଧ୍ୟମରେ ସମ୍ପନ୍ନ ହୋଇଥାଏ।

ସେହିଭଳି ଏହି ଅଭିଯାନ ଟିଭି ଚ୍ୟାନେଲ, ଡିଜିଟାଲ ପ୍ଲାଟ୍‌ଫର୍ମ, ସିନେମା ଏବଂ ଭିଜୁଆଲ ମାଧ୍ୟମରେ ବ୍ୟାପକ ଭାବେ ଚାଲିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌କୁ ପସନ୍ଦିତ ବର ଅଳଙ୍କାର ସହ ଓଡ଼ିଶା ଏବଂ ଦେଶ ବାହାରେ ରହୁଥିବା ଓଡ଼ିଆ ପ୍ରବାସୀମାନଙ୍କ ମଧ୍ୟରେ ସବୁଠାରୁ ବିଶ୍ୱସ୍ତ ଏବଂ ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ବ୍ରାଣ୍ଡ ଭାବରେ ସ୍ଥାପିତ କରିବା। ଏ ନେଇ ସବ୍ୟସାଚୀ ମିଶ୍ର କହିଥିଲେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏହି ଉତ୍କୃଷ୍ଟ ବ୍ରାଣ୍ଡ ଅଭିଯାନରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ପ୍ରତିନିଧିତ୍ୱ କରିଥିବାରୁ ମୁଁ ନିଜକୁ ସମ୍ମାନିତ ଅନୁଭବ କରୁଛି। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ଏହା ଆମର ଆଶୀର୍ବାଦ, ଆମର ପ୍ରାର୍ଥନା, ଜୀବନରେ ଆମର ମୂଲ୍ୟବାନ୍ ମୁହୂର୍ତ୍ତର ଏକ ଅଂଶ ହୋଇଥିଲାବେଳେ ସ୍ୱଚ୍ଛତା ଏବଂ ନୈତିକ କାରିଗରିରେ ବ୍ରାଣ୍ଡର ଦର୍ଶନ ଉପରେ ଗୁରୁତ୍ୱାରୋପ କରିବା ସହିତ ଆମର ସାଂସ୍କୃତିକ ନୀତିରେ ଗଭୀର ଭାବରେ ନିହିତ ଏହି ଅଭିଯାନ ରାଜ୍ୟ ଏବଂ ବାହାରର ଓଡ଼ିଆ ସମ୍ପ୍ରଦାୟ ସହ ନିଶ୍ଚିତ ଭାବରେ ପ୍ରତିଧ୍ୱନିତ କରିବ। ସେହିପରି ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ବ୍ରାଣ୍ଡ ଅଭିଯାନ ହେଉଛି ଏହାର ସର୍ବୋଚ୍ଚ ସାଂସ୍କୃତିକ ଏବଂ କଳାତ୍ମକ ଐତିହ୍ୟ ପାଇଁ ଜଣାଶୁଣା ଓ ଓଡ଼ିଶା ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ସବ୍ୟସାଚୀ ମିଶ୍ର ଏହି ଅଭିଯାନ ନିମନ୍ତେ ଆମ ପାଇଁ ଏକ ସ୍ୱାଭାବିକ ପସନ୍ଦ, କାରଣ ଓଡ଼ିଶାବାସୀଙ୍କ ମଧ୍ୟରେ ତାଙ୍କର ସ୍ଥାୟୀ ଆକର୍ଷଣ ଏବଂ ସେ ଯେଉଁ ମୂଲ୍ୟବୋଧ ପାଇଁ ଠିଆ ହୋଇଛନ୍ତି, ତାହା ପବିତ୍ରତା ଏବଂ ବିଶ୍ୱାସ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ ଜୀବନର ସବୁଠାରୁ ମୂଲ୍ୟବାନ୍ ମୁହୂର୍ତ୍ତଗୁଡ଼ିକର ଯାତ୍ରାକୁ ସୁନ୍ଦର ଭାବେ କଏଦ କରିଛି ଏବଂ ସବ୍ୟସାଚୀ ଏହି ବର୍ଣ୍ଣନାର ନେତୃତ୍ୱ ନେବା ସହ ଆମେ ଓଡ଼ିଶାର ପରମ୍ପରାକୁ ସମ୍ମାନ କରିଥିବାରୁ ମୁଁ ବେଶ୍ ଗର୍ବିତ।

# ୬୦ କୋଟିରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ହାତରେ ସ୍ମାର୍ଟଫୋନ୍

## ଚାହିଦାରେ ଫିଚର ଫୋନ୍

**ଭୁବନେଶ୍ୱର,୨୪।୫**



ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ଏପରିକି ନିଜର ଆବଶ୍ୟକତା ହେଉ କିମ୍ବା ଟେକ୍ନୋଲୋଜିର ବ୍ୟବହାର ପାଇଁ ଅଧିକାଂଶ ଲୋକ ଅତ୍ୟାଧୁନିକ ସ୍ମାର୍ଟଫୋନ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। କାରଣ ସ୍ମାର୍ଟଫୋନ୍ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କର ଜରୁରୀ ସୂଚନା ଓ ଇ ସେବା ସହଜରେ ପାଇପାରୁଛନ୍ତି।

ସେହିଭଳି ଭାରତୀୟ ବଜାରରେ ବର୍ତ୍ତମାନ ୨ଜି, ୪ଜି ଏବଂ ୫ଜି ଫୋନ୍‌ର ବ୍ୟବହାର ହେଉଥିବାବେଳେ ସ୍ମାର୍ଟଫୋନ (୪ଜି ଏବଂ ୫ଜି ) ଗ୍ରାହକଙ୍କ ସଂଖ୍ୟା ୬୦ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଲାଭା ଇଣ୍ଟରନ୍ୟାଶନାଲର ପ୍ରଡକ୍ଟ ହେଡ୍(ଉତ୍ପାଦ ମୁଖ୍ୟ) ସୁମିତ ସିଂହ କହିଛନ୍ତି। ସେହିପରି ବର୍ଷକୁ ୧୫୦ ମିଲିୟନ ଫୋନ ଭାରତୀୟ ବଜାରରେ ବିକ୍ରି ହେଉଥିଲାବେଳେ ମାସିକ ପ୍ରାୟ ୧୨.୫ ମିଲିୟନ ଫୋନ ବିକ୍ରି କରାଯାଉଛି। ଏପରିକି ସେଗ୍‌ମେଣ୍ଟ ୱାଇଜ୍ (ବିଭାଗୀୟ କ୍ଷେତ୍ର)ରେ ସ୍ମାର୍ଟଫୋନ୍‌ର ମୂଲ୍ୟଭିତ୍ତିକ ଫୋନ୍‌ର ଡିମାଣ୍ଡ ଥିଲାବେଳେ ଫିଚର ଫୋନ୍‌ର ଚାହିଦା ବର୍ତ୍ତମାନ ମଧ୍ୟ ବଜାରରେ ଜାରି ରହିଛି। ଅପରପକ୍ଷରେ ପ୍ରାୟ ୧୦,୦୦୦ ଟଙ୍କାର ସ୍ମାର୍ଟଫୋନ୍ ୧୯% ଗ୍ରାହକ ବ୍ୟବହାର କରୁଥିଲାବେଳେ ୧୦ରୁ ୨୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଛନ୍ତି। ଏପରିକି ୨୦ରୁ ୩୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଥିଲାବେଳେ ୩୦,୦୦୦ରୁ ଉର୍ଦ୍ଧ୍ୱ ମୂଲ୍ୟର ସ୍ମାର୍ଟଫୋନ ୧୫% ଗ୍ରାହକ ବ୍ୟବହାର କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୮୫%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଥିଲାବେଳେ ୪ଜି ଏବଂ ୫ଜିର ପରିମାଣ ୬୦% ଏବଂ ୪୦% ରହିଛି। ଏହି ପରିମାଣ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ପରିବର୍ତ୍ତନ ହୋଇ ୧୦% ଏବଂ ୯୦%ରେ ପହଞ୍ଚିବ ବୋଲି ମୋବାଇଲ ଶିଳ୍ପ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦% ଲୋକ ଫିଚର ଫୋନ୍ ବ୍ୟବହାର କରୁଥିଲାବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ମଧ୍ୟ ସାମାନ୍ୟ ହ୍ରାସ ଘଟିପାରେ ବୋଲି ଶିଳ୍ପ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

# ବଜାରରେ ଲାଭାର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୪।୫**

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ଓ ସାର୍କ ସିରିଜ୍‌ର ଶୁଭାରମ୍ଭ ଭୁବନେଶ୍ୱରରେ ହୋଇଯାଇଛି। ଏପରିକି ଏହି ମେଗା ଉନ୍ମୋଚନ ସହ ବିଭିନ୍ନ ବର୍ଗରେ ବ୍ରାଣ୍ଡ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନେକ୍ସଟ-ଜେନ୍ ଟେକ୍ନୋଲୋଜିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଲାଭାର ବିଦ୍ୟମାନ ପ୍ରୟାସଗୁଡ଼ିକରେ ଆଉ ଏକ ସଫଳତାକୁ ଚିହ୍ନିତ କରୁଛି, ଯାହା ଭାରତରେ ସ୍ମାର୍ଟଫୋନ୍‌ଗୁଡ଼ିକୁ ଡିଜାଇନ ଓ ଉତ୍ପାଦନ କରିବା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ବ୍ରାଣ୍ଡ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ୭୯୯୯ ଟଙ୍କା ମୂଲ୍ୟର କ୍ରୟ ପାଇଁ ରିଟେଲ ଆଉଟ୍‌ଲେଟ୍ ଓ ଲାଭା ଇ-ଷ୍ଟୋର୍‌ରେ ଉପଲବ୍ଧ ହେବ।

# ସ୍ମାର୍ଟ ବଜାରର ମେଗା ସାବିତ୍ରୀ ଅଫର

**ଭୁବନେଶ୍ୱର,୨୪।୫**




ରିଲାଏନ୍ସ ରିଟେଲ୍‌ର ପ୍ରମୁଖ ପ୍ଲାଟ୍‌ଫର୍ମ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ମେଗା ସାବିତ୍ରୀ ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଓଡ଼ିଶା ବଜାରରେ ଏହି ସ୍ୱତନ୍ତ୍ର ପାର୍ବଣ ଅଫର ପ୍ରଦାନ କରାଯାଉଛି। ଏହି ଅଫର ୨୦୨୫ ମେ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସ୍ୱତନ୍ତ୍ର କ୍ୟାମ୍ପେନକୁ ଶପିଙ୍ଗ୍ ଅନୁଭୂତିରେ ମୂଲ୍ୟ, ସୁବିଧା ଓ ଷ୍ଟାଇଲକୁ ଯୋଗକରିବା ସହ ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ପରିକଳ୍ପନା କରାଯାଇଛି। ଓଡ଼ିଶାରେ ବ୍ୟାପକ ରୂପେ ପାଳନ କରାଯାଉଥିବା ସାବିତ୍ରୀ ବ୍ରତ ହେଉଛି ବିଶ୍ୱାସ, ଭକ୍ତି ଓ ସାଂସ୍କୃତିକ ମହତ୍ତ୍ୱର ପର୍ବ। ଏହି ଶୁଭ ଅବସରକୁ ପାଳନ କରିବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ମହିଳାଙ୍କ ଏଥ୍‌ନିକ ୱେର ଓ ଜରୁରୀ ପୂଜା ସାମଗ୍ରୀ ଉପରେ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି।

ସେହିଭଳି ଏହି ଅଫର ଅନୁଯାୟୀ ସ୍ମାର୍ଟ ବଜାରରେ ଫାର୍ମ-ଫ୍ରେଶ୍ ଫ୍ରୁଟ୍ ଆମ୍ବ କେବଳ ୫୯ ଟଙ୍କା ଓ ତରଭୁଜ ୧୮ ଟଙ୍କା ଏବଂ ପୂଜା ସାମଗ୍ରୀ ଗୁଡ୍ ଲାଇଫ ସାଗୁ ୫୦୦ ଗ୍ରାମ ପିଛା କେବଳ ୩୫ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ୪୯୯ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ମହିଳାଙ୍କ କୁର୍ତା ଉପରେ ଫ୍ଲାଟ୍ ୨୦% ରିହାତି, ଅଗରବତି (୧୨୦ଗ୍ରାମ ଓ ତା'ଠାରୁ ଅଧିକ) ଉପରେ ବାଏ ୧ ଗେଟ୍ ୧ ଭଳି ଅଫର ରହିଛି। ଏପରିକି ଫ୍ୟାଶନ, ପୂଜା ସାମଗ୍ରୀ, ଫଳ ଓ ରୋଷେଇ ସାମଗ୍ରୀ ଆଦି ଉପରେ ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ତେଣୁ ଅଧିକ ସଞ୍ଚୟ କରିବା ଓ ଘରକୁ କମ୍ ମୂଲ୍ୟରେ ଦୁଇଗୁଣ ସାମଗ୍ରୀ ନେବା ପାଇଁ ଗ୍ରାହକମାନେ ସ୍ମାର୍ଟ ବଜାରରେ ସ୍ମାର୍ଟ ଶପିଂ କରିପାରିବେ।

# ମାଷ୍ଟର କ୍ରାଫ୍ଟର୍ସ ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୫**

ଓଡ଼ିଶା କ୍ରାଫ୍ଟସ୍ କାଉନସିଲର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୨ଦିନିଆ ପ୍ରଦର୍ଶନୀ 'ମାଷ୍ଟର କ୍ରାଫ୍ଟର୍ସ' ଶନିବାର ଭୁବନେଶ୍ୱର କ୍ଲବ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହିଅବସରରେ ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ଏବଂ ସଚିବ ପୁନମ ଗୁହା ତାପସ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଏ ନେଇ ପୁନମ କହିଛନ୍ତି, ସରକାର ରାଜ୍ୟର କାରୁଶିଳ୍ପ ଖାତାକୁ ଉନ୍ନତ କରିବାକୁ ସୃଜନିକା ଅଧୀନରେ ଏକ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଆମେ ପଟ୍ଟଚିତ୍ର, ଡୋକ୍ରା, ସୁନା ଘାସ, ସାବାଇ ଘାସ ଭଳି କାରୁକଳା ପାଇଁ ବିଭିନ୍ନ କ୍ଲଷ୍ଟର ବିକାଶ କରିବୁ। ଏହା କେବଳ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ ନାହିଁ, ବରଂ ଏହି କାରୁକଳା ପାଇଁ ଆବଶ୍ୟକୀୟ ମାର୍କେଟିଂ ଏବଂ ମାର୍କେଟିଂ ଲିଙ୍କେଜ୍ ମଧ୍ୟ ପ୍ରଦାନ କରିବ। ସେହିଭଳି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୨୦ ଜଣ ମାଷ୍ଟର କାରିଗର ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଓଡ଼ିଶାର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ ସହ ପଟ୍ଟଚିତ୍ର, ତାଳପତ୍ର ଖୋଦାଇ, ଟେରାକୋଟା, ପଥର ଏବଂ କାଠ ଖୋଦାଇ, ଆପ୍ଲିକ୍, ସୁନା ଘାସ, ସାବାଇ ଘାସ, ରୂପା ଫିଲିଗ୍ରି, ସାମୁଦ୍ରିକ ଶଙ୍ଖ କଳା, ଡୋକ୍ରା କାଷ୍ଟିଂ, ଆଦିବାସୀ ଚିତ୍ରକଳା, ଏବଂ ହାତେ ବୁଣା ଇକତ୍ ଭଳି କଳା ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ। ଅପରପକ୍ଷରେ ଓଡ଼ିଶା କ୍ରାଫ୍ଟସ୍ କାଉନସିଲ୍‌ର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର କହିଥିଲେ, ଏହା ଏକ ବିଶେଷ ପ୍ରକାରର ପ୍ରଦର୍ଶନୀ ହୋଇଥିଲାବେଳେ ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି।


# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

1989 born Niari/Kaibarta boy B.Sc. (Hons), MBA wanted to marry a fair colour beautiful graduate onwards girl. First preference Niari/ Kaibarta Caste then other caste. Contact No.- 9437969051, 9620107499. D-626

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271

Bride wanted Brahmin 32 network Engineer (HFCL). 7008123336. D-694

### GROOM WANTED

Beautiful Brahmin Girl 31+, M.Sc/ Govt. Class-II Officer. 9938199964, 9090486408. D-636

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## REAL ESTATE

### SALE

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**3BHK Flats at 99 Lakhs near 200ft road at Sundarpur Patia for early buyers. Contact: 9437095996, 8018461579.** D-76827

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




14 Rooms with attached Bathroom, Ground Floor, Chandrasekharpur, Bhubaneswar. 9437008388. D-74730

10,500 sqft. house on Patia Infocity Road and 3,500 Sqft. house near Lemon Hotel, Maitrivihar main road for rent for Office Commercial purpose. Contact: 9435193999, 8658527440. D-688

Rent for PG (Gents) Service holder at Oldtown, Bhubaneswar. 9938679679, 8637266862. D-76459

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

I, Suresh Kumar Pedina, S/o- Late Pedina Ananta Rao, resident of At- Dera Sahi, Gudari, Ward No.- 5, P.O/P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated 21.05.2025 that now onwards I shall be known as Suresh Kumar Pedina for all future purposes. D-696

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

By virtue of an affidavit sworn before Executive Magistrate, Bhubaneswar, dated 23.05.2025, I, Pinaki Prasad Sahoo, Address: At- Sriram Nagar, Odagaon, P.O./P.S.- Odagaon, Dist.- Nayagarh, PIN- 752081, Odisha declare that I have changed my daughter's name from Samparna Sahoo to Shree Samparna Sahoo. Henceforth, she shall be known as Shree Samparna Sahoo for all purposes.
Pinaki Prasad Sahoo
D-693

By virtue of an affidavit dated 19.05.25 before Notory Public, that I have changed my Address As Peddini Krishna Rao, S/o- Late Peddini Venkata Kameswar Rao, Keviti Street, House No.- 924, Ward No.- 7, Paralakhemundi, Dist.- Gajapati, Odisha in my Passport No.- N2691631 and my wife Smt. Peddini Sasmita Patro vide Passport No.- N2694222 to rectify Passports accordingly to utilise to all official purposes. The previous address mentioned in the Passports be cancelled/ write off. D-690

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ବ୍ରାଏନ ରାଏ (ଚନ୍ଦନ)**
ଆବିର୍ଭାବ : ୩୦।୦୬।୧୯୯୬
ତିରୋଧାନ : ୦୪।୦୬।୨୦୨୪

ଜନମ ମାଟି ତୋ ଅଟଇ ଚାନ୍ଦୋଳ, ଡାକ ନାମ ଟି ତୋର ଚନ୍ଦନ
ବାସନାରେ ତୋର ମହକାଇ ଦେଲୁ ଗାଁ ରୁ ସହର ସବୁ ସ୍ଥାନ ॥
ବାପା, ମାଆ ସାଙ୍ଗେ କାଟିଲୁ ସମୟ, ଜନମରୁ ଏତେ ବର୍ଷ
ଆଶ୍ଚର୍ଯ୍ୟ ସମସ୍ତେ କେମିତି ହେଲୁ ତୁ ଏମିତି ଭଲ ମଣିଷ ॥
ଅଦ୍ୱିତୀୟ ଥିଲା ତୋ ବାକ୍ୟ, କରମ କହି ନୁହଁଇ ଭାଷାରେ
ଅଳ୍ପ ଦିନରେ କେତେ ତୋର ଶିଷ୍ୟ ରାୟଗଡ଼ା କଲେଜରେ ॥
ଭୁବନେଶ୍ୱରରେ ପଢୁଥିଲୁ ପାଠ ସାଙ୍ଗସାଥି ଯେତେ ତୋର
ମଉସା, ମାଉସୀ ଭୁଲି ନପାରନ୍ତି ଥିଲୁ ତୁ ପୁଅ ତାଙ୍କର ॥
ସହରରେ ସିନା ପଢୁଥିଲୁ ପାଠ, ଗାଁ ପ୍ରତି ଥିଲା ମମତା
ଏତେ ଯେ ନିବିଡ଼ ସମ୍ପର୍କ ବାନ୍ଧିଲୁ ଭୁଲି ହୁଏନି ସେ କଥା ॥
ବଡ଼ ବାପା, ବଡ଼ ମା, ଦାଦା, ଖୁଡ଼ି ସମସ୍ତଙ୍କ ଗେଲ୍ହା ପୁଅ
ଜେଜେ ମା ତୋର ଖୋଜୁଛନ୍ତି ନୀତି ଚନ୍ଦନ କେମିତି କୁହ ॥
ରାୟ ବଂଶର ସୁଯୋଗ୍ୟ ସନ୍ତାନ ବୋଲି ମନରେ ଥିଲା ଗରବ
ସମସ୍ତଙ୍କ ଖୁସି ଛଡ଼ାଇ ନେଇ ହେ ପ୍ରଭୁ ପାଇଲ କି ଲାଭ ॥
ଯେତେ ସବୁ ତୋର ବନ୍ଧୁ ପରିଜନ ଗାଆନ୍ତି ଗୁଣ ତୋହର
ଅଳପ ଦିନରେ ଏତେ ଡାଳ ମେଲି ଭାଙ୍ଗି ତୁ ଗଲୁ ସଅଳ ॥

ଧ-୨୮୬୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ପ୍ରଶାନ୍ତ କୁମାର ମଲିଆ (ପପୁ)**
କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୪.୧୯୬୫
ତିରୋଧାନ : ୧୯.୦୫.୨୦୨୦

ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସବଦା ଆମ୍ଭମାନଙ୍କ ଉପରେ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୭୪୬୧


# ବ୍ରାଭିଆ ୨-୨ ଟେଲିଭିଜନ ସିରିଜ

**ଭୁବନେଶ୍ୱର,୨୪।୫**

ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ ୨-୨ ସିରିଜର ଶୁଭାରମ୍ଭ ନିକଟରେ କରାଯାଇଛି। ଯେଉଁଥିରେ ୪କେ ଅଲଟ୍ରା ଏଚ୍‌ଡି ଏଲ୍‌ଇଡି ଡିସ୍‌ପ୍ଲେ ପ୍ରଯୁକ୍ତି ସାମିଲ ରହିଛି। ଏହି ସରିଜ ଗ୍ରାହକଙ୍କୁ ଉନ୍ନତ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଗୁଗଲ ଟିଭି ସହ ସମନ୍ୱିତ ଥିବା ଏହି ଟିଭିରେ ବିଭିନ୍ନ ପ୍ରକାର ଆପ୍, ଷ୍ଟ୍ରିମିଂ ସେବା ଓ ଲାଇଭ ଟିଭି ଚ୍ୟାନେଲ ହାସଲ କରିବାର ସୁବିଧା ରହିଛି। ନୂଆ ସିରିଜ୍ ୪୩, ୫୦, ୫୫, ୬୫ ଓ ୭୫ ଇଞ୍ଚ ସ୍କ୍ରିନ୍ ଆକାରରେ ଉପଲବ୍ଧ ହୋଇଛି। ଏଥିରେ ଏକ୍ସ୧ ପିକ୍ଚର ପ୍ରୋସେସର ରହିଛି, ଯାହା ଉନ୍ନତ ଆଲଗୋରିଦମ୍‌କୁ ବ୍ୟବହାରକରି କୋଳାହଳ କମ୍ କରୁଥିବାବେଳେ ସ୍କ୍ରିନ୍‌ର ବିବରଣୀରେ ଉନ୍ନତି ଆଣୁଛି। ସ୍ପଷ୍ଟ ୪କେ ସିଗ୍‌ନାଲ ପାଇଁ ସବୁ କିଛି ୪କେ ରିଜୋଲ୍ୟୁସନରେ ଦେଖିବା ଭଳି ମନେହେବ ଯେଉଁଥିରେ ଲାଇଭ କଲର ପ୍ରଯୁକ୍ତି ରହିଛି। ନୂଆ ବ୍ରାଭିଆ ସିରିଜ ୨-୨ ୪କେ ଟିଭିରେ ୪କେ ଏକ୍ସ-ରିଆଲିଟି ପ୍ରୋ ରହିଛି, ଯାହା ୨କେ କିମ୍ବା ଫୁଲ୍ ଏଚ୍‌ଡି ଭିଡିଓଗୁଡ଼ିକୁ ଏହାର ସ୍ୱତନ୍ତ୍ର ୪କେ ଡାଟାବେସ୍ ବ୍ୟବହାରକରି ୪କେ ରିଜୋଲ୍ୟୁଶନ ନିକଟତର କରିପାରୁଛି। ମୋସନଫ୍ଲୋ ଏକ୍ସଆର୍ ମାଧ୍ୟମରେ ଅତି ଦ୍ରୁତଗତିରେ ଚାଲୁଥିବା ଦୃଶ୍ୟକୁ ମଧ୍ୟ ଭଲ ଭାବେ ଦେଖିହେବ।

# ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ

**ଭୁବନେଶ୍ୱର,୨୩।୫**

ଆମାଜନ୍ ଫ୍ୟାଶନର ଜେନ୍ ଜେଡ୍ ଅନ୍‌ଲାଇନ ଷ୍ଟୋର ବର୍ତ୍ତମାନ 'ସର୍ଭ' ଭାବେ ପରିଚିତ ହୋଇଛି। ଏପରିକି ଆମାଜନ୍ ଫ୍ୟାଶନର ଉତ୍ସର୍ଗୀକୃତ ଅନ୍‌ଲାଇନ ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ ସହ ଜେନ୍ ଜେଡ୍ ପ୍ରତି ଏହାର ପ୍ରତିବଦ୍ଧତାକୁ ଦ୍ୱିଗୁଣିତ କରୁଛି। ଏହା ପୂର୍ବରୁ ନେକ୍ସଟ ଜେନ୍ ଷ୍ଟୋର ଭାବେ ଏହା ପରିଚିତ ଥିଲା, ତାହାକୁ ବର୍ତ୍ତମାନ 'ସର୍ଭ', ଡିସିଂ ଆଉଟ୍ ଷ୍ଟାଇଲ କୁହାଯାଉଛି। ଏହି ଅନ୍‌ଲାଇନ ଷ୍ଟୋରିଟିୟର ୨ ଏବଂ ୩ ସହରରୁ ଜେନ୍ ଜେଡ୍ ଗ୍ରାହକଙ୍କ ସଂଖ୍ୟା ୩ଗୁଣା ବୃଦ୍ଧି ପାଇଛି ଏବଂ କ୍ରେତାଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଛି। ସର୍ଭ ୩୫୦ରୁ ଅଧିକ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡରୁ ୨ ନିୟୁତରୁ ଅଧିକ ଉତ୍ପାଦ ସହ ଏକ ଅତୁଳନୀୟ ଚୟନ ପ୍ରଦାନ କରିଥାଏ। ୨୦୨୩ରେ ଭାରତର ପ୍ରଥମ ଉତ୍ସର୍ଗୀକୃତ ଜେନ୍ ଜେଡ୍ ଷ୍ଟୋରକୁ ଅଗ୍ରଣୀ କରିବା ପରେ ଆମେ 'ସର୍ଭ' ସହ ଆମର ପ୍ରତିବଦ୍ଧତାକୁ ଦୃଢ଼ କରୁଛୁ ବୋଲି ଆମାଜନ୍ ଫ୍ୟାଶନ ଇଣ୍ଡିଆର ଡାଇରେକ୍ଟର ନିଖିଲ ସିହ୍ନା କହିଛନ୍ତି।

## ୧ରେ ବି.ଏଡ୍. ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨୪।୫(ସୁଚିସ୍ମିତା ସାହୁ)

ଜୁନ୍ ୧ରେ ବି.ଏଡ୍. ପ୍ରବେଶିକା ପରୀକ୍ଷା। ଏଥିପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ଏହି ଭୁବନେଶ୍ୱର ବି.ଏଡ୍. ପାଠ୍ୟକ୍ରମରେ ନାମଲେଖାଇବାକୁ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ te.samsodisha.gov.in କିମ୍ବା ssbodisha.ac.inରୁ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାକୁ ଛାତ୍ରଛାତ୍ରୀଙ୍କୁ କୁହାଯାଇଛି। ତେବେ ଆଡ୍‌ମିଟ୍ କାର୍ଡ ପାଇବା ପରେ ପ୍ରାର୍ଥୀମାନେ ତାହାକୁ ଭଲ ଭାବେ ଯାଞ୍ଚ କରିବା ଦରକାର। କୌଣସି ଅସଙ୍ଗତ ବା ତ୍ରୁଟି ଥିଲେ ତୁରନ୍ତ ପରୀକ୍ଷା କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଆଡ୍‌ମିଟ୍ କାର୍ଡରେ ରିପୋର୍ଟିଂ ସମୟ ସହିତ ଅନ୍ୟ ସମସ୍ତ ବିବରଣୀ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବେଦନକାରୀଙ୍କ ପାଇଁ ମାର୍ଚ୍ଚ ୨୪ରୁ କମନ ଆପ୍ଲିକେଶନ ଫର୍ମ(ସିଏଏଫ) ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

# ବର୍ଷା ଦାଉରୁ ମଣ୍ଡିରେ ଧାନ ସୁରକ୍ଷାକୁ ଗୁରୁତ୍ୱ

### ଆବଶ୍ୟକ ପଲିଥିନ ମହଜୁଦ ରଖିବା, ଶୀଘ୍ର ଧାନ ଉଠାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୫(ବନ୍ଦନା ସେଠୀ)

ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ସହ ପ୍ରାକ୍‌ମୌସୁମୀ ବର୍ଷା ହେଉଥିବାରୁ ମଣ୍ଡିରେ ଧାନ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଶନିବାର ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକ ଘୋଡାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ ଯୋଗାଇ ଦିଆଯିବା ସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧାନର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଧାନ ରଖା ଯାଉଥିବା ସ୍ଥାନର ଚାରିପାଖରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଓ ଉପଯୁକ୍ତ ସୁରକ୍ଷା ଥିବା ଗାଡି ମାଧ୍ୟମରେ ଧାନ ପରିବହନ କରିବା, ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଆର୍.ଏସ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷ୍ଣ ନଜର ରଖାଯିବା ସହ ମଣ୍ଡିରୁ ମିଲ୍‌କୁ ଯାଉଥିବା ଧାନଗାଡ଼ିଗୁଡ଼ିକ ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାଧାରଣ ପରିଚାଳକ ସୁଧାକର ଶବର, ସାଧାରଣ ପରିଚାଳକ (ଧାନ ସଂଗ୍ରହ) ଏଲୋରା ସାମଲ, ସାଧାରଣ ପରିଚାଳକ (ପ୍ରଶାସନିକ) ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଦଳିଦେଲା ହାତୀ

### ଅଳ୍ପକେ ବର୍ତ୍ତିଲେ ବର୍ଷକର ପୁଅ

ବାରିପଦା,୨୪।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଜଙ୍ଗଲରେ ଜଣେ ମହିଳାଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କ ଏକ ବର୍ଷର ପୁଅ ଅଳ୍ପକେ ବର୍ତ୍ତିଯାଇଛି। ମୃତ ମହିଳା ଜଣଙ୍କ ହେଲେ ଲୁଗାଇଶୀ ପଞ୍ଚାୟତର କାଶୀପେଣ୍ଟ ଗ୍ରାମର କୁଞ୍ଜିଆ ନାଏକଙ୍କ ସ୍ତ୍ରୀ ଚାର୍ମି ନାଏକ(୨୭)। ସୂଚନାଯୋଗ୍ୟ, ଗାରଗାଡ଼ି ଗ୍ରାମ ବାପଘରକୁ ବୁଲିବାକୁ ଆସିଥିବା ଚାର୍ମୀ ଶନିବାର ସକାଳେ ଦାନ୍ତକାଠି ଆଣିବା ପାଇଁ ନିଜ ପୁଅକୁ ଧରି ଗ୍ରାମ ସନ୍ନିକଟ ଜଙ୍ଗଲକୁ ଯାଇଥିଲେ। ୧ ବର୍ଷର ପୁଅକୁ ଗୋଟିଏ ସ୍ଥାନରେ ଛାଡ଼ିଦେଇ ଜଙ୍ଗଲ ଭିତରେ ଦାନ୍ତକାଠି ସଂଗ୍ରହ କରୁଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଚାର୍ମୀଙ୍କୁ ଦଳି ଚକଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜଙ୍ଗଲକୁ ଯାଇ ଚାର୍ମୀଙ୍କ ୧ ବର୍ଷର ପୁଅକୁ ଜଙ୍ଗଲ ପାଖରେ ପାଇଥିଲେ। ପୁଅକୁ ଏକୁଟିଆ ପାଇ ସନ୍ଦେହରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିବାରୁ ମୃତଦେହ ପଡ଼ିଥିବାର ଦେଖିଥିଲେ। ଘଟଣା ସମ୍ପର୍କରେ ବନ ବିଭାଗକୁ ଜଣାଇବା ପରେ ବନ କର୍ମଚାରୀ ପହଞ୍ଚି ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି। ମୃତ ଚାର୍ମୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଭିଜାଇଲା ପ୍ରାକ୍ ମୌସୁମୀ ବର୍ଷା

ଭୁବନେଶ୍ୱର,୨୪।୫(ଅନୁରାଧା ମହାରଣା)

ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଇତିମଧ୍ୟରେ ମୌସୁମୀ କେରଳ ଛୁଇଁଥିବାବେଳେ ଏହା ପ୍ରଭାବରେ ରାଜ୍ୟରେ ପ୍ରାକ୍‌ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉତ୍ତର ଉପକୂଳ ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ବିଜୁଳି ଚମକିବା ସହ କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।


## TENDER

**No.PP-13** : **"Short Tender"** in sealed cover is invited from reputed suppliers for **Selection of agency for supply of musical instruments to Odisha Crafts Museum -Kalabhoomi**.

For details of Tender & TOR etc. Please visit the websites **www.sidacodisha.org.in** or **www.odishacraftsmuseum.odisha.gov.in**. The last date for submission of Tender in the office of SIDAC, Handicrafts Complex, Gandamunda, Khandagiri, Bhubaneswar, Ph: 0674-2350318 is upto 05:00 P.M. on 30.05.2025. The details of Tender will be available in the website **w.e.f. 23.05.2025**.

**Sd./- CEO, OCM-KB**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030,
Tel. No.+91(0)674 2350138, E-mail: sidacorissa@gmail.com, www.sidacodisha.org.in

OIPR-31036/11/0022/2526

## OFFICE OF THE MUNICIPAL COUNCIL, BALASORE

BALASORE, (ODISHA), PIN-756003
Tel.No.06782-251267 (O), Fax No.06782-251222
e-mail- balasoremunicipality@rediffmail.com

No.10961/ Dated the 23.5.2025

**No.C-390:**Notification No. 10958/ Dt.23.05.25. The details can be download from official website of Balasore District, http://balasore.odisha.gov.in.

**Sd./- Executive Officer**
**Balasore Municipality**

OIPR-13154/11/0046/2526

## OFFICE OF THE CDM & PHO-CUM- DISTRICT MISSION DIRECTOR, DHENKANAL
## DISTRICT PROGRAMME MANAGEMENT UNIT (DPMU)

(Department of Health & Family Welfare, Govt. Of Odisha)

Walk in-Interview

Advertisement for the Post of Medical Officers/ Engagement of Part time Specialist at UPHC & UAAM, Dhenkanal

Adv. No. : 2251 Date : 21.05.2025

**No.E-110** : Expression of Interest (EOI) is invited from Individuals for empanelment of part-time specialists under Ama Clinic at Urban Primary Health Centre (UPHC) and Medical Officer on contractual basis at Urban Ayushman Arogya Mandir (UAAM), Dhenkanal.

The positions are purely temporary and co-terminus with the scheme. Interested candidates can attend the Interview at the office of the CDM & PHO-cum-DMD, Dhenkanal, Pin-759001 on Dt.05.06.2025. Registration timing will be from 10.00 A.M. to 11.00 A.M. only on Walk In-Interview dates. You may log on to https://dhenkanal.odisha.gov.in/ for details of vacancy, eligibility criteria, age, application form, selection procedure etc. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

**Sd./- Chief District Medical & Public Health Officer, Dhenkanal**

OIPR-10059/11/0012/2526

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

**2nd Corrigendum to Tender Call Notice No.Online 02 of 2025-26**

**No.O-195:**A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per 1st Corrigendum | As per 2nd Corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 16.05.2025 at 03.00 P.M. | 26.05.2025 at 10.00 A.M. |
| 2 | Last date & Time for receipt of bids in the portal | 26.05.2025 upto 05.00 P.M. | 04.06.2025 upto 05.00 P.M. |
| 3 | Last date of seeking clarification | 23.05.2025 upto 05.00 P.M. | 03.06.2025 upto 01.00 P.M. |
| 4 | Date & Time of bid opening | 28.05.2025 at 10.00 A.M. | 05.06.2025 at 10.00 A.M. |

All other terms and conditions remains unchanged.

**Sd./- Executive Engineer, Rural Works Division, Padampur**

OIPR-25069/11/0030/2526

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ

## OFFICE OF THE DIVISIONAL FOREST OFFICER, DHENKANAL FOREST DIVISION

Tele Fax No. - 06762226717, e-mail ld-dfo.dhenkanal@odisha.gov.in
Bid Identification No. DFO-DKL-01/2025-26

**NOTICE INVITING TENDER**

**No.MM-57** : The Divisional Forest Officer, Dhenkanal Forest Division on behalf of Governor of Odisha invites Sealed Tender through offline, in **Double Cover System**, in **"OFF LINE"** mode for procurement of Solar Street Light of Dhenkanal Forest Division required for various forestry management as enlisted in the Annexure-II from eligible Firms/ Vendors/ Suppliers registered with the State Governments, Central Government/ M.E.S./ Railways or other Licensing Authorities for supply of the articles enlisted on production of definite proof from the appropriate authority. The tender paper with details of terms and conditions can be available in the website https://dhenkanal.odisha.gov.in and office of the Divisional Forest Officer, Dhenkanal Division, Dhenkanal in any working day from **24.05.2025 to 06.06.2025 within official hour (7 A.M. to 1.00 P.M.)** after payment of requisite fee of Rs.2,000/- (Two Thousand) only in cash or Account payee Bank Draft in **favour of Divisional Forest Officer, Dhenkanal Division** with all requisite documents. The bid along with relevant documents should reach in the O/O the Divisional Forest Officer, Dhenkanal Forest Division, AT/PO/PS/ Dist - Dhenkanal - 759001 on or before **06.06.2025** up to **1.00 P.M.** through Registered / Speed Post / Courier Service or by hand only. The tender will be opened in the office of the undersigned on **09.06.2025 at 11.00 A.M. hrs**.

**Sd./- Divisional Forest Officer Dhenkanal Division**

OIPR-08037/11/0018/2526

## ODISHA STATE AIDS CONTROL SOCIETY (OSACS)

Department of Health & Family Welfare, Govt. of Odisha

**Tender / Bid No. 332/OSACS** **Date: 20.05.2025**
File No. : XV-Proc.- 13/2025

**NOTICE INVITING BID**
**FOR HIRING OF PETROL / DIESEL VEHICLES FOR OFFICIAL USE ON DAILY BASIS**

**No.E-107** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Daily Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**

OIPR-10009/11/0046/2526 **Sd./- Project Director**

## REGIONAL INSTITUTE OF PLANNING, APPLIED ECONOMICS & STATISTICS

(Planning & Convergence Department, Govt. of Odisha)
A/65, Nayapalli, Bhubaneswar-751012, Tel. : 0674-2392283,
ripaesodisha@gmail.com

*Statistics - Good Governance - People's Welfare*

No.543/RIPAE&S/21/2025 Date - 20.05.2025

**TENDER CALL NOTICE**
**(For award of contract for outsourcing Security Guards, Hostel Attendants, Sweepers & Gardener at RIPAE&S, Bhubaneswar)**

**No.X-02** : Sealed tenders are invited from intending service providers for providing Security Guards, Hostel Attendants, Sweepers & Gardener to Regional Institute of Planning, Applied Economics & Statistics (RIPAE&S), Bhubaneswar on outsourcing basis in the prescribed format of tender documents.

The detailed information for outsourcing the aforesaid manpower has been given in the tender documents which may either be downloaded from the RIPAE&S Website:www.ripaesodisha.nic.in or obtained in person from the Office of Director, RIPAE&S, Odisha, Bhubaneswar in any working day from **26.05.2025 to 16.06.2025 between 11.00 A.M. to 4.00 P.M.** on payment of **Rs.500/-** in cash or in shape of Bank Draft for Rs. 500/- (non-refundable). The downloaded Tender Document from the website should be submitted along with a Bank Draft/ Bankers Cheque of **Rs. 500/-** (non-refundable). The Bank Draft/ Bankers Cheque should be in favour of **Assistant Director-cum-DDO, RIPAE&S, A/65, Nayapalli, Bhubaneswar, Odisha.**

The tender document will be received only through **speed post/registered post** during office hour. Any other mode of submission of tender documents will not be accepted. The last date of submission of Tender Document is **16.06.2025 by 4.00 P.M.** The office shall not be responsible for any kind of postal delay. The Director, RIPAE&S, Bhubaneswar reserves the right to reject any or all tenders without assigning any reason thereof.

OIPR-50002/11/0001/2526 **Sd./- Director**

## OFFICE OF THE COLLECTOR & DISTRICT MAGISTRATE: KHORDHA
## (ST & SC DEVELOPMENT SECTION)

E-Mail :- dwokhordha@gmail.com
No.1479/Date. 21.05.2025

**No.V-02** : Advertisement for admission of ST and SC students in Urban Hostels, Bhubaneswar during the Academic Year 2025-26. Applications are invited from intending ST and SC students (both Boys & Girls) studying in Post Matric Level Courses in and around Bhubaneswar for availing free hostel facilities in the ST and SC Development Department run 500 seated (Girls) Urban Hostel at Pokhariput, Bhubaneswar and 400 seated (Boys) Urban Hostel at Kalinga Nagar, Bhubaneswar.

The detailed guidelines, procedure of admission and application forms etc. can be obtained from the District website: www.khordha.odisha.gov.in. Duly filled in Applications with all relevant documents should reach the Office of the Superintendent, Urban Hostel,Near DAV Public School, Pokhariput, Bhubaneswar for Girls and Office of the Superintendent, Urban Hostel, Near Kendriya Vidyalaya 5, Kalinga Nagar, Bhubaneswar for Boys by 31.07.2025 through Speed Post / Registered Post. For Post Graduation / Technical / Professional Courses. The last date of submission of application shall be 30.09.2025. Students can submit the Applications in person in the above-mentioned Offices.

Incomplete applications will be rejected without assigning any reason thereof.

**Sd./- District Welfare Officer, Khordha**

OIPR-24351/11/0069/2526

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-536

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

**Tender Call Notice No.-BBSR/ELECT-II/E-358/25-26/1319**
**Dated:20.05.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, Testing & Commissioning of 500KVA, 11/0.4 KV plinth mounted Distribution Transformer for A and B Block of OUTR Ghatikia, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-16/25-26 | 28.05.2025 at 12.00 Hrs. | 06.06.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website**.

**Sd./-Divisional Head (Elect-II), IDCO, Bhubaneswar**

OIPR-14003/11/0162/2526

## ZILLA SWASTHYA SAMITI, GAJAPATI

O/o The Chief District Medical & Public Health Officer,
Gajapati, Paralakhemundi-761200, Gajapati

**Advt. No. 3941 /IEC/BCC/GAJ/2025.** **Date: 20-05-2025**

**No.E-103** : Sealed tenders are invited from the reputed agencies / suppliers having valid GSTIN /PAN / and GST Clearance Certificate for empanelment for Printing of IEC/BCC materials, Wall Painting & fixation of Hoardings etc. to office of the CDMO Cum District Mission Director, Gajapati on annual rate contract basis.

The sealed quotation should be reached at O/o CDM& PHO, Gajapati on any working day by **Dt : 11/06/2025** till **01.00 P.M.** along with all required documents **by Speed Post/ Regd. Post /Courier only**. The tender will be opened on **Dt : 12/06/2025** at **11.30 A.M.** in the office of the undersigned in presence of the Bidders / authorized representative of the bidder. Details regarding items, terms & conditions may be downloaded from the website : **https://gajapati.odisha.gov.in**. The undersigned reserves the right to accept or reject any or all the bids without assigning any reason thereof.

**Sd./- Chief District Medical & Public Health Officer- Cum- District Mission Director, Gajapati**

OIPR-10105/11/0007/2526

See Career Appointment on every **Wednesday & Saturday**

## OFFICE OF THE PANCHAYAT SAMITI, UMERKOTE

**INVITATIONS FOR BIDS**

**No.:BDO/EDU/UKT/01/2025-26/2109** **Date:20.05.2025**

**No.i-119:**The Block Development Officer, Umerkote on behalf of the Panchayat Samiti, Umerkote invited Percentage Rate Bids through Speed Post/ Registered Posts in Single Cover System.

1. Name of the Works : As Mentioned in Table-A which includes Construction of Additional Class rooms at various elementary & secondary schools.
2. No. of Works : 21 (Twenty One) Nos. (Detailed in Tender Call Notice available in the website)
3. Estimated Costs : As mentioned in Table-A
4. Tender Paper Costs : Varies between Rs.4,000/- and Rs.6,000/- per Work
5. Class of Contractor : D & C Class
6. Period of Completion : 180 Days
7. Critical Dates : * Further details can be seen in the bidding documents, which is available in the Portal. * Subsequent corrigendum if any shall be appeared in the website www.tendersodisha.gov.in * Authority reserves the right to reject any or all tenders without assigning any reasons thereof.

| Procurement Officer | Bid Identification No. | Availability of tender online for bidding | | Last date of seeking clarification | Date of Opening of Bid |
|---|---|---|---|---|---|
| | | From | To | | |
| BDO, Umerkote | BDO/EDU/ UKT/01/2025-26 | At 10.00 AM of 26.05.2025 | At 16.00 Hours of 16.06.2025 | 16.06.2025 | 17.06.2025 |

OIPR-19050/11/0004/2526 **Sd./- Block Development Officer, Umerkote**

## OFFICE OF THE DISTRICT SOCIAL WELFARE OFFICER, NAYAGARH

**Advt. No. 2041/SW** **Date: 21.05.2025**

**TENDER CALL NOTICE FOR AWARD OF TRANSPORT CONTRACTOR FOR TRANSPORTATION OF FOOD STUFFS UNDER SUPPLEMENTARY NUTRITION PROGRAMME (SNP) IN NAYAGARH DISTRICT DURING THE YEAR 2025-26**

No. G-32: Sealed tenders in prescribed format are invited from intending registered transport contractors/transporting agents for transportation of food stuffs under Supplementary Nutrition Programme (SNP) in Nayagarh district during the year 2025-26 (for 2nd, 3rd & 4th Qtr.) under the Administrative Control of the Collector, Nayagarh. The tender documents containing detail information, terms & conditions etc. may be downloaded from the district website **http://nayagarh.odisha.gov.in/**. The tender should reach in sealed cover in the office of the District Social Welfare Officer, Nayagarh, At/P.O./P.S./Dist.: Nayagarh, PIN - 752069, Odisha through Speed Post/Regd. Post on or before Dt.10.06.2025 till 5.30 P.M. The undersigned reserves the right to reject/cancel/withdraw any or all tenders without assigning any reason thereof.

OIPR-24419/11/0001/2526 **Sd./- Collector & D.M., Nayagarh**

## OFFICE OF THE PANCHAYAT SAMITI, BANDHUGAON

Ph.No.06855-263336 E-mail Id: ori-bandugaon@nic.in

**TENDER CALL NOTICE No.04/2026-26**

**No.i-120:**The Block Development Officer, Bandhugaon, Koraput district on behalf of Governor of Odisha invites percentage rate bid shall be opened on 12.06.2025 at 11.30 AM in the office of Panchayat Samiti, Bandhugaon.

| Sl. No. | Name of the Work | Estimated Cost in Rs. | Cost of Tender Paper in Rs. Including GST 18% | EMD in Rs. | Class of Contractor | Time of Completion | Grant |
|---|---|---|---|---|---|---|---|
| 1 | Repair & Renovation of KGBV Hostel Building TYPE-1 | 25,00,000/- | 6000/- | 13000/- | C & D | 270 Days | PAB SS |

Other details can be seen in the bidding documents published in the website displayed in notice board & published in the district website Koraput.

OIPR-19038/11/0001/2526 **Sd./- Block Development Officer, Bandhugaon**

## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-371

**E-Procurement Notice**

**Tender Call Notice No.1879/DKLMPLTY/Date:20.5.2025**

1. Name of the Work : Individual Civil Construction Work Published the **www.tenderodisha.gov.in** website
2. No. of Works put to tender : 14 Nos. individual works
3. Estimated Cost : Rs.20.0 Lakhs
4. Period of Completion : 45 days
5. Date and Time of availability of bid document in the portal : From 11.00 hours of Dt.22.05.2025 to 17.00 of Dt.03.06.2025
6. Last date/time for receipt of bids : 17.00 hours of Dt.03.06.2025
7. Date and Time of Opening of Bid : 9.00 hours of Dt.04.06.2025
8. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-Procurement portal **https://tenderorissa.gov.in.**

**Sd./- Executive Officer Dhenkanal Municipality**

OIPR-13146/11/0033/2526

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## Odisha Rural Development & Marketing Society

*creating competence and values in rural Odisha*

Panchayati Raj and Drinking Water Department, Government of Odisha

ORMAS — SIRD & PR Campus, Unit - VIII, Bhubaneswar, Odisha-751012, India, Tel : 0674-2565870/71, Email : ormashq@gmail.com, Website : www.ormas.org

**No. : 1708** **Date : 23.05.2025**
File No. : ORMAS-MKT-MISC-0005-2025

**REQUEST FOR PROPOSAL (RFP)**

**Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market**

**No.CAD-539** : ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligible bidders through e-tender process for **"Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market"**. Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org/panchayat.odisha.gov.in/www.tendersodisha.gov.in** .The bid calendar under the end to end process are:

| Date of Issue of RFP | Date of Pre-Bid Meeting | Last Date for Submission of Bid | Date of Opening of Technical proposal | Date of Technical presentation and opening of financial proposal | Bid processing fee in Rs. | EMD in Rs. |
|---|---|---|---|---|---|---|
| 24.05.2025 | 31.05.2025 at 11.30 A.M. | 16.06.2025 at 12 Noon | 17.06.2025 at 11.30 A.M. | 18.06.2025 at 11.30 A.M. & 3.30 P.M. | 11,800/- including GST | 1,00,000/- |

The bidders must apply their proposal through e-tender process latest by 16.06.2025 at 12 Noon clearly mentioning "REQUEST FOR PROPOSAL **"Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market"**. The proposals received beyond the last date and time will be rejected without assigning any reason. In case of any further modification/ alteration/ amendment shall be published on the websites only. The authority reserves all the rights to reject any / all proposals at any stage without assigning any reason thereof.

OIPR-19004/11/0022/2526 **Sd./- Chief Executive Officer, ORMAS**

No.N-52

## Government of Odisha
## Directorate of Higher Secondary Education, Odisha

**Timeline for e-Admission into Higher Secondary Schools of the State for the Session 2025-26**

On-line applications are invited through SAMS for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O) and Shree Jagannath Sanskrit University, Puri, Odisha.

**Eligibility :**
Applicants must have passed the High School Certificate (HSC) Examination of the Board of Secondary Education (BSE), Odisha or its equivalent Boards.

**Procedure :**
- Applicants shall apply online by **registering** themselves on the SAMS portal (www.samsodisha.gov in)
- The applicants are advised to read the **Common Prospectus (CP)** carefully before filling the online Common Application Form (CAF).
- Applicants must retain the **print copy of** CAF and payment receipt after successful submission of the CAF for future reference.
- The **CAF** fee must be paid through online mode only (details available in CP)
- All relevant original documents are to be verified at the selected Higher Secondary School during the time of admission only.
- Application fees for **General Category is ₹200/-, for ST & SC Category is ₹100/-**.
- There is **no application fee** for Persons with Disabilities (PwD) with a **permanent disability certificate or a valid temporary disability certificate of 40% and above,** as well as for **transgender** individuals and orphans.

**N.B. Any claim (Reservation / Weightage / Relaxation) must be supplemented with relevant documents**

**Important Dates**

| SL.# | Activities | Datelines |
|---|---|---|
| 1) | Commencement of On-line Common Application Form (CAF) for admission into Class-XI in the SAMS Portal (www.samsodisha.gov.in) | 24.05.2025 (02.00 P.M.) |
| 2) | Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 30.06.2025 (11.45 P.M.) |
| 3) | Publication of the First Selection Merit List and downloading of Intimation Letter in the Student Login | 07.07.2025 (11.45 A.M.) |
| 4) | Reporting of First Selection applicants and admission updation at Higher Secondary Schools level | 08.07.2025 to 14.07.2025 (up to 06.00 P.M.) |
| 5) | Commencement of Class-XI | 24.07.2025 |

**For more details,**
**a) For information regarding the publication of other e-Admission activity datelines, please visit www.samsodisha.gov.in**
**b) Contact Sanjog Helpline (Toll Free) number 155335, 1800-345-6770, e-mail: sams.dhse@gov.in**

**Changes to the dateline (if occurs) will be notified in the newspapers & website as well.**

OIPR-11033/11/0013/2526

# ବିଜୟ ସହ ଦିଲ୍ଲୀ ଅଭିଯାନ ଶେଷ

**ଜୟପୁର,୨୪।୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ପୂର୍ବରୁ ପ୍ଲେଅଫ୍‌ରୁ ବିଦାୟ ନେଇଥିବା ଦିଲ୍ଲୀ ଏହି ବିଜୟ ସହ ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟରେ ୨୦୬ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୩୪ ବଲରେ ୫୩ (୫ ଚୌକା ଓ ୨ ଛକା), ମାର୍କସ ଷ୍ଟୋଇନିସ୍ ୧୬ ବଲରେ ୪୪ (୩ ଚୌକା ଓ ୪ ଛକା), ଜୋଶ ଇଙ୍ଗଲିସ ୧୨ ବଲରେ ୩୨ (୩ ଚୌକା ଓ ୨ ଛକା) ଓ ପ୍ରଭସିମରନ ସିଂ ୧୮ ବଲରେ ୨୮ (୪ ଚୌକା ଓ ୧ ଛକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁସ୍ତାଫିଜୁର ରହମାନ ୩ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଲୋକେଶ ରାହୁଲ ଓ କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିଙ୍କ ଓପନିଂ ଯୋଡ଼ି ଦିଲ୍ଲୀକୁ ୫୫ ରନର ଆରମ୍ଭ ଦେଇଥିଲା। ରାହୁଲ ୨୧ ବଲରେ ୩୫ (୬ ଚୌକା ଓ ୧ ଛକା) ଓ ଡୁ ପ୍ଲେସି ୨୩ (୨ ଚୌକା ଓ ୧ ଛକା) ରନ କରି କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଆଇପିଏଲ୍‌ରେ ପଦାର୍ପଣ କରିଥିବା ସେଦିକୁଲ୍ଲା ଅଟଳ ୨୨ (୨ ଛକା) ରନ କରି ଆଉଟ୍ ହୋଇଥିଲେ। କରୁନ ନାୟର ଓ ସମୀର ରିଜଭି ଚତୁର୍ଥ ଉଇକେଟରେ ୬୨ ରନ ଯୋଡ଼ିଥିଲେ।



ଶଟ୍ ଖେଳିବା ଅବସରରେ ସମୀର ରିଜ୍‌ଭି।

କରୁନ ୨୭ ବଲରେ ୫ ଚୌକା ଓ ୨ ଛକା ସହିତ ୪୪ ରନ କରି ଆଉଟ୍ ହୋଇଥିଲେ। ଏହାପରେ ରିଜଭିଙ୍କ ସହ ଟ୍ରିଷ୍ଟାନ ଷ୍ଟବ୍ସ ମିଶି ପଞ୍ଚମ ଉଇକେଟରେ ୫୩ ରନ ଯୋଡ଼ି ଦଳକୁ ଜିତାଇଥିଲେ। ରିଜ୍‌ଭି ୨୫ ବଲ୍‌ରେ ୩ ଚୌକା ଓ ୫ ଛକା ସହିତ ୫୮ ରନ୍ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ। ଦିଲ୍ଲୀ ୧୯.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୦୬/୮ (ଶ୍ରେୟସ ଆୟର-୫୩, ଜୋଶ ଇଙ୍ଗଲିସ-୩୨, ପ୍ରଭସିମରନ ସିଂ-୨୮, ମୁସ୍ତାଫିଜୁର ରହମାନ-୩/୩୩, ବିପ୍ରଜ ନିଗମ-୨/୩୮ କୁଲଦୀପ ଯାଦବ-୨/୩୯)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯.୩ ଓଭରରେ ୨୦୮/୪ (ସମୀର ରିଜଭି-୫୮*, କରୁନ ନାୟର-୪୪, ଲୋକେଶ ରାହୁଲ-୩୫, ହରପ୍ରୀତ ବ୍ରାର-୨/୪୧, ମାର୍କୋ ଜାନସେନ-୧/୪୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ-ଗୁଜରାଟ**

ସ୍ଥାନ: ଅହମଦାବାଦ

ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ-କୋଲକାତା**

ସ୍ଥାନ: ଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୫ | ୭ | ୧ | ୧୧ | -୦.୭୩୭ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ଇଂଲିଶ୍ ପ୍ରିମିୟର ଲିଗ୍‌ରେ ଓଡ଼ିଶା ଏଫ୍‌ସିର ରାହୁଲ




**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ଭାରତୀୟ ଫୁଟ୍‌ବଲ ପାଇଁ ଏକ ଖୁସିର ମୁହୂର୍ତ୍ତ। ଓଡ଼ିଶା ଏଫ୍‌ସିର ଡାଇନାମିକ୍ ୱିଙ୍ଗର ରାହୁଲ କେ.ପିଙ୍କୁ ଇଂଲିଶ ପ୍ରିମିୟର ଲିଗ୍ ପାୱାରହାଉସ୍ ୱେଷ୍ଟ ହାମ୍ ୟୁନାଇଟେଡ୍ ପୁରୁଷ ଦଳରୁ ଖେଳିବା ଲାଗି ଆମନ୍ତ୍ରଣ ମିଳିଛି। ଏଲିଟ୍ ୭ ବନାମ ୭ ଫୁଟ୍‌ବଲ ପ୍ରତିଯୋଗିତା ଦି ସକ୍କର ଟୁର୍ନାମେଣ୍ଟ (ଟିଏସ୍‌ଟି)ର ଗ୍ରୀଷ୍ମ ସଂସ୍କରଣରେ ସମଗ୍ର ବିଶ୍ୱରୁ ୪୮ଟି ଦଳ ଅଂଶଗ୍ରହଣ କରିବେ। ଏକ ଟପ୍ ଡିଭିଜନ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ପୁରୁଷ ଦଳରେ ଜଣେ ଭାରତୀୟ ଖେଳାଳି ପ୍ରତିନିଧିତ୍ୱ କରିବା ଭାରତୀୟ ଫୁଟ୍‌ବଲ ଇତିହାସରେ ପ୍ରଥମ। ଏହା କେବଳ ରାହୁଲଙ୍କ ବର୍ଦ୍ଧିତ କ୍ୟାରିୟର ନୁହେଁ ଅବା ଓଡ଼ିଶା ଏଫ୍‌ସି ପାଇଁ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ରାଜ୍ୟ ଓ ଭାରତୀୟ ଫୁଟ୍‌ବଲର ପରିଚୟ ସୃଷ୍ଟି କରିବ। ଯୁକ୍ତରାଷ୍ଟ୍ର ଆମେରିକାର ନର୍ଥ କାରୋଲିନା ଅନ୍ତର୍ଗତ ରାଲେଠାରେ ଏହି ଟୁର୍ନାମେଣ୍ଟ ଜୁନ୍ ୪ରୁ ୯ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ୟୁନାଇଟେଡ କିଙ୍ଗ୍‌ଡମ, ସ୍ପେନ, ସୁଇଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ଆଦି ଦେଶର ଖେଳାଳିମାନେ ଭାଗ ନେବେ। ବହୁ ତାରକା ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟରେ ବିଭିନ୍ନ ଦଳ ପକ୍ଷରୁ ଖେଳୁଥିବା ନାମୀ ଫୁଟ୍‌ବଲରଙ୍କ ମଧ୍ୟରେ ଲୁଇସ୍ ନାନି, ସର୍ଗିଓ ଆଗ୍ୱିରୋ ଓ ହୋପ୍ ସୋଲୋ ଅନ୍ୟତମ।

# ଇତିହାସ ସୃଷ୍ଟି କଲେ ଲେବାନନ୍‌ର ବେଞ୍ଜାମିନ



ବେଞ୍ଜାମିନ ହସନ

**ପ୍ୟାରିସ, ୨୪।୫ (ଏପି)**

ବେଞ୍ଜାମିନ ହସନ ଲେବାନନର ପ୍ରଥମ ଖେଳାଳି ହିସାବରେ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ଏହି ୩୦ବର୍ଷୀୟ ଖେଳାଳି କ୍ୱାଲିଫାଇଂର ଫାଇନାଲ ରାଉଣ୍ଡରେ ଜାପାନର ଜେମ୍ସ ଟ୍ରୋଟରଙ୍କୁ ୬-୨, ୭-୬(୫)ରେ ହରାଇ ଦେଇଛନ୍ତି। ଜର୍ମାନୀରେ ଜନ୍ମିତ ହସନ ପ୍ୟାରିସର କ୍ଲେ-କୋର୍ଟରେ କ୍ରମାଗତ ୩ଟି କ୍ୱାଲିଫାଇଂ ମ୍ୟାଚରେ ବିଜୟ ହାସଲ କରି ରୋଲାଣ୍ଡ ଗ୍ୟାରସରେ ସ୍ଥାନ ପାଇଛନ୍ତି। ବିଶ୍ୱର ୧୭୭ତମ ର୍‍ୟାଙ୍କିଂପ୍ରାପ୍ତ ହସନ ଫ୍ରେଞ୍ଚ ଓପନରେ ପ୍ରଥମ ଥର ଖେଳିବାକୁ ଯାଉଥିଲେ ମଧ୍ୟ ତାଙ୍କ ପାଇଁ ଟୁର୍ନାମେଣ୍ଟର କୋର୍ଟ ନୂଆ ନୁହେଁ। ଗତ ଗ୍ରୀଷ୍ମଋତୁରେ ସେ ପ୍ୟାରିସ ଅଲିମ୍ପିକ୍ସର ଟେନିସ ମ୍ୟାଚଗୁଡ଼ିକ ରୋଲାଣ୍ଡ ଗ୍ୟାରସର କ୍ଲେକୋର୍ଟରେ ଖେଳାଯାଇଥିଲା। ହସନ ପ୍ରଥମ ଖେଳାଳି ଭାବେ ଲେବାନନରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଥମ ରାଉଣ୍ଡରେ ସେ ଆମେରିକାର ଖ୍ରୀଷ୍ଟୋଫର ୟୁବ୍ୟାଙ୍କ୍ସଙ୍କୁ ହରାଇ ପ୍ରତିଯୋଗିତାର ଇତିହାସରେ ତାଙ୍କ ଦେଶ ପାଇଁ ପ୍ରଥମ ବିଜୟ ହାସଲ କରିଥିଲେ।

# ଖୋର୍ଦ୍ଧା ଜିଲା ସବ୍-ଜୁନିୟର ବାଳକ, ବାଳିକା ଚେସ୍ ୨୮ରୁ

**ଭୁବନେଶ୍ୱର,୨୪।୫(ଅନାଦି କର)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ (କେଡିସିଏ) ପକ୍ଷରୁ ଆସନ୍ତା ୨୮ ଓ ୨୯ ତାରିଖରେ କିଟ୍ ୟୁନିଭରସିଟିସ୍ଥିତି ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଖୋର୍ଦ୍ଧା ଜିଲା ସବ୍-ଜୁନିୟର ୧୫ ବର୍ଷରୁ ବାଳକ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ଆୟୋଜନ କରାଯିବ। ଏହି ପ୍ରତିଯୋଗିତା କେବଳ ଖୋର୍ଦ୍ଧା ଜିଲାର ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ। ଓଡ଼ିଶା ଚେସ୍ ଇତିହାସରେ ପ୍ରଥମ ଥର ପାଇଁ କୌଣସି ଜିଲା ରାଜ୍ୟ ବୟସ ବର୍ଗର ଚାମ୍ପିୟନଶିପ୍ ଲାଗି ଖେଳାଳି ଚୟନ କରିବା ପାଇଁ ଜିଲା ସ୍ତରରେ ବୟସ ବର୍ଗର ଚାମ୍ପିୟନଶିପ ଆୟୋଜନ କରୁଛି। ପ୍ରତ୍ୟେକ ବିଭାଗର ଟପ୍ ୪ ଖେଳାଳି ଖୋର୍ଦ୍ଧା ପକ୍ଷରୁ ଓଡ଼ିଶା ରାଜ୍ୟ ସବ୍-ଜୁନିୟର ଅଣ୍ଡର-୧୫ ବାଳକ, ବାଳିକା ଚାମ୍ପିୟନଶିପ୍‌ରେ ଭାଗ ନେବେ। ଉଭୟ ବିଭାଗର ଟପ୍ ୬ ଖେଳାଳିଙ୍କ ଲାଗି ୫ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ଲାଗି ୪୦୦ ଟଙ୍କାର ଏଣ୍ଟ୍ରି ଫି ରଖାଯାଇଛି। ଇଚ୍ଛୁକ ଖେଳାଳିମାନେ କେଡିସିଏ ସଦସ୍ୟ ସ୍ୱୟଂସୁ ସତ୍ୟକାମ, ଡ. ସୁଶାନ୍ତ ଷଡ଼ଙ୍ଗୀ ଓ ଦୀପକ ପାତ୍ରଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# ଲାକ୍ରା ଭାରତୀୟ ଜୁନିୟର ପୁରୁଷ ହକି ଦଳର ସହକାରୀ କୋଚ୍

**ନୂଆଦିଲ୍ଲୀ,୨୪।୫(ପି.ଟି.)**

ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତାବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶନିବାର କୁହାଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ।

ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୂହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ।




ବୀରେନ୍ଦ୍ର ଲାକ୍ରା

ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ୍‌ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା। ଲାକ୍ରାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ୨୦୧୨ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୬ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ରହିଛି।

# ଶ୍ରୀକାନ୍ତ ଫାଇନାଲରେ

**କୁଆଲାଲମ୍ପୁର, ୨୪।୫ (ପି.ଟି.)**

ଜାପାନର ୟୁଶି ଟାନାକାଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଭାରତର କିଡ଼ାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୬ବର୍ଷରେ ସେ ପ୍ରଥମ ଥର ଏକ ବିଡବ୍ଲ୍ୟୁଏଫ୍ ଇଭେଣ୍ଟର ଫାଇନାଲକୁ ଉନ୍ନୀତ ହୋଇପାରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୨୦୨୧ ବିଶ୍ୱ ଚାମ୍ପିୟନ ରୌପ୍ୟ ବିଜେତା ତାଙ୍କ ଅଭିଜ୍ଞତାର ଉପଯୋଗ ସହ ଆକ୍ରମଣାତ୍ମକ ପ୍ରଦର୍ଶନ କରି ବିଶ୍ୱର ୨୩ ନମ୍ବର ଖେଳାଳି ଟାନାକାଙ୍କୁ ୨୧-୧୯, ୨୪-୨୨ରେ ପରାସ୍ତ କରିଥିଲେ। ଗତଥର ୨୦୧୯ରେ ଇଣ୍ଡିଆ ଓପନରେ ସେ ଏକ ବିଡବ୍ଲ୍ୟୁଏଫ୍ ଟୁର୍ ଫାଇନାଲରେ ପ୍ରବେଶ କରି ରନର ଅପ୍ ହୋଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ଗତ କିଛି ସିଜନ ହେଲା ଫର୍ମ ଓ ଫିଟ୍‌ନେସ ସମସ୍ୟା ଦେଇ ଗତିକରି ଆସୁଥିଲେ। ଗତବର୍ଷ ସେ ବହୁ ମ୍ୟାଚ ଖେଳି ନ ଥିଲେ। ଏବେ କିନ୍ତୁ ସେ ଶାରୀରିକ ଦୃଷ୍ଟିରୁ ଫିଟ୍ ଅନୁଭବ କରୁଛନ୍ତି। ଗତ ମାସରେ ସେ ବହୁ ପରିଶ୍ରମ କରିଛନ୍ତି। ଫଳ ସ୍ୱରୂପ ଦୀର୍ଘଦିନ ପରେ ତାଙ୍କର ପ୍ରଦର୍ଶନ ନେଇ ସେ ସନ୍ତୁଷ୍ଟ ଅଛନ୍ତି। ଶ୍ରୀକାନ୍ତ ପ୍ରଥମ ଭାରତୀୟ ଭାବେ ୨୦୧୭ରେ ୪ଟି ବିଡବ୍ଲ୍ୟୁଏଫ୍ ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲା।

# ବ୍ଲୁସ୍ଆଇ ତାଲିମ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ନର୍ଥ ଇଷ୍ଟ ଜୋନ୍ ଦୃଷ୍ଟିବାଧିତ ଫୁଟବଲ ଖେଳରେ ଭାଗନେବାପାଇଁ ଓଡ଼ିଶାର ସାମାଜିକ ଅନୁଷ୍ଠାନ 'ବ୍ଲୁସ୍ଆଇ' ପକ୍ଷରୁ ୧୮ତାରିଖରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କର ତାଲିମ ଶିବିର ଆରମ୍ଭ ହୋଇଥିଲା। ଶନିବାର ଏହାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ଚିନ୍ମୟୀ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷୀ ଜୈନ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲୁସ୍ ଆଇର ସମ୍ପାଦକ ପିନା ନାୟକ ଓ ରାଜ୍ୟ ଯୁବ ପୁରସ୍କାର ପ୍ରାପ୍ତ ସମାଜସେବୀ ପ୍ରିୟବ୍ରତ ପଣ୍ଡା ପରିଚାଳନା କରିଥିଲେ । 'ବ୍ଲୁସଆଇ'ର ଅଧକ୍ଷ ତ୍ରିଲୋଚନ ବେଉରାଙ୍କ ସୂଚନା ଅନୁଯାୟି ଉକ୍ତ ଶିବିରରୁ ଚୟନ ହୋଇଥିବା ଉଭୟ ପୁରୁଷ ଓ ମହିଳା ଦୃଷ୍ଟିବାଧିତ ଫୁଟବଲ ଦଳ ପୁରୀ-କାମାକ୍ଷା ଟ୍ରେନ ଯୋଗେ ଆସାମର ଗୁଆହାଟୀଠାରେ ଆୟୋଜିତ ନର୍ଥଇଷ୍ଟ ଜୋନ ଟୁର୍ନାମେଣ୍ଟ ଖେଳିବା ପାଇଁ ଗସ୍ତ କରିଛି।




କର୍ମକର୍ତ୍ତାଙ୍କ ଗହଣରେ ତାଲିମ ଶିବିରରେ ଭାଗନେଇଥିବା ଦୃଷ୍ଟିବାଧିତା ଖେଳାଳିମାନେ।

# ମହିଳା ସିପକ୍‌ଟାକ୍ରୁ ଦଳକୁ ରୌପ୍ୟ, ପୁରୁଷ ଦଳକୁ ବ୍ରୋଞ୍ଜ ପଦକ

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

**ଭୁବନେଶର, ୨୪।୫ (ବିଜୟ ରଣା)**

ଦିଉଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ସିପକଟାକ୍ର ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିବା ବେଳେ ପୁରୁଷ ଦଳ (କ୍ୱାଡରେ) ବ୍ରୋଞ୍ଜ, ମହିଳା (କ୍ୱାଡରେ) ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଦିଉଠାରେ ୧୯ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଅନ୍ତିମ ଦିବସରେ ଓଡ଼ିଶାର ସିପକଟାକ୍ର ଦଳ ପଦକ ଜିତିବାରେ ସଫଳ ହୋଇଛି। ଓଡ଼ିଶା ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିପକ୍‌ଟାକ୍ର ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲା। ପୁରୁଷ ଦଳରେ ଆକାଶ ରେଙ୍ଗା, ବିକାଶ ରେଙ୍ଗା ,ଗୁରୁ ମାଝି, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଏବଂ ବୁଲୁ ପାତ୍ର ପ୍ରମୁଖ ସ୍ଥାନ ପାଇଥିବା ବେଳେ ସୁଶାନ୍ତ ଷଡଙ୍ଗୀ ମ୍ୟାନେଜର ଏବଂ ଲଲାଟେନ୍ଦୁ ସ୍ୱାଇଁ ଦଳର



ପଦକ ବିଜୟୀ ଖେଳାଳିମାନେ।

କୋଚ ରହିଥିଲେ। ସେହିପରି ମହିଳା ଦଳରେ ଏ. ଶ୍ରାବଣୀ, ସଙ୍ଗିତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଏବଂ ରାଇମଣି ଟୁଡୁ ଖେଳାଳି ଭାବେ ଭାଗ ନେଇଥିବା ବେଳେ ଲକ୍ଷ୍ମୀପ୍ରିୟା ନାୟକ କୋଚ୍ ଏବଂ ସ୍ୱାରିକା ଦାଶ ଟିମ୍ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳର ସଫଳତା ପାଇଁ ଓଡ଼ିଶା କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଶା ସିପକଟାକ୍ର ଦଳର ରାଜ୍ୟ ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ,ବରିଷ୍ଠ ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ହାପି ଜର୍ଣି

**ପାଠପଢ଼ା ହେଉ କି ଜବ୍, ଚାପ ଭିତରୁ କିଛି ସମୟ ଫାଙ୍କା ମିଳିଲେ ବୁଲାବୁଲି କରିବାକୁ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। ହେଲେ ଇଚ୍ଛା ଥିଲେ ସୁଦ୍ଧା କେତେଜଣ ଗାଡ଼ିରେ ବସିବାମାତ୍ରେ ବାନ୍ତି ଡରରେ ବୁଲିବା ଖୁସି ସାଉଣ୍ଟିବାରୁ ହୁଅନ୍ତି ବଞ୍ଚିତ, ଯାହାକୁ ମୋଶନ୍ ସିକ୍‌ନେସ୍ ବୋଲି କୁହାଯାଇଥାଏ। ତେବେ ଏହି ସମସ୍ୟାର ବି ପ୍ରତିକାର କରାଯାଇ ଯାତ୍ରାକୁ ସୁଖମୟ କରାଯାଇପାରିବ...**



ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ଫାଙ୍କା ମିଳିଲେ ନୂଆ ନୂଆ ସ୍ଥାନକୁ ବୁଲିଯିବାର ଆନନ୍ଦ ନେବାକୁ ସମସ୍ତେ ଚାହାନ୍ତି। ବିଶେଷକରି ଅଧିକାଂଶ ଯୁବତୀଯୁବକ ସାଙ୍ଗସାଥୀ ହୁଅନ୍ତୁ ଅବା ପରିବାର ସହ ଏହି ଖୁସିର ମୁହୂର୍ତ୍ତ ବିତେଇବାକୁ ଅପେକ୍ଷା କରି ରହିଥା'ନ୍ତି। ହେଲେ ଗାଡ଼ିରେ ଯାତ୍ରା କରିବା ସମୟରେ ଅନେକଙ୍କଠାରେ ମୋଶନ୍ ସିକ୍‌ନେସ୍ ସମସ୍ୟା ଦେଖାଯାଇଥାଏ। ଏହା ଏକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା, ଯେଉଁଥିରେ ଗାଡ଼ିରେ ବସିବାମାତ୍ରେ ହଠାତ୍ ଦେହ ଖରାପ ଲାଗିବା, ମୁଣ୍ଡ ବୁଲାଇବା ଏବଂ ବାନ୍ତିହେବା ଭଳି ଲକ୍ଷଣ ଦେଖାଦେଇଥାଏ। କାହା କାହାଠାରେ ଏହି କଷ୍ଟ ବୁଲିବାର ମଜା ଫିକା କରିଦିଏ ତ ଆଉ କେହି ବାନ୍ତି ଡରରେ ମନ ମାରି ଘରେ ରହି ବୁଲିବା ଖୁସିରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟା କେତେକଙ୍କଠାରେ ବଂଶଗତ ମଧ୍ୟ ହୋଇପାରେ। ହେଲେ ଏହାକୁ ଡରି କେଉଁଆଡ଼େ ନ ଯିବା କିମ୍ବା କଷ୍ଟରେ ଯାତ୍ରା କରି ବୁଲିବାର ମଜାକୁ ଏଞ୍ଜୟ ନ କରିବା ଏହାର ସମାଧାନ ନୁହେଁ। କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ଏହି ସମସ୍ୟା ଦୂର କରାଯାଇପାରିବ...

**ଡାକ୍ତରଙ୍କ ପରାମର୍ଶ:** ଯାହାର ମୋଶନ ସିକ୍‌ନେସ୍ ସମସ୍ୟା ବେଶି ଥାଏ, ତେବେ ଯାତ୍ରା ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇନେବା ଭଲ। ଏହାଦ୍ୱାରା ନିଶ୍ଚିତ ରୂପେ ଉପକୃତ ହେବେ। ହେଲେ ମନେରଖନ୍ତୁ, ଗାଡ଼ିରେ ବାନ୍ତି ହେବା ଭୟରେ ଅନେକେ ଯେକୌଣସି ବାନ୍ତି ମେଡିସିନ୍ ଖାଇଦିଅନ୍ତି, ଯାହାକି ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ କେବେକେବେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ିପାରେ।

**ରଖନ୍ତୁନି ପେଟ ଖାଲି:** ବୁଲିବାକୁ ଯିବା ପୂର୍ବରୁ ବାନ୍ତି ହେବା ଭୟରେ ଅନେକେ ଖାଲିପେଟରେ ରହିଥା'ନ୍ତି। କାରଣ ଖାଇବା ପରେ ଗାଡ଼ିରେ ବସିଲେ ବାନ୍ତି ହୁଏ, ଏଭଳି ଧାରଣା ସେମାନଙ୍କ ମନରେ ରହିଛି। ହେଲେ ଆପଣ ଜାଣନ୍ତି କି ଖାଲିପେଟରେ ରହିବା ଦ୍ୱାରା ଗ୍ୟାସ୍, ଏସିଡିଟି ହୋଇ ମୁଣ୍ଡ ବୁଲେଇବା ସହ ଅଧିକ ବାନ୍ତି ହୋଇଥାଏ। ତେଣୁ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ ତେଲ ମସଲା, ଛଣାଛଣି ଭଳି ଖାଦ୍ୟ ନ ଖାଇ କିଛି ହାଲୁକା ଖାଦ୍ୟ, ଫଳ ଆଦି ଖାଇବା ଅବା ଜୁସ୍ ପିଇବା ଲାଭଦାୟକ।

**ଘରୋଇ ଉପଚାର ଲାଭଦାୟକ:** ଗାଡ଼ିରେ ଯିବାବେଳେ ପାଖରେ ଅଦା ଖଣ୍ଡ ଏବଂ ଲେମ୍ବୁ ରଖନ୍ତୁ। ବାନ୍ତି ଲାଗିବା ମାତ୍ରେ ଏହାକୁ ଖାଆନ୍ତୁ। ଏଥିରେ ଥିବା ଆଣ୍ଟିଏମିଟିକ୍ ଗୁଣ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଆଦି ଦୂର କରିବାରେ ସାହାଯ୍ୟ କରିଥାଏ। ମୋଶନ୍ ସିକ୍‌ନେସ୍ ଥିଲେ ଯାତ୍ରା ପୂର୍ବରୁ ଅଦା ଚା ପିଇବା ଲାଭଦାୟକ ହୋଇଥାଏ। ଅନେକଙ୍କଠାରେ ଗାଡ଼ିର ଧୂଆଁ, ପେଟ୍ରୋଲ୍, ଡିଜେଲ୍ ଆଦିର ଗନ୍ଧ ମଧ୍ୟ ବାନ୍ତିର କାରଣ ସାଜିଥାଏ। ଏମିତିରେ ଲେମ୍ବୁ ଶୁଙ୍ଘିବା ଦ୍ୱାରା ବାନ୍ତି ହୋଇ ନ ଥାଏ।





**ଆପଣାନ୍ତୁ ମ୍ୟୁଜିକ୍ ଥେରାପି:** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ, ତେବେ ଏହି ସମସ୍ୟା ଦୂର କରିବା ଲାଗି ଭଲ ଗୀତ ଶୁଣନ୍ତୁ। ନିଜ ମନକୁ ଭୁଲାଇବା ଲାଗି ଏହା ସବୁଠୁ ଭଲ ମାଧ୍ୟମ। କାରଣ ଗୀତରେ ଯାଦୁକରି ଶକ୍ତି ରହିଛି। ତେଣୁ ଏହାକୁ ମ୍ୟୁଜିକ୍ ଥେରାପି ଭଳି ବ୍ୟବହାର କରାଯାଏ। ଏପରି କଲେ ଆପଣଙ୍କ ଧ୍ୟାନ ଗୀତ ଆଡ଼କୁ ଯିବ ଏବଂ ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ଆଦି ସମସ୍ୟା ଦୂର ହୋଇଯିବ।

**ଖୋଲା ରଖନ୍ତୁ ଗ୍ଲାସ୍:** ଗାଡ଼ିର ଗ୍ଲାସ୍ ବନ୍ଦ କରି ଏସି ଲଗାଇ ଅଧିକ ସମୟ ବସିବା ଦ୍ୱାରା ବି ବାନ୍ତି ହୋଇଥାଏ, ଏମିତିରେ ଆପଣ କିଛି ସମୟ ଗ୍ଲାସ ଖୋଲା ରଖିପାରିବେ। ବାହାର ଖୋଲା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ମଧ୍ୟ ବାନ୍ତି ହୋଇ ନ ଥାଏ।

**ଓଲଟା ବସନ୍ତୁ ନାହିଁ:** ଯାତ୍ରାବେଳେ ବାନ୍ତି ନ ହେବା ଲାଗି ଆଗକୁ ମୁହଁ କରି ଆଗ କିମ୍ବା ମଝି ସିଟ୍‌ରେ ବସନ୍ତୁ। କାରଣ ଗାଡ଼ି ଭିତରେ ରାସ୍ତାର ବିପରୀତ ଦିଗକୁ ମୁହଁ କରି କିମ୍ବା ବଡ଼ ଗାଡ଼ିର ପୂରା ପଛ ସିଟ୍‌ରେ ବସିଲେ ମୋଶନ୍ ସିକ୍‌ନେସ୍ ହୋଇ ବାନ୍ତି ହେବାର ଆଶଙ୍କା ବେଶି।

**ପର୍‌ଫ୍ୟୁମ୍ ଓ ଏୟାର୍ ଫ୍ରେଶନର୍ ପକାନ୍ତୁନି:** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ, ତେବେ ଟାଇଟ୍ କିମ୍ବା ସିନ୍ଥେଟିକ୍ ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। ଏହା ବଦଳରେ ହାଲୁକା ଏବଂ ଢିଲା କଟନ ପୋଷାକ ପିନ୍ଧିବା ସବୁଠୁ ଭଲ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ କିମ୍ବା ଗାଡ଼ି ଭିତରେ କଡ଼ା ସୁଗନ୍ଧଯୁକ୍ତ ଏୟାର ଫ୍ରେଶନର୍ ପକାନ୍ତୁ ନାହିଁ।







## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ମେ .......... ତାରିଖରେ ପାଳନ କରାଯାଏ ?
୨– ଗ୍ଲୋବାଲ୍ ଇଲେକ୍‌ଟ୍ରିକ୍ ଭେଇକଲ୍ ଆଉଟ୍‌ଲୁକ୍ ୨୦୨୫ ........... ପକ୍ଷରୁ ପ୍ରକାଶ ପାଇଛି ?
୩– ଭାରତର ପ୍ରଥମ ଭିଷ୍ଟାଡୋମ୍ ଜଙ୍ଗଲ ସଫାରି ଟ୍ରେନ୍ ......... ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ?
୪– ଲଣ୍ଡନ ମୁସ୍‌ଲିମ୍ ଲିଗ୍ ୧୯୦୮ ............... ପ୍ରତିଷ୍ଠା କରିଥିଲେ ?
୫– ପାଙ୍ଗସାଉ ପାସ୍ ......... ଦୁଇ ଦେଶ ମଧ୍ୟରେ ରହିଛି ?

## ଗତ ଥରର ଉତ୍ତର

୧ ୧୩୦
୨ କର୍ଣ୍ଣାଟକ
୩ ଆଟ୍‌ଲାସ୍ ଟେଲିସ୍କୋପ୍
୪ ଚେନାବ
୫ ଗୌତମ

## ଉତ୍ତରଦାତା



ସୁଦିପ୍ତା ପଟ୍ଟନାୟକ, ଭୁବନେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ୧୦

### ସବୁଠୁ ଧନୀ ଫୁଟବଲ୍ କ୍ଲବ୍–୨୦୨୫




୧. ରିଏଲ୍ ମାଡ୍ରିଡ୍........................................ ୬.୫୩ ବିଲିଅନ୍ ଡଲାର
୨. ମାଞ୍ଚେଷ୍ଟର ୟୁନାଇଟେଡ୍ .............................. ୬.୦୯ ବିଲିଅନ୍ ଡଲାର
୩. ବାର୍ସେଲୋନା ........................................ ୫.୭୧ ବିଲିଅନ୍ ଡଲାର
୪. ଲିଭର୍‌ପୁଲ୍ ........................................... ୫.୫୯ ବିଲିଅନ୍ ଡଲାର
୫. ବାୟେର୍ନ ମନିଚ୍ ...................................... ୫.୨୧ ବିଲିଅନ୍ ଡଲାର
୬. ମାଞ୍ଚେଷ୍ଟର ସିଟି ..................................... ୫.୧୬ ବିଲିଅନ୍ ଡଲାର
୭. ଆର୍ସେନାଲ୍ ........................................... ୪.୪୯ ବିଲିଅନ୍ ଡଲାର
୮. ପ୍ୟାରିସ୍ ସେଣ୍ଟ ଜର୍ମାନିଆନ୍.............................. ୪.୨୬ ବିଲିଅନ୍ ଡଲାର
୯. ଟେଟ୍ଟେନହାମ୍ ହଟ୍‌ସ୍ପର୍ ................................. ୩.୬୮ ବିଲିଅନ୍ ଡଲାର
୧୦. ଚେଲ୍‌ସା ............................................ ୩.୫୭ ବିଲିଅନ୍ ଡଲାର

# ମଡେଲିଂ ନିଶାରେ ସରିତା




ପିଲାଟି ଦିନରୁ ମଡେଲିଂ, ଅଭିନୟ ଓ ନୃତ୍ୟ ପ୍ରତି ତାଙ୍କର ଖୁବ୍ ଆଗ୍ରହ। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଭଳି ଅଞ୍ଚଳରେ କୌଣସି ତାଲିମ ନେବାର ସୁବିଧା ନ ଥିବାରୁ ସେ ୟୁଟ୍ୟୁବ୍‌ରୁ ଶିକ୍ଷା ଲାଭ କରି ଜାତୀୟ ସ୍ତରୀୟ ମଡେଲର ହୋଇ ପାରିଛନ୍ତି। ସେ ହେଉଛନ୍ତି ରାୟଗଡ଼ା ଜିଲା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶାନ୍ତି କୁମାରୀ କମଣ୍ଡଳ ଏବଂ ରାଜନ ରବିଙ୍କ ବଡ଼ ଝିଅ ରାଜନ ସରିତା ରାଣୀ। ରାୟଗଡ଼ାସ୍ଥିତ ମହର୍ଷି ବିଦ୍ୟାମନ୍ଦିରରେ ସ୍କୁଲ ପାଠପଢ଼ା ସାରିବା ପରେ ସେ ମିତ୍ସ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ା ଶେଷ କରି ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ। ତେବେ ପେସାରେ ଇଞ୍ଜିନିୟର ହୋଇଥିଲେ ହେଁ ନିଶା ତାଙ୍କର ମଡେଲିଂ ଏବଂ ଅଭିନୟ କରିବା। ତେଣୁ ସେ ବିଶାଖାପାଟଣାରେ ଚାକିରି କରିବା ସମୟରେ ୨୦୧୯ରୁ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ । ଇଣ୍ଡିଆନ୍ ସିଲ୍କ କୁଇନ୍ ପ୍ରତିଯୋଗିତାରେ ବିଜୟ ମୁକୁଟ ହାସଲ କରିଥିଲେ। ନିକଟରେ ଏପ୍ରିଲ ୧୩ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ବ୍ୟୁଟି କଣ୍ଟେଷ୍ଟର ମିସ୍ ଗର୍ଜିଅସ୍ ଅଫ୍ ଇଣ୍ଡିଆରେ ନର୍ଥ ଇଣ୍ଡିଆ ୱିନର ହୋଇପାରିଛନ୍ତି। ଅଭିନୟରେ ଦକ୍ଷତା ଥିବାରୁ ତାଙ୍କୁ ନିକଟରେ ଏକ ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ସିରିୟଲରେ ଅଭିନୟ ଅଫର ମିଳିଛି। ଦକ୍ଷିଣ ଓଡ଼ିଶାରୁ ଅନେକ ଫିଲ୍ମର ଅଫର ଆସିଥିଲେ ବି ନିଜ ପସନ୍ଦର କ୍ୟାରେକ୍ଟର ମିଳିଲେ ସେ ଅଭିନୟ କରିବେ ବୋଲି କହିଛନ୍ତି। ସେ କୁହନ୍ତି ଝିଅ ଭାବେ ଆକ୍ଟିଂ କରିବା, ମଡେଲିଂ କରିବା ମୋ ପାଇଁ ଏତେଟା ସହଜ ନ ଥିଲା। କାରଣ ଆମ ଅଞ୍ଚଳରେ ଝିଅମାନେ ମଡର୍ନ ଡ୍ରେସ୍ ପିନ୍ଧିବା, ମଡେଲିଂ କରିବାକୁ ଲୋକେ ଟାହିଟାପରା କରନ୍ତି। ବାପା ମଧ୍ୟ ପ୍ରଥମେ ଏଥିପାଇଁ ସହମତି ଜଣାଇ ନ ଥିଲେ, କିନ୍ତୁ ମା' କାହା କଥା ନ ଶୁଣି ମତେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେଇଛନ୍ତି। ସେ ହିଁ ମୋତେ ମିସ୍ ୟୁନିଭର୍ସ ଓଡ଼ିଶା ହେବା ପାଇଁ ସ୍ୱପ୍ନ ଦେଖାଇଛନ୍ତି। ଚାକିରି କରୁଥିଲେ ବି ଅଭିନୟ ଆଉ ମଡେଲିଂରେ ଆତ୍ମସନ୍ତୋଷ ମିଳୁଛି ବୋଲି କହୁଥିବା ସରିତା ଭବିଷ୍ୟତରେ ଚାକିରି ଏବଂ ମଡେଲିଂ ଉଭୟକୁ ଭଲ ଜାରି ରଖିବି ବୋଲି ପ୍ରକାଶ କରିଛନ୍ତି।

– ଭାଗ୍ୟଶ୍ରୀ ମିଶ୍ର

## ଜାଣନ୍ତୁ ଦୁନିଆ

# ବାଇଚଢ଼େଇ



**ବାଇଚଢ଼େଇ ଆକାରରେ ଖୁବ୍ ଛୋଟ ସତ, ହେଲେ ତା'ର କୁନି ଥଣ୍ଟରେ ବସା ବାନ୍ଧିବାର କୌଶଳ ବଡ଼ ବଡ଼ ବୈଜ୍ଞାନିକଙ୍କୁ ବି ଚକିତ କରିଥାଏ। ଜାଣନ୍ତୁ ଏହି ଚଢ଼େଇ ସମ୍ପର୍କରେ କିଛି ରୋଚକ ତଥ୍ୟ...**

▸▸ ବାଇଚଢ଼େଇକୁ ବାୟାଚଢ଼େଇ ଏବଂ ଇଂଲିଶ୍‌ରେ ୱିଭର ବାର୍ଡ ବୋଲି କୁହାଯାଇଥାଏ, ଯାହାର ଅର୍ଥ ବୁଣାକାର ଚଢ଼େଇ। ଦ୍ରୁତ ଜଙ୍ଗଲକ୍ଷୟ ଯୋଗୁ ଧୀରେ ଧୀରେ ଏମାନଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ତେବେ ସବୁଠୁ ନିଆରା ଏବଂ ଜଟିଳ ବସା ବାନ୍ଧିବା ଶୈଳୀ ପାଇଁ ପକ୍ଷୀମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି।

▸▸ ଏହି ଚଢ଼େଇ ମୁଖ୍ୟତଃ ଦକ୍ଷିଣ ଏବଂ ଦକ୍ଷିଣ–ପୂର୍ବ ଏସିଆରେ ଅଧିକ ଦେଖାଯାଆନ୍ତି।

▸▸ ଏହି ଚଢ଼େଇ ସାଧାରଣତଃ ଦଳ ଦଳ ହୋଇ ରହିଥା'ନ୍ତି ଏବଂ ସାମୂହିକ ଭାବେ ବସା ବାନ୍ଧିବାକୁ ପସନ୍ଦ କରନ୍ତି। ବସା ପାଇଁ ସେମାନେ ଘାସ, ପତ୍ର, ଗଛ ଛାଲ ବ୍ୟବହାର କରିଥା'ନ୍ତି।

▸▸ ସେମାନଙ୍କ ବସା ଏତେ ମଜଭୁତ ହୋଇଥାଏ ଯେ, ଝଡ଼ବର୍ଷାରେ ବି ଆଦୌ ନଷ୍ଟ ହୋଇ ନ ଥାଏ। ଏପରିକି ତା' ଭିତରକୁ ପାଣି ମଧ୍ୟ ସହଜରେ ପଶି ପାରି ନ ଥାଏ।

▸▸ ସାଧାରଣତଃ ଅଣ୍ଡିରା ଚଢ଼େଇ ମାଈ ଚଢ଼େଇକୁ ଆକର୍ଷିତ କରିବା ଲାଗି ଖୁବ୍ ମଜଭୁତ ଭାବେ ବସା ବୁଣିଥାଆନ୍ତି ଏବଂ ତାଙ୍କୁ ଡାକିଥା'ନ୍ତି, ଯାହାକୁ ପ୍ରଜନନ ନୃତ୍ୟ ବୋଲି କୁହାଯାଇଥାଏ। ମାଈ ଚଢ଼େଇ ଏହାକୁ ଭଲ ଭାବେ ନିରୀକ୍ଷଣ କରିବା ପରେ ପସନ୍ଦ ଆସିଲେ ସେଥିରେ ଏକାଠି ରହିବା ପାଇଁ ସହମତି ଦେଇଥା'ନ୍ତି।

▸▸ ବାଇଚଢ଼େଇ ବର୍ଷରେ ଥରେ ମାତ୍ର ପ୍ରଜନନ କରିଥାଆନ୍ତି। ମା' ଚଢ଼େଇ ଏକାଥରକେ ୨–୪ଟି ଅଣ୍ଡା ଦେଇଥାଏ ଏବଂ ଯାହାକୁ ଉଷୁମାଇ ଛୁଆ ଫୁଟିବା ଲାଗି ପ୍ରାୟ ୧୪ ଦିନ ସମୟ ଲାଗିଥାଏ।

▸▸ ଏହି ଚଢ଼େଇ ଧାନ, ଗହମ, ବିଭିନ୍ନ ମଞ୍ଜି, ଫଳ ଏବଂ କଅଁଳ ପତ୍ର ଆଦି ଖାଇଥାଆନ୍ତି। ଚାଷ ଜମିରେ ଥିବା ହାନିକାରକ ଛୋଟ ଛୋଟ ପୋକ ମଧ୍ୟ ଖାଇଥାଆନ୍ତି, ଯେଉଁଥିପାଇଁ ଏମାନଙ୍କୁ କୃଷକ ମିତ୍ର ବୋଲି କୁହାଯାଏ।

▸▸ ସହଜରେ ଖାଦ୍ୟ ଏବଂ ପାଣି ମିଳିବା ଉଦ୍ଦେଶ୍ୟରେ ନଦୀ, ନାଳ, ବଡ଼ ପୋଖରୀ କୂଳରେ ଥିବା ଗଛରେ ଏମାନେ ବସାବାନ୍ଧି ରହିବାକୁ ପସନ୍ଦ କରନ୍ତି।

▸▸ ବାଇଚଢ଼େଇ ପରିବେଶ ପାଇଁ ଖୁବ୍ ଉପକାରୀ। କାରଣ ଏମାନେ ଖାଦ୍ୟ ସଂଗ୍ରହ ଲାଗି ଥଣ୍ଟରେ ମଞ୍ଜି ଆଣିବା ବେଳେ ତାହା ଏଣେତେଣେ ପଡ଼ିବା ଦ୍ୱାରା ନୂଆ ଗଛ ସୃଷ୍ଟି ହୋଇଥାଏ।

▸▸ ବାଇଚଢ଼େଇ ବସା ସମ୍ପର୍କରେ ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଛି। ଏମିତିକି ବାସ୍ତୁକଳା ଏବଂ ଶିଳ୍ପକଳାରେ ମଧ୍ୟ ଏହାକୁ ପ୍ରେରଣା ଭାବେ ଗ୍ରହଣ କରାଯାଇଛି। ଅଧିକନ୍ତୁ ଏହାକୁ ପ୍ରାକୃତିକ ଇଂଜିନିୟରିଂର ମାନ୍ୟତା ଦିଆଯାଇଛି। ଭାରତୀୟ ଲୋକକଥାରେ ବାଇଚଢ଼େଇକୁ ପରିଶ୍ରମ, ଧୈର୍ଯ୍ୟ ଏବଂ ଉଦ୍ୟମର ପ୍ରତୀକ ଭାବେ ବର୍ଣ୍ଣନା କରାଯାଇଛି।






# ଇଂଲଣ୍ଡ ଟୁର: ଭାରତୀୟ ଟେଷ୍ଟ ଦଳ ଘୋଷଣା

**ମୁମ୍ବାଇ,୨୪।୫(ପି.ଟି.)**

ଷ୍ଟାର ଯୁବ ବ୍ୟାଟର ଶୁବମନ ଗିଲଙ୍କୁ ଶନିବାର ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ଦିଆଯାଇଛି। ଆସନ୍ତା ମାସ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଗିଲଙ୍କ ନେତୃତ୍ୱରେ ୧୮ ଜଣିଆ ଅନଭିଜ୍ଞ ଦଳ ଘୋଷଣା କରାଯାଇଛି। ଉଇକେଟ କିପର ରିଷଭ ପନ୍ତଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି।

୨୦୨୦ରେ ପଦାର୍ପଣ କରିଥିବା ଗିଲ୍ ଏପର୍ଯ୍ୟନ୍ତ ୩୨ ଟେଷ୍ଟ ଖେଳି ୩୫ ଆଭରେଜରେ ୧,୮୯୩ ରନ କରିଛନ୍ତି। ଏଥିରେ ୫ ଶତକ ଓ ୭ ଅର୍ଦ୍ଧଶତକ ରହିଛି। ସେହିଭଳି ୨୦୧୮ରେ ପଦାର୍ପଣ କରିଥିବା ୨୭ ବର୍ଷୀୟ ପନ୍ତଙ୍କ ନିକଟରେ ଗିଲଙ୍କଠାରୁ ଅଧିକ ଅଭିଜ୍ଞତା ରହିଛି। ସେ ୪୩ ଟେଷ୍ଟରେ ୪୨.୧୧ ଆଭରେଜରେ ୬ ଶତକ ଓ ୧୫ ଅର୍ଦ୍ଧଶତକ ସହିତ ୨,୯୪୮ ରନ କରିଛନ୍ତି।

ଭାରତୀୟ ଟେଷ୍ଟ ଦଳରେ ଅଭିଜ୍ଞ ପେସର ମହମ୍ମଦ ଶାମିଙ୍କୁ ସ୍ଥାନ ମିଳିନାହିଁ। ସେ ଏବେ ଲମ୍ବା ଟେଷ୍ଟ ସିରିଜ୍ ଲାଗି ଯଥେଷ୍ଟ ଫିଟ୍ ନ ଥିବା ଅଗରକର କହିଛନ୍ତି। ଭାରତୀୟ ଦଳରେ ବାମହାତୀ ଯୁବ ବ୍ୟାଟର ବି ସାଇ ସୁଦର୍ଶନ ଓ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ପ୍ରଥମ ଥର ପାଇଁ ସ୍ଥାନ ମିଳିଛି। ଏ ସମ୍ପର୍କରେ ଅଗରକର ପ୍ରକାଶ କରିଛନ୍ତି ଯେ, ସାଇଙ୍କୁ ଆଇପିଏଲ୍ ପ୍ରଦର୍ଶନ ଆଧାରରେ ଚୟନ କରାଯାଇ ନାହିଁ। ତାଙ୍କ ପାଖରେ ଶୀର୍ଷ ସ୍ତରର କ୍ରିକେଟରେ ସଫଳ ହେବା ପାଇଁ ଉଚିତ ଟେମ୍ପରାମେଣ୍ଟ ରହିଥିବା ଦେଖାଇଛନ୍ତି। ଆମେ ତାଙ୍କ ଉପରେ କିଛି ସମୟ ହେଲା ନଜର ରଖିଥିଲୁ। ସୁଦର୍ଶନ ଚଳିତ ଆଇପିଏଲରେ ଗୁଜରାଟ ଟାଇଟନ୍ସ ପାଇଁ ଏପର୍ଯ୍ୟନ୍ତ ୧୩ ମ୍ୟାଚ୍‌ରେ ୫୩ ଆଭରେଜରେ ସର୍ବାଧିକ ୬୩୮ ରନ କରିଛନ୍ତି। ସୁଦର୍ଶନଙ୍କ ଭଳି ଅର୍ଶଦୀପ ସିଂଙ୍କ ପାଖରେ କାଉଣ୍ଟି କ୍ରିକେଟର ଖେଳିବାର ଅଭିଜ୍ଞତା ରହିଛି।

୩୪ ବର୍ଷୀୟ ସିନିୟର ବ୍ୟାଟର କରୁନ ନାୟର ୮ ବର୍ଷ ପରେ ଭାରତୀୟ ଦଳକୁ ଫେରିଛନ୍ତି। ସେ ଅନ୍ତିମ ଥର ୨୦୧୭ରେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଭାରତ ପାଇଁ ଟେଷ୍ଟରେ ଦ୍ୱିତୀୟ ବ୍ୟାଟର ଭାବେ ତ୍ରିଶତକ ହାସଲ କରିବା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା।

ଗିଲ୍‌ଙ୍କ ବ୍ୟତୀତ ଯଶପ୍ରୀତ ବୁମରା ନେତୃତ୍ୱ ଦୌଡ଼ରେ ଥିଲେ। କିନ୍ତୁ ତାଙ୍କ ଫିଟନେସ ସମସ୍ୟା ରହିଥିବାରୁ ଗିଲ୍‌ଙ୍କୁ ଅଗ୍ରାଧିକାର ଦିଆଯାଇଛି। ବୁମରାଙ୍କ ସମ୍ପର୍କରେ ଅଗରକର କହିଛନ୍ତି, ମୋ ମତରେ ସେ ସମସ୍ତ ୫ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ। ଫିଜିଓ ଓ ଡକ୍ଟରମାନେ ଦେଇଥିବା ପରାମର୍ଶ ଆଧାରରେ ସେ ୩ରୁ ୪ ମ୍ୟାଚ୍ ଖେଳିପାରନ୍ତି। ସିରିଜ୍ ଆଗକୁ ବଢ଼ିବା ସହ ତାଙ୍କ ଶରୀର କାର୍ଯ୍ୟବୋଝ କେଉଁ ଭଳି ଗ୍ରହଣ କରୁଛି, ଆମେ ତାହା ଦେଖିବୁ। କହିବା ଦରକାର ନାହିଁ ଯେ, ସେ ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ।

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟର, ନୀତିଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ ଓ କୁଲଦୀପ ଯାଦବ।


ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ।

## ଗିଲ୍ ଅଧିନାୟକ, ଶାମି ଅନଫିଟ୍, ସୁଦର୍ଶନ-ଅର୍ଶଦୀପ ନୂଆ ମୁହଁ

# ଖାଲିସ୍ଥାନ ପୂରଣ କରିବା କଷ୍ଟକର: ଅଗରକର


ଖବରଦାତା ସମ୍ମିଳନୀରେ ଅଜିତ ଅଗରକର(ଡାହାଣ) ଓ ଶିବ ସୁନ୍ଦର ଦାସ।

**ମୁମ୍ବାଇ,୨୪।୫(ପି.ଟି.)**

ଟେଷ୍ଟ କ୍ରିକେଟରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ଯୋଗୁ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବା କଷ୍ଟକର। କିନ୍ତୁ ଏହା ଅନ୍ୟ ଖେଳାଳିଙ୍କ ଲାଗି ଏକ ସୁଯୋଗ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ରୋହିତ ପ୍ରଥମେ ମେ ୭ ତାରିଖରେ ଅବସର ଘୋଷଣା କରିବା ପରେ କୋହଲି ୧୨ ତାରିଖରେ ଲମ୍ବା ଫର୍ମାଟକୁ ଅଲବିଦା କରିଥିଲେ।

ଯେତେବେଳେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳି ଅବସର ନିଅନ୍ତି, ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର ହୁଏ। କିନ୍ତୁ ଏହା ଅନ୍ୟ ଖେଳାଳିଙ୍କ ଲାଗି ସୁଯୋଗ। କୋହଲି ଏପ୍ରିଲ ଆରମ୍ଭରୁ ବିସିସିଆଇକୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ସେ ନିଜ ପାଇଁ ଯେଉଁ ମାପଦଣ୍ଡ ଧାର୍ଯ୍ୟ କରିଥିଲେ, ସେହି ଅନୁଯାୟୀ ପ୍ରଦର୍ଶନ କରିପାରିବେ ନାହିଁ ବୋଲି ଚିନ୍ତା କରିଥିଲେ। ଏଣୁ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ। କହିବା ଦରକାର ନାହିଁ ଯେ, ରୋହିତ ଦଳର ନେତୃତ୍ୱ ନେଉଥିଲେ। ସେମାନେ ପଛରେ ସେମାନଙ୍କ ଲିଗାସି ଛାଡ଼ି ଯାଇଛନ୍ତି। ଗତ ଦୁଇ ମାସ ହେଲା ମୁଁ ସେମାନଙ୍କ ସହ ଯୋଗାଯୋଗରେ ଥିଲି ବୋଲି ଅଗରକର କହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ